CMYK

* Vol.- 46, Issue No. 82
* Monday,22 June 2026
* ସୋମବାର,୨୨ ଜୁନ ୨୦୨୬
* Bhubaneswar
* Price: Rs. 2.00, Page: 8
* R.N.I. Regd. No. 34063/81
* Postal Regd. No. BN/79/18-20
* Online Portal: www.dinalipi.com
* Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

* https://www.facebook.com/dinalipilive
* www.youtube.com/@dinalipilive
* https://www.dinalipi.com
* https://www.dinalipiepaper.com
* https://www.dinalipi.in
* twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


# ୩ ଆୟୁର୍ବେଦିକ ମେଡିକାଲ କଲେଜ ଖୋଲିବ

## ଚେତନାର ବିକାଶ ପାଇଁ ଯୋଗ ଅମୂଲ୍ୟ ଉପହାର: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୧।୬: ରାଜ୍ୟର ୩ ଜିଲ୍ଲାରେ ଖୋଲିବ ନୂଆ ଆୟୁର୍ବେଦିକ ମେଡିକାଲ କଲେଜ। ଅନ୍ତର୍ଜାତୀୟ ଯୋଗ ଦିବସରେ ଏହି ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ରାଜ୍ୟରେ ସ୍ୱାସ୍ଥ୍ୟ ସେବା ଏବଂ ପ୍ରାଚୀନ ଚିକିତ୍ସା ପଦ୍ଧତିର ବିକାଶ ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ସ୍ପଷ୍ଟ କରି ମୁଖ୍ୟମନ୍ତ୍ରୀ ଏହି ଘୋଷଣା କରିଛନ୍ତି । ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମଠାରେ ଜୁନ ୨୧ ଅନ୍ତର୍ଜାତୀୟ ଯୋଗ ଦିବସ-୨୦୨୬ ପାଳିତ ହୋଇ ଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗକୁ ଶାରୀରିକ, ବୌଦ୍ଧିକ ଓ ଆଧ୍ୟାତ୍ମିକତାର ଏକ ଅପୂର୍ବ ସଙ୍ଗମ ଭାବେ ଅଭିହିତ କରିଛନ୍ତି । ଏନେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଯୋଗ କୌଣସି ନିର୍ଦ୍ଦିଷ୍ଟ ଧର୍ମ ମଧ୍ୟରେ ସୀମିତ ନୁହେଁ, ବରଂ ମାନବ ଚେତନାର ବିକାଶ ପାଇଁ ଏକ ବିଶ୍ୱବ୍ୟାପୀ ଅମୂଲ୍ୟ ଉପହାର । ଚଳିତ ବର୍ଷ ଯୋଗ ଦିବସର ବିଷୟବସ୍ତୁ ରହିଛି 'ନୀରୋଗ ଓ ସୁସ୍ଥ ଜୀବନ ପାଇଁ ଯୋଗ' । ବୟସ ବଢ଼ିବା ସହିତ ଶରୀରରେ ଦେଖା ଦେଉଥିବା ବିଭିନ୍ନ ଶାରୀରିକ ଓ ମାନସିକ ଆହ୍ୱାନ, ଯେପରିକି ଉଚ୍ଚ ରକ୍ତଚାପ, ମଧୁମେହ, ଚିନ୍ତା ଓ ଏକାକୀପଣର ସହଜ ସମାଧାନ ଯୋଗ ଏବଂ ପ୍ରାଣାୟାମ ମାଧ୍ୟମରେ ସମ୍ଭବ । ରାଜ୍ୟର ବୟୋଜ୍ୟେଷ୍ଠ ନାଗରିକମାନଙ୍କ ସୁସ୍ଥତା ସମାଜ ପାଇଁ ଏକ ଅମୂଲ୍ୟ ସମ୍ପଦ । ଆଜିର ଡିଜିଟାଲ ଯୁଗରେ ମୋବାଇଲ ଓ ସୋସିଆଲ ମିଡିଆରେ ବ୍ୟସ୍ତ ରହୁଥିବା ଯୁବପିଢ଼ିଙ୍କୁ ମାନସିକ ଚାପମୁକ୍ତ ରହିବା ପାଇଁ ପ୍ରତିଦିନ ଅତିକମରେ ୨୦ ରୁ ୩୦ ମିନିଟ୍ ଯୋଗ କରିବାକୁ ସେ ପରାମର୍ଶ ଦେଇଛନ୍ତି ।ମୁଖ୍ୟମନ୍ତ୍ରୀ ଆୟୁଷ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ଗଜପତି, ମାଲକାନଗିରି ଏବଂ ରାୟଗଡ଼ା ଜିଲ୍ଲାରେ ୩ଟି ନୂଆ ଆୟୁର୍ବେଦିକ ମେଡିକାଲ କଲେଜ ପ୍ରତିଷ୍ଠା କରାଯିବ ବୋଲି ଘୋଷଣା କରିଛନ୍ତି । ଜଟଣୀର ବିଂଝଗିରିଠାରେ ୨୦ ଏକର ପରିମିତ ଅଞ୍ଚଳରେ ଏକ ଅତ୍ୟାଧୁନିକ ଯୋଗ ଓ ନେଚରୋପାଥି ଅନୁଷ୍ଠାନ ନିର୍ମାଣ ଚାଲିଥିବା ବେଳେ, ରାଇରଙ୍ଗପୁରଠାରେ କେନ୍ଦ୍ରୀୟ ଆୟୁର୍ବେଦିକ ମେଡିକାଲ କଲେଜର ଶିଳାନ୍ୟାସ କରାଯାଇଛି । ସରକାର ଯୋଗକୁ ବିଦ୍ୟାଳୟ ପାଠ୍ୟକ୍ରମ ଓ ଜନସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ସାମିଲ କରିବା ପାଇଁ ପଦକ୍ଷେପ ନେଉଥିବା ସେ ସୂଚନା ଦେଇଛନ୍ତି । ଆୟୋଜିତ କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ପ୍ରମୁଖ ଉପସ୍ଥିତ ଥିଲେ ।



# ତୁଷାର ମେହେଟାଙ୍କ କାର୍ଯ୍ୟକାଳ ବଢ଼ିଲା

## ପୁନଃନିଯୁକ୍ତିକୁ ଅନୁମୋଦନ କଲା ଏସିସି



ନୂଆଦିଲ୍ଲୀ,୨୧।୬: କ୍ୟାବିନେଟର ନିଯୁକ୍ତି କମିଟି (ଏସିସି) ବରିଷ୍ଠ ଓକିଲ ତୁଷାର ମେହେଟାଙ୍କୁ ସଲିସିଟର ଜେନେରାଲ(ଏସଜି) ଭାବରେ ଆଉ ତିନି ବର୍ଷ ପାଇଁ ପୁନଃନିଯୁକ୍ତିକୁ ଅନୁମୋଦନ କରିଛି ।କାର୍ମିକ, ସାଧାରଣ ଅଭିଯୋଗ ଏବଂ ପେନସନ ମନ୍ତ୍ରଣାଳୟ, କାର୍ମିକ ଏବଂ ତାଲିମ ବିଭାଗ ଦ୍ୱାରା ଜୁନ୍ ୨୦ ତାରିଖରେ ଜାରି ହୋଇଥିବା ଏକ ବିଜ୍ଞପ୍ତି ଅନୁଯାୟୀ ମେହେଟାଙ୍କ ନୂତନ କାର୍ଯ୍ୟକାଳ ୧ ଜୁଲାଇ, ୨୦୨୬ ରୁ କାର୍ଯ୍ୟକାରୀ ହେବ ।ଏସିସିର ଏହି ଅନୁମୋଦନ ସହିତ, ମେହେଟା କେନ୍ଦ୍ର ସରକାରଙ୍କ ଦ୍ୱିତୀୟ ସର୍ବୋଚ୍ଚ ଆଇନ ଅଧିକାରୀ ଭାବରେ ଜାରି ରହିବେ ଏବଂ ନୂତନ କାର୍ଯ୍ୟକାଳ ଶେଷ ସୁଦ୍ଧା ଏସଜି ଭାବରେ ଏଗାର ବର୍ଷ ପୂରଣ କରିବାକୁ ଯାଉଛନ୍ତି । ମେହେଟା ୨୦୧୮ ରେ ଏସଜି ପଦ ଗ୍ରହଣ କରିଥିଲେ ଏବଂ ଏହି ପଦବିରେ ଆଠ ବର୍ଷ ପୂରଣ କରିସାରିଛନ୍ତି, ଯାହା ତାଙ୍କୁ ଭାରତର ନ୍ୟାୟିକ ଇତିହାସରେ ସବୁଠାରୁ ଦୀର୍ଘ ସମୟ ପାଇଁ ସେବା ପ୍ରଦାନ କରୁଥିବା ଏସଜି ମଧ୍ୟରୁ ଅନ୍ୟତମ କରିଛି ।ଏସିସି ଏହାର ବିଜ୍ଞପ୍ତିରେ ୩ ଜଣ ଅତିରିକ୍ତ ସଲିସିଟର ଜେନେରାଲ - ସୂର୍ଯ୍ୟପ୍ରକାଶ ଭି. ରାଜୁ, ଏନ. ଭେଙ୍କଟରମଣ, ସୁଶ୍ରୀ ଐଶ୍ୱର୍ଯ୍ୟା ଭାଟିଙ୍କୁ ଜୁଲାଇ ୩୦ ରୁ ଅଧିକ ତିନି ବର୍ଷ ପାଇଁ ପୁନଃନିଯୁକ୍ତି ପ୍ରଦାନ କରିଛି ।

## କଲେଜ ଛାତ୍ରୀ ମୃତ୍ୟୁ ମାମଲା,ଅଭିଯୁକ୍ତ ଗିରଫ

# ଶାରୀରିକ ସଂପର୍କ ରଖିବା ପାଇଁ ଦେଉଥିଲେ ମାନସିକ ନିର୍ଯାତନା !

ଗଂଜାମ,୨୧।୬: ଗଞ୍ଜାମ ଜିଲ୍ଲା ଗୋଳନ୍ଥରା ଥାନା ଅନ୍ତର୍ଗତ ଏକ ଘରୋଇ ଇଞ୍ଜିନିୟରିଂ କଲେଜର ଜଣେ ଛାତ୍ରୀଙ୍କ ମୃତ୍ୟୁ ଘଟିଛି । ତେବେ ଏହା ଏକ ଆତ୍ମହତ୍ୟା ଘଟଣା ଅଭିଯୋଗ ପରିପ୍ରେକ୍ଷୀରେ ସେହି କଲେଜର ପୂର୍ବତନ ଛାତ୍ର ବିଶ୍ୱଜିତ ଜେନାଙ୍କ ନାଁରେ ମାମଲା ରୁଜୁ କରିଛି ପୋଲିସ। ବିଶ୍ୱଜିତ ଶାରିରୀକ ଓ ମାନସିକ ନିର୍ଯାତନା ଦେବାରୁ ଛାତ୍ରୀ ଜଣଙ୍କ ଆତ୍ମହତ୍ୟା କରିଥିବା ତାଙ୍କ ମାମୁ ଥାନାରେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଅଭିଯୁକ୍ତ ଜଣେ ମନ୍ତ୍ରୀଙ୍କ ପୁତୁରା ହୋଇଥିବାରୁ ପୁଲିସ ଏକପାଖିଆ ଭାବେ ତଦନ୍ତ କରୁଥିବା ଅଭିଯୋଗ ହୋଇଥିଲା ।ବିଶ୍ୱଜିତଙ୍କ ସହିତ ମୃତ ଛାତ୍ରୀଙ୍କର ୪ ବର୍ଷ ହେଲା ସଂପର୍କ ଥିଲା ।ମୃତକାଙ୍କ ମାମୁ ଗୋଳନ୍ଥରା ଥାନାରେ ଦେଇଥିବା ଏତଲାରେ ଉଲ୍ଲେଖ କରିଛନ୍ତି ଯେ ବିଶ୍ୱଜିତ ତାଙ୍କ ଭାଣିଜୀଙ୍କ ସହିତ ପ୍ରେମ ସଂପର୍କରେ ରହିଥିବା ବେଳେ ବାରମ୍ବାର ଶାରୀରିକ ସଂପର୍କ ରଖିବା ପାଇଁ ବାଧ କରି ମାନସିକ ନିର୍ଯାତନା ଦେଇ ଆସୁଥିଲେ। ଗତକାଲି ଭୋର ପ୍ରାୟ ୫ଟାରେ ମୃତକଙ୍କ ଭଉଣୀ ସକାଳୁ ଉଠି ଦେଖିବା ବେଳକୁ ସେ ଝୁଲନ୍ତା ଅବସ୍ଥାରେ ରହିଥିଲେ ବୋଲି କୁହାଯାଇଛି । ତାଙ୍କୁ ଉଦ୍ଧାର କରି ନିଆଯାଇଥିଲା ବ୍ରହ୍ମପୁର ଏମକେସିଜିକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷିତ କରିଥିଲେ। ମାମଲାରେ ଅଭିଯୁକ୍ତ ବିଶ୍ୱଜିତଙ୍କୁ ଅଟକ ରଖି ପଚରାଉଚୁରା ପରେ ଗିରଫ କରାଯାଇଛି।



# ବୀମା ଚୁକ୍ତିରେ ତୃତୀୟ ପକ୍ଷ ଦାବି ଗ୍ରହଣୀୟ ନୁହେଁ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୧।୬: ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି ଯେ ବୀମା ଚୁକ୍ତି କେବଳ ବୀମାଗ୍ରାହକ ଏବଂ ବୀମା କମ୍ପାନୀ ମଧ୍ୟରେ ଥିବା ଏକ ବ୍ୟକ୍ତିଗତ ଚୁକ୍ତି। ଏହି ଚୁକ୍ତି ଆଧାରରେ କୌଣସି ତୃତୀୟ ପକ୍ଷ କ୍ଷତିପୂରଣ କିମ୍ବା ବୀମା ଦାବି କରିପାରିବେ ନାହିଁ। ଜଷ୍ଟିସ୍ ସନ୍ଦୀପ ମେହେଟା ଓ ଜଷ୍ଟିସ୍ ବିଜୟ ବିଶ୍ନୋଇଙ୍କ ଖଣ୍ଡପୀଠ ଜୁନ୍ ୧୮ ତାରିଖରେ ଏହି ରାୟ ପ୍ରଦାନ କରି କେ. ପ୍ରକାଶଚନ୍ଦଙ୍କ ଆବେଦନକୁ ଖାରଜ କରିଥିଲେ। ଋଣ ପରିଶୋଧରେ ବିଫଳ ହେବା ପରେ ଋଣଗ୍ରାହୀ ଗାଡ଼ିଟିକୁ ତାଙ୍କ ନିକଟରେ ସମର୍ପଣ କରିଥିଲେ ଏବଂ ପରେ ଏହା ଚୋରି ହୋଇଯାଇଥିବା ଦାବି କରି ଫାଇନାନ୍ସର ପ୍ରକାଶଚନ୍ଦ ବୀମା କ୍ଷତିପୂରଣ ମାଗିଥିଲେ ।ଖଣ୍ଡପୀଠ କହିଥିଲେ ଯେ ଏହି ମାମଲାରେ ଆବେଦନକାରୀ ଓ ବୀମାଗ୍ରାହକଙ୍କ ମଧ୍ୟରେ ଥିବା ଚୁକ୍ତି କିମ୍ବା ଏଣ୍ଡୋର୍ସମେଣ୍ଟକୁ "ହାୟର-ପର୍ଚେଜ୍", "ହାଇପୋଥେକେସନ୍" କିମ୍ବା "ଲିଜ୍" ଚୁକ୍ତି ଭାବେ ସ୍ପଷ୍ଟ କରାଯାଇନଥିଲା। ଅଦାଲତ କହିଥିଲେ ଯେ ଜାତୀୟ ଉପଭୋକ୍ତା ବିବାଦ ନିରାକରଣ କମିଶନ ଠିକ୍ ଭାବରେ ନିଷ୍କର୍ଷ କରିଥିଲେ ଯେ ଫାଇନାନ୍ସର ପ୍ରକାଶଚନ୍ଦ ଏବଂ ବୀମା କମ୍ପାନୀ ମଧ୍ୟରେ କୌଣସି "ପ୍ରିଭିଟି ଅଫ୍ କଣ୍ଟ୍ରାକ୍ଟ" ନ ଥିଲା। କାରଣ, ଚୁକ୍ତିଟି କେବଳ ଫାଇନାନ୍ସର ଓ ବୀମାଗ୍ରାହକଙ୍କ ମଧ୍ୟରେ ଥିଲା ଏବଂ ସେଥିରେ ବୀମା କମ୍ପାନୀ ପକ୍ଷଭୁକ୍ତ ନ ଥିଲା। ସୁପ୍ରିମକୋର୍ଟ ଆହୁରି ଲକ୍ଷ୍ୟ କରିଥିଲେ ଯେ ବୀମାଗ୍ରାହକ ପ୍ରକୃତରେ ଗାଡ଼ିଟିକୁ ଫାଇନାନ୍ସରଙ୍କୁ ସମର୍ପଣ କରିଥିବାର କୌଣସି ଦସ୍ତାବିଜ ଆବେଦନକାରୀ ଦାଖଲ କରିନଥିଲେ। ସେହିପରି, କଥିତ ଚୋରି ଘଟଣାର ସ୍ଥାନ, ତାରିଖ ଓ ସମୟ ସମ୍ପର୍କିତ ସ୍ପଷ୍ଟ ବିବରଣୀ ମଧ୍ୟ ସେ ଦେଇପାରିନଥିଲେ, ଯାହା ତାଙ୍କ ଦାବିର ବିଶ୍ୱସନୀୟତା ଉପରେ ପ୍ରଶ୍ନ ସୃଷ୍ଟି କରିଥିଲା ।ଖଣ୍ଡପୀଠ ସ୍ପଷ୍ଟ କରିଥିଲେ ଯେ ଆଇନ ଅନୁଯାୟୀ ବୀମା ଚୁକ୍ତି କେବଳ ବୀମାଗ୍ରାହକ ଓ ବୀମା କମ୍ପାନୀ ମଧ୍ୟରେ ଥିବା ଏକ ବ୍ୟକ୍ତିଗତ ଚୁକ୍ତି ଏବଂ କୌଣସି ତୃତୀୟ ପକ୍ଷ ଏହା ଅଧୀନରେ ଦାବି କରିପାରିବେ ନାହିଁ।



# କଲ୍ୟାଣସିଂହପୁର ଭିଡ଼ହିଂସା ମାମଲା: ରେଡ୍ ଫ୍ଲାଗ୍ ନିର୍ଦ୍ଦେଶ

**ପୁରୁଷଶୂନ୍ୟ ହୋଇପଡ଼ିଛି ଇନ୍ତାଲିଗୁଡ଼ା !**

**ଆବଶ୍ୟକ ପଡ଼ିଲେ, ଦିଲ୍ଲୀ ଯିବ ପୋଲିସ**

ଭୁବନେଶ୍ୱର/ରାୟଗଡ଼ା,୨୧।୬: ରାୟଗଡ଼ା କଲ୍ୟାଣସିଂହପୁର ଭିଡ଼ ହିଂସା ମାମଲାର ଗୁରୁତ୍ୱ ଦୃଷ୍ଟିରୁ ଏହାକୁ ରେଡ୍ ଫ୍ଲାଗ୍ ଅନ୍ତର୍ଭୁକ୍ତ କରାଯାଇଛି । ମାମଲାକୁ ରେଡ ଫ୍ଲାଗ୍ ଅନ୍ତର୍ଭୁକ୍ତ କରିବାକୁ କ୍ରାଇମ ଏଗେନେଷ୍ଟ ୱିମେନ ବା ସିଏଡବ୍ଲୁକୁ ମନିଟରିଂ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସିଏଡବ୍ଲୁ ଏଡିଜି ଏସ ସାଇନିଙ୍କ ନେତୃତ୍ୱରେ ଏକ ଟିମ୍ ରାୟଗଡ଼ା ଯିବ। ଆବଶ୍ୟକ ପଡ଼ିଲେ, ଦିଲ୍ଲୀ ଯାଇ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ପୁଲିସ ଡିଜି ୱାଇ ବି ଖୁରାନିଆ। ମାମଲାର ଗୁରୁତ୍ୱ ଦୃଷ୍ଟିରୁ ଏହାକୁ ରେଡ୍ ଫ୍ଲାଗ୍ ଅନ୍ତର୍ଭୁକ୍ତ କରିବା ପାଇଁ ରାୟଗଡା ପୁଲିସ୍ ପ୍ରସ୍ତାବ ଦେଇଥିଲା । ଘଟଣାକୁ ନେଇ ଏକାଧିକ ମାମଲା ରୁଜୁ ହୋଇଛି। ଏହି ହିଂସାକାଣ୍ଡ ପରେ ଇନ୍ତାଲିଗୁଡ଼ା ଗାଁରେ ଭୟର ପରିବେଶ ସୃଷ୍ଟି ହୋଇଛି। ଗିରଫଦାରି ଭୟରେ ବହୁ ବାସିନ୍ଦା ଗାଁ ଛାଡ଼ି ପଳାଇଯାଇଥିବାରୁ ଗାଁଟି ପ୍ରାୟ ଜନଶୂନ୍ୟ ହୋଇପଡ଼ିଛି। ଗ୍ରାମଟି ଏକ ପ୍ରକାର ପୁରୁଷଶୂନ୍ୟ ହୋଇପଡ଼ିଛି। ପୋଲିସର ସାଇବର ଟିମ୍ ଏହି ଭିଡିଓ ପ୍ରଚାରରେ ଜଡିତ ଲୋକଙ୍କୁ ଚିହ୍ନଟ କରିବାରେ ଲାଗିଛି। ଘଟଣାରେ ଆହତ ହୋଇଥିବା ୨ ଜଣ ସ୍ୱେଚ୍ଛାସେବକ ଧୀରେଧୀରେ ସୁସ୍ଥ ହେଉଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ଠାରେ ପିଲାଚୋରି ସନ୍ଦେହରେ ଘଟିଥିବା ଭିଡ଼ ହିଂସା ଘଟଣାର ଗୁରୁତ୍ୱ ଏବଂ ସମ୍ବେଦନଶୀଳତାକୁ ଦୃଷ୍ଟିରେ ରଖି ରାଜ୍ୟ ପୋଲିସ ଡିଜି ଏହି ମାମଲାକୁ ତୁରନ୍ତ 'ରେଡ୍ ଫ୍ଲାଗ୍' ଅନ୍ତର୍ଭୁକ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଦକ୍ଷିଣ-ପୂର୍ବାଞ୍ଚଳ ଡିଆଇଜି ଅଖିଳେଶ୍ୱର ସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଘଟଣାର ତଦନ୍ତ ଜାରି ରହିଛି।

## ବିଧାନସଭା ସ୍ଥାୟୀ କମିଟି ପ୍ରସଙ୍ଗ: ରାଜ୍ୟପାଳଙ୍କ ଦ୍ୱାରସ୍ଥ ହେଲେ ବିରୋଧୀ

ଭୁବନେଶ୍ୱର,୨୧।୬: ତିନି ମାସ ହେବ କାର୍ଯ୍ୟକାଳ ଶେଷ ହୋଇଥିଲେ ବି ବିଧାନସଭାର ବିଭିନ୍ନ ନୂଆ କମିଟି ଗଠନ ହୋଇପାରିନାହିଁ । ନୂଆ କମିଟି ଗଠନ ହୋଇପାରୁନଥିବାରୁ ବିଧାୟକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ରାଜ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁ ଉପରେ ସମୀକ୍ଷା ହୋଇପାରୁନାହିଁ । ବିଧାନସଭାର ବିଭିନ୍ନ କମିଟି ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା ହୋଇଥାଏ । ସରକାରଙ୍କ ବିଭିନ୍ନ କାର୍ଯ୍ୟ ଓ ଯୋଜନାକୁ ସଠିକ ଭାବେ କାର୍ଯ୍ୟକାରୀ କରିବାକୁ ସୁପାରିସ କରାଯାଏ । କିନ୍ତୁ ମାର୍ଚ୍ଚ ୩୧ ପରଠାରୁ ସ୍ଥାୟୀ କମିଟି ଗଠନ ହୋଇନଥିବାରୁ ରାଜ୍ୟପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ବିରୋଧୀ । ରାଜ୍ୟପାଳଙ୍କୁ ଚିଠି ଲେଖି ହସ୍ତକ୍ଷେପ ଲୋଡ଼ିଛନ୍ତି ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ । ଚିଠିରେ ଦର୍ଶାଇଛନ୍ତି, କମିଟିଗୁଡ଼ିକ ଗଠନ ନ ହେବାରୁ ଜନତାଙ୍କ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗର ସମୀକ୍ଷା ଓ ଆଲୋଚନା ପ୍ରଭାବିତ ହେଉଛି । ତେଣୁ ତୁରନ୍ତ କମିଟି ଗଠନ ପାଇଁ ବାଚସ୍ପତିଙ୍କୁ ନିର୍ଦ୍ଦେଶ ଦେବାକୁ ରାଜ୍ୟପାଳଙ୍କୁ ଅପିଲ କରିଥିବା ଏକ ସୂତ୍ରରୁ ପ୍ରକାଶ।

# ଅଦାଲତରେ ସତ୍ୟପାଠ ଦାଖଲ ପାଇଁ ଏସଓପି



ଭୁବନେଶ୍ୱର,୨୧।୬:ବହୁ ମାମଲାରେ ଅଦାଲତଙ୍କ ନିର୍ଦ୍ଦେଶ ପାଳନରେ ବିଳମ୍ବ ଏବଂ ନିର୍ଦ୍ଧାରିତ ସମୟ ମଧ୍ୟରେ ସତ୍ୟପାଠ ଦାଖଲ ନ ହେବା ଫଳରେ ସମ୍ପୃକ୍ତ ସଚିବ ଓ ବରିଷ୍ଠ ଅଧିକାରୀମାନଙ୍କୁ ବ୍ୟକ୍ତିଗତ ଭାବେ ଅଦାଲତରେ ହାଜର ହେବାକୁ ପଡ଼ିଥାଏ । ଏ ପରିପ୍ରେକ୍ଷୀରେ ସତ୍ୟପାଠ ଦାଖଲ ପାଇଁ ନୂଆ ଏସଓପି ଜାରି କରାଯାଇଛି। ରାଜ୍ୟ ସରକାରଙ୍କ ଏହି ପଦକ୍ଷେପ ଫଳରେ ପ୍ରତିମାସରେ ସଚିବସ୍ତରୀୟ ସମୀକ୍ଷା ହେବ । କୌଣସି ନୋଟିସ କିମ୍ବା ଅଦାଲତୀ ଆଦେଶ ମିଳିବାର ସର୍ବାଧିକ ୧୯ ଦିନ ମଧ୍ୟରେ ସତ୍ୟପାଠ ଦାଖଲ ସମ୍ପୂର୍ଣ୍ଣ ନିର୍ଦ୍ଦେଶ ରହିଛି। ପ୍ରଥମ ୨୪ ଘଣ୍ଟାରେ ଲିଗାଲ ସେଲ୍ ନୋଟିସକୁ ନୋଡାଲ ଅଫିସରଙ୍କ ନିକଟକୁ ପଠାଇବେ ।ପରବର୍ତ୍ତୀ ୨୪ ଘଣ୍ଟା ମଧ୍ୟରେ ନୋଡାଲ ଅଫିସର ଶାଖା ଅଧିକାରୀଙ୍କୁ ମାମଲାର ଦାୟିତ୍ୱ ପ୍ରଦାନ କରିବେ ।ଶାଖା ଅଧିକାରୀ ୭ ଦିନ ମଧ୍ୟରେ ଆବଶ୍ୟକ ଦସ୍ତାବିଜ, ଘଟଣାକ୍ରମ ଓ ତଥ୍ୟ ସଂଗ୍ରହ କରି ଲିଗାଲ ସେଲ୍‌କୁ ପଠାଇବେ। ପରବର୍ତ୍ତୀ ୪ ଦିନରେ ପାରାୱାରି କମେଣ୍ଟ, ଡ୍ରାଫ୍ଟ ଉତ୍ତର ଓ ଆନୁଷଙ୍ଗିକ ଦସ୍ତାବିଜ ପ୍ରସ୍ତୁତ କରାଯିବ ।ଏଜି କିମ୍ବା ସରକାରୀ ଓକିଲଙ୍କ ସହ ଆଲୋଚନା ପାଇଁ ସମୟ ନିର୍ଦ୍ଧାରଣ୍ ୫ ଦିନ ମଧ୍ୟରେ ସତ୍ୟପାଠର ଚୂଡ଼ାନ୍ତ ଖସଡ଼ା ପ୍ରସ୍ତୁତ ହେବ। ଏସଓପିରେ ଏଭଳି କେତେକ ନିୟମ ଉପରେ ଗୁରୁତ୍ୱ ଦିଆଯାଇଛି।

# ଆମୋନିଆ ଗ୍ୟାସ ଲିକ୍: ୨ ଓଡ଼ିଆ ସମେତ ୭ ମୃତ

* ୩ଜଣ ଅଧିକାରୀଙ୍କ ତାମିଲନାଡୁ ଗସ୍ତ
* ୨ ଲକ୍ଷ ଟଙ୍କା କ୍ଷତିପୂରଣ ଘୋଷଣା କଲେ ତାମିଲନାଡୁ ସରକାର
* ଦୁଃଖ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ



ଚେନ୍ନାଇ/ଭୁବନେଶ୍ୱର,୨୧।୬: ତାମିଲନାଡୁର ତିରୁଭଲ୍ଲୁର ଜିଲାରେ ରବିବାର ଏକ ସି-ଫୁଡ୍ (ସାମୁଦ୍ରିକ ଖାଦ୍ୟ) ରପ୍ତାନି କାରଖାନାରେ ଆମୋନିଆ ଗ୍ୟାସ ଲିକ୍ ହେବା ଯୋଗୁ ଏକ ବଡ଼ ଦୁର୍ଘଟଣା ଘଟିଛି। ଏଥିରେ ୭ ଜଣଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୨ ଓଡ଼ିଆ କର୍ମଚାରୀ ଥିବା ଜଣାପଡ଼ିଛି। ସେମାନେ ହେଲେ ଜୁମାଣି ଓ ମାଳତି। ୪୦ରୁ ଅଧିକ ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ପେରିୟାପାଲାୟମ୍ ନିକଟ କନ୍ନିଗାଇପେର ସ୍ଥିତ 'ସେଣ୍ଟ ପିଟର୍ସ ପଲ୍ ସି-ଫୁଡ୍ସ ଏକ୍ସପୋର୍ଟସ୍' କାରଖାନାରେ ଏହି ଦୁଃଖଦ ଘଟଣା ଘଟିଛି ।୨୧ ଜୁନ୍ ସକାଳେ, ଶ୍ରମିକମାନେ କାମ କରୁଥିବାବେଳେ, ହଠାତ୍ ଆମୋନିଆ ଗ୍ୟାସ୍ ଲିକ୍ ହୋଇଥିଲା। ଏହି କାରଣରୁ ଅନେକ ଶ୍ରମିକ ନିଃଶ୍ୱାସ ପ୍ରଶ୍ୱାସ ନେବାରେ ଅସୁବିଧା ଅନୁଭବ କରିବା ଆରମ୍ଭ କରିଥିଲେ। ଆମୋନିଆ ଗ୍ୟାସ୍ ଲିକ୍ ଯୋଗୁଁ ୭ ଜଣ ମହିଳା ପ୍ରଭାବିତ ହୋଇ ମୃତ୍ୟୁବରଣ କରିଥିଲେ। ଗ୍ୟାସ ଲିକ୍ ହେବା ସୂଚନା ମିଳିବା ମାତ୍ରେ ଅରକ୍କୋନମ୍ ସ୍ଥିତ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳର ୪ର୍ଥ ବାଟାଲିୟନ ମୁଖ୍ୟାଳୟକୁ ଆଲର୍ଟ କରାଯାଇଥିଲା। ପରେ ଚେନ୍ନାଇରୁ ୩୦ ଜଣିଆ ଏକ ବିଶେଷ ଏନଡିଆରଏଫ ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏନଡିଆରଏଫ କର୍ମୀମାନେ ନିଜ ସହ ପର୍ସନାଲ ପ୍ରୋଟେକ୍ଟିଭ୍ ଇକ୍ୱିପମେଣ୍ଟ କିଟ୍, ଗ୍ୟାସ ଚିହ୍ନଟ କରୁଥିବା ଡିଭାଇସ୍ ଆଣି ଯୁଦ୍ଧକାଳୀନ ଭିତ୍ତିରେ ସେଠାରେ ଉଦ୍ଧାର କାର୍ଯ୍ୟ କରିଥିଲେ। ଘଟଣାକୁ ଗମ୍ଭୀରତାର ସହ ନେଇ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଜୋସେଫ୍ ବିଜୟ ଏକ ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଓଡ଼ିଶା ସରକାର ଏହି ଅଭାବନୀୟ ଘଟଣା ସଂପର୍କରେ ଅବଗତ ହୋଇଛନ୍ତି। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ନିଜର ତାମିଲନାଡୁ ସମକକ୍ଷଙ୍କ ସହିତ କଥା ହୋଇଛନ୍ତି। ଏହା ପରେ ଓଡ଼ିଶାର ୩ଜଣ ଅଧିକାରୀଙ୍କୁ ତାମିଲନାଡୁ ତିରୁଭଲ୍ଲୁର ଅଭିମୁଖେ ପଠାଇଛନ୍ତି। ଏହି ଅଧିକାରୀମାନେ ଓଡ଼ିଶାର ମୃତାହତମାନଙ୍କୁ ଭେଟିବେ। ମୃତଦେହ ଆଣିବା ପାଇଁ ବ୍ୟବସ୍ଥା କରିବେ ।ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଘଟଣା ନେଇ ଦୁଃଖ ପ୍ରକାଶ କରିଛନ୍ତି ।ତାମିଲନାଡୁ ସରକାର ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା କ୍ଷତିପୂରଣ ଘୋଷଣା କରିଛନ୍ତି। କାରଖାନାରେ ୩୦୦ରୁ ଅଧିକ ଶ୍ରମିକ କାମ କରୁଥିବା ବେଳେ ଦୁର୍ଘଟଣା ସମୟରେ ୧୦୦ରୁ ଅଧିକ ଶ୍ରମିକ କାର୍ଯ୍ୟରତ ଥିଲେ। ଗ୍ୟାସ୍ ଲିକ୍ ହେବା ମାତ୍ରେ ସେଠାରେ ଶ୍ରମିକମାନେ ନିଶ୍ୱାସ ପ୍ରଶ୍ୱାସ ନେବାରେ ପ୍ରବଳ କଷ୍ଟ ଅନୁଭବ କରିଥିଲେ। ରିପୋର୍ଟ ଅନୁଯାୟୀ ୭୦ରୁ ଅଧିକ ଶ୍ରମିକ ଗୁରୁତର ଭାବେ ଶ୍ୱାସକ୍ରିୟା ଜନିତ ସମସ୍ୟାର ସମ୍ମୁଖୀନ ହୋଇଥିବା ବେଳେ କେତେକଙ୍କ ନାକ ଓ ପାଟିରୁ ରକ୍ତସ୍ରାବ ହୋଇ ସେମାନେ ଚେତାଶୂନ୍ୟ ହୋଇପଡ଼ିଥିଲେ।

CMYK

# ॥ ଶ୍ରେଷ୍ଠ ଅବସ୍ଥା ଧ୍ୟାନ ॥

ବର୍ତ୍ତମାନ ସର୍ବତ୍ର ଯୋଗ ପଦ୍ଧତିର ଆଲୋଚନା ହେଉଛି ଏବଂ ସେଥିରୁ ମିଳୁଥିବା ସ୍ଥୂଳଲାଭର ବିଶେଷ ବ୍ୟାଖ୍ୟା କରାଯାଉଛି। ଯୋଗ ବିଷୟରେ କହିବାବାଲା ଲୋକ ଏବଂ ଶୁଣିବାବାଲା ଲୋକ କମ୍ ନାହାନ୍ତି। ଅନେକ ବ୍ୟକ୍ତି ଯୋଗର ଆଦ୍ୟ ବର୍ଣ୍ଣମାଳା ନ ଜାଣି ଧ୍ୟାନ, ସମାଧି, ଚକ୍ରସାଧନ, କୁଣ୍ଡଳିନୀ ଜାଗରଣ ଆଦି କ୍ରିୟାରେ ହଠାତ୍ ହାତ ଦେଇଦେଉଛନ୍ତି। ଧ୍ୟାନ ହେଉଛି ଯୋଗସାଧନାର ସପ୍ତମ ସୋପାନ। ସେ ସୋପାନରେ ପହଞ୍ଚିବା ପୂର୍ବରୁ ସାଧକ ମୂଳରେ ଥିବା ଛଅଟି ପ୍ରାଥମିକ ସୋପାନ ଅତିକ୍ରମ କରିବା ଆବଶ୍ୟକ। ମହର୍ଷି ପତଞ୍ଜଳି ଏଥିପାଇଁ ପ୍ରଥମେ ଯମ ନିୟମ ଭଳି ଦୁଇଟି ସୋପାନ ରଖିଛନ୍ତି। ଯମ ନିୟମ ପରେ ଆସନ, ମୁଦ୍ରା, ବନ୍ଧ, ପ୍ରାଣାୟାମ, ତାପରେ କାହିଁ କେତେ ଦୂରରେ ଯାଇ ଧ୍ୟାନ, ସମାଧି, କୁଣ୍ଡଳିନୀ ଜାଗରଣର କଥା। ଯୋଗ, ପ୍ରାଣାୟାମ, ଆସନ ବା ବିଭିନ୍ନ ଆଧ୍ୟାତ୍ମିକ ଚେତନାର ଅନ୍ୟତମ ଶ୍ରେଷ୍ଠ ଅବସ୍ଥା ହେଉଛି ଧ୍ୟାନ। ଏ କଥା ସହଜରେ ବୁଝାଯାଏ ଯେ, ସମସ୍ତଙ୍କୁ ଧ୍ୟାନ କରିବାର ଆବଶ୍ୟକତା ନ ଥାଏ। ପ୍ରତ୍ୟେକଙ୍କର ନିଜସ୍ୱ ଧାରା ରହିଥାଏ - କେହି କେହି ଭକ୍ତି ଦ୍ୱାରା, କେହି କେହି ସଙ୍ଗୀତ ମାଧ୍ୟମରେ, ଅନ୍ୟ କେହି ଶାସ୍ତ୍ର ଅଧ୍ୟୟନ ଦ୍ୱାରା ଅନ୍ୟ କେହି ନିଷ୍କାମ କର୍ମ ଦ୍ୱାରା ଏହା କରିଥାଆନ୍ତି। ପଥଗୁଡ଼ିକ ଅନେକ। ଯେଉଁମାନଙ୍କର ପାଇଁ ଭଗବତ ଅନ୍ୱେଷଣ ପାଇଁ ଧ୍ୟାନ ସହାୟକ ହୋଇଥାଏ ସେମାନେ ଏହି କଥାଟି ନିଶ୍ଚିତ ରୂପେ ଜାଣି ରଖିବା ଉଚିତ ଯେ, ଧ୍ୟାନ ନିଜ ଲକ୍ଷ୍ୟ ନୁହେଁ, ତେଣୁ ଘଣ୍ଟା ଘଣ୍ଟା କାଳ ମଧ୍ୟରେ ବସିବା ଏହି ଉଦ୍ଦେଶ୍ୟ ପାଇଁ ଯଥାର୍ଥ ନୁହେଁ ଧ୍ୟାନର ଗୁଣବତ୍ତା ବାସ୍ତବିକ ଗୁରୁତ୍ୱପୂର୍ଣ୍ଣ କଥା ଅଟେ। ଯେଉଁମାନଙ୍କର ପଥ ଧ୍ୟାନ ମାଧ୍ୟମ ଦେଇଯିବାକୁ ହୋଇଥାଏ ଅଥବା ଅତିକମ୍‌ରେ ଏହା ତାଙ୍କ ସାଧନାର ଏକ ମୁଖ୍ୟ ଅଙ୍ଗ ହୋଇଥାଏ, ଏହାର ଗୁରୁତ୍ୱପୂର୍ଣ୍ଣ ଅଟେ ଯେ ସେମାନେ ନିୟମିତ ଭାବେ ଧ୍ୟାନରେ ବସିବା ଉଚିତ। ଆଜିକାଲି ଯୋଗ ନାମରେ ଏମିତି ଅନେକ ଭ୍ରାନ୍ତି ପ୍ରଚଳିତ। ସେ ଭ୍ରାନ୍ତିରୁ ମୁକ୍ତ ହେବା କେବଳ ଆବଶ୍ୟକ ନୁହେଁ, ବରଂ ଅନିବାର୍ଯ୍ୟ। ଯୋଗ ଏକ ମହତ୍ତ୍ୱପୂର୍ଣ୍ଣ ବିଦ୍ୟା ଏବଂ ସାଧନା। ଏହାର ବାସ୍ତବ ରୂପକୁ ଜାଣି ଯୋଗ୍ୟ ସଦ୍‌ଗୁରୁଙ୍କ ମାର୍ଗଦର୍ଶନ ସାହାଯ୍ୟରେ ଅଭ୍ୟାସ କଲେ ଯେକୌଣସି ବ୍ୟକ୍ତି ସାଧାରଣ ଅବସ୍ଥାରୁ ଅସାଧାରଣ ହୋଇପାରେ।

ଡକ୍ଟର ସୁରେଶ କୁମାର ନାୟକ,
ଦୂରଭାଷ : ୯୪୩୭୨୨୫୫୯୨





# ଋକ୍‌ବେଦର ପ୍ରସିଦ୍ଧ ଋଷି



ଶ୍ରୀମଦ୍‌ଭଗବଦ୍ ଗୀତାରେ କୁହାଯାଇଛି ଯେ ଯାହାର ମନ ଦୁଃଖରେ ବିଚଳିତ ହୁଏ ନାହିଁ, ଯିଏ ସୁଖର ଇଚ୍ଛା କରିନଥାଏ। ଯିଏ ଦ୍ୱେଷ, ଭୟ ଏବଂ କ୍ରୋଧରୁ ମୁକ୍ତ ରହିଥାଏ, ସେପରି ନିଶ୍ଚଳ ବୁଦ୍ଧିସମ୍ପନ୍ନ ମନୁଷ୍ୟ ମୁନି ବା ଋଷି ବୋଲାଇବାର ଯୋଗ୍ୟ। ସନ୍ଥ, ସାଧୁ, ଋଷି, ଯତି, ତପସ୍ୱୀ, ଭିକ୍ଷୁ, ଶ୍ରମଣ ଆଦି ଅନେକ ନାମ ରହିଥିଲେ ବି ଏମାନେ ସମସ୍ତେ ଈଶ୍ୱରଙ୍କ ଅତି ନିକଟତର ବୋଲି ଶାସ୍ତ୍ରରେ ଏମାନଙ୍କ ମହିମା ବର୍ଣ୍ଣନା କରାଯାଇଛି। ଏମାନେ ସମାଜ କଲ୍ୟାଣ ପାଇଁ ବଳିଷ୍ଠ ଯୋଗଦାନ ଦେଇଛନ୍ତି। ବୈଦିକ ଏବଂ ପୌରାଣିକ କାଳରେ ଏପରି ଅନେକ ପ୍ରସିଦ୍ଧ ଋଷିଙ୍କ ସମ୍ପର୍କରେ ଉଲ୍ଲେଖ କରାଯାଇଛି ଯେଉଁମାନେ କୌଣସି ନା କୌଣସି କାରଣ ପାଇଁ ପ୍ରସିଦ୍ଧି ହାସଲ କରିଥିଲେ। ମହର୍ଷି ଅଙ୍ଗିରା ଥିଲେ ଋକ୍‌ବେଦର ପ୍ରସିଦ୍ଧ ଋଷି। ସେ ବ୍ରହ୍ମାଙ୍କ ପୁତ୍ର ଥିଲେ। ତାଙ୍କ ପୁତ୍ର ବୃହସ୍ପତି ଦେବତାମାନଙ୍କର ଗୁରୁ ଥିଲେ। ଋକ୍‌ବେଦ୍‌ରେ ଉଲ୍ଲେଖ ରହିଛି ଯେ ଋଷି ଅଙ୍ଗିରା ସର୍ବପ୍ରଥମେ ଅଗ୍ନି ଉତ୍ପନ୍ନ କରିଥିଲେ। ବିଶ୍ୱାମିତ୍ରଙ୍କୁ ଗାୟତ୍ରୀ ମନ୍ତ୍ରର ପ୍ରଣେତା ବୋଲି କୁହାଯାଏ। ବେଦମନ୍ତ୍ରର ସର୍ବପ୍ରଥମ ଦ୍ରଷ୍ଟାଙ୍କ ମଧ୍ୟରେ ତାଙ୍କୁ ଗଣନା କରାଯାଇଥାଏ। ଆୟୁର୍ବେଦାଚାର୍ଯ୍ୟ ସୁଶ୍ରୁତ ତାଙ୍କର ପୁତ୍ର ଥିଲେ। ବିଶ୍ୱାମିତ୍ରଙ୍କ ପରମ୍ପରାରେ ଚାଲୁଥିବା ଋଷିଗଣ ତାଙ୍କ ନାମ ଧାରଣ କରିଥିଲେ। ଏହି ପରମ୍ପରା ଅନ୍ୟ ଋଷିଙ୍କ ସହିତ ମଧ୍ୟ ଚାଲିଥାଏ। ବିଶ୍ୱାମିତ୍ରଙ୍କ ଅନ୍ୟନାମ କୌଶିକ ଥିଲା। ବେଦକାଳର ଅନ୍ୟଜଣେ ପ୍ରମୁଖ ଋଷି ଥିଲେ ବଶିଷ୍ଠ। ସେ ସପ୍ତର୍ଷିଙ୍କ ମଧ୍ୟରେ ଅନ୍ୟତମ। ସେ ଋକ୍‌ବେଦର ଅନେକ ମନ୍ତ୍ର ରଚନା କରିଥିଲେ। ତାଙ୍କୁ ମଧ୍ୟ ଗାୟତ୍ରୀ ମନ୍ତ୍ରର ସାଧକ କୁହାଯାଏ। ତାଙ୍କ ପତ୍ନୀ ଦେବୀ ଅରୁନ୍ଧତୀ ବୈଦିକ କର୍ମକାଣ୍ଡରେ ତାଙ୍କର ସହଭାଗିନୀ ଥିଲେ। ମହର୍ଷି କଶ୍ୟପ ବେଦ ଏବଂ ପୁରାଣ କାଳର ମହାନ ଋଷିଙ୍କ ମଧ୍ୟରେ ପରିଗଣିତ ହୋଇଥାନ୍ତି। ସେ ମାରୀଚ ଋଷିଙ୍କ ପୁତ୍ର ଥିଲେ। ସ୍କନ୍ଦ ପୁରାଣରେ ଉଲ୍ଲେଖ ରହିଛି ଯେ ମହର୍ଷି କଶ୍ୟପଙ୍କ ପୁତ୍ର ରୂପେ ଦେବ, ଅସୁର ଏବଂ ନାଗମାନେ ଜନ୍ମ ନେଇଥିଲେ। ମହର୍ଷି ଭୃଗୁଙ୍କ ପୁତ୍ର ଥିଲେ ମହର୍ଷି ଯମଦଗ୍ନି। ମହର୍ଷି ଜମଦଗ୍ନିଙ୍କ ପୁତ୍ର ରୂପେ ଭଗବାନ ବିଷ୍ଣୁ ଅବତାର ନେଇ ପର୍ଶୁରାମ ନାମରେ ଖ୍ୟାତି ଲାଭ କରିଥିଲେ। ସେ ଗୋବଂଶର ରକ୍ଷା ନିମନ୍ତେ ଋକ୍‌ବେଦର ୧୬ଟି ମନ୍ତ୍ର ରଚନା କରିଥିଲେ। ସ୍କନ୍ଦ ପୁରାଣର କେଦାର ଖଣ୍ଡରେ ଥିବା ବର୍ଣ୍ଣନା ଅନୁଯାୟୀ ସେ ଆୟୁର୍ବେଦ ଏବଂ ଚିକିତ୍ସା ବିଜ୍ଞାନର ମଧ୍ୟ ବିଦ୍ୱାନ ଥିଲେ। ସପ୍ତର୍ଷିଙ୍କ ମଧ୍ୟରେ ଜଣେ ଥିଲେ ଋଷି ଅତ୍ରି। ସେ ଋକ୍‌ବେଦର ପଞ୍ଚମ ମଣ୍ଡଳର ଅଧିକାଂଶ ସୂତ୍ର ରଚନା କରିଥିଲେ। ସେ ଚନ୍ଦ୍ରବଂଶର ପ୍ରବର୍ତ୍ତକ ଥିଲେ। ମହର୍ଷି ଅତ୍ରି ଆୟୁର୍ବେଦର ଆଚାର୍ଯ୍ୟ ଥିଲେ। ଅତ୍ରି ଏବଂ ଅନସୂୟାଙ୍କ ପୁତ୍ର ରୂପେ ଅପାଳା ଏବଂ ପୁନର୍ବସୁଙ୍କ ଜନ୍ମ ହୋଇଥିଲା। ଅପାଳାଙ୍କ ଦ୍ୱାରା ଋକ୍‌ବେଦର ସୁକ୍ତ ରଚନା କରାଯାଇଥିଲା। ପୁନର୍ବସୁ ମଧ୍ୟ ଆୟୁର୍ବେଦର ପ୍ରସିଦ୍ଧ ଗୁରୁ ଥିଲେ। ନର-ନାରାୟଣ ମଧ୍ୟ ମହାନ ଋଷିଙ୍କ ମଧ୍ୟରୁ ଅନ୍ୟତମ ଥିଲେ। ସେ ଋକ୍‌ବେଦର ମନ୍ତ୍ରଦ୍ରଷ୍ଟା ଥିଲେ ଏବଂ ଋଷି ଧର୍ମ ଏବଂ ମାତାମୂର୍ତ୍ତି ଦେବୀଙ୍କ ପୁତ୍ର ଥିଲେ। ନର ଏବଂ ନାରାୟଣ ଦୁହେଁ ଭାଗବତ୍ ଧର୍ମ ତଥା ନାରାୟଣ ଧର୍ମର ମୂଳ ପ୍ରବର୍ତ୍ତକ ଥିଲେ। ପରାଶର ଋଷି ଥିଲେ ମହର୍ଷି ବଶିଷ୍ଠଙ୍କ ପୁତ୍ର। ସେ ନିଜ ପିତାଙ୍କ ସହିତ ହିମାଳୟ ଯାଇ ସେଠାରେ ବେଦ ମନ୍ତ୍ର ଦ୍ରଷ୍ଟା ହୋଇପାରିଥିଲେ। ସେ ମହର୍ଷି ବ୍ୟାସଙ୍କ ପିତା ଥିଲେ। ଭରଦ୍ୱାଜ ମୁନି ଥିଲେ ଦେବଗୁରୁ ବୃହସ୍ପତିଙ୍କ ପୁତ୍ର। ସେ ଯନ୍ତ୍ର ସର୍ବସ୍ୱ ନାମକ ଗ୍ରନ୍ଥ ରଚନା କରିଥିଲେ। ଏଥିରେ ବିମାନ ନିର୍ମାଣ, ପ୍ରୟୋଗ ଏବଂ ସଂଚାଳନ ସମ୍ବନ୍ଧୀୟ ବିସ୍ତାର ପୂର୍ବକ ବର୍ଣ୍ଣନା ରହିଛି। ସେ ଆୟୁର୍ବେଦର ଋଷି ଥିଲେ ତଥା ଧନ୍ୱନ୍ତରୀ ତାଙ୍କର ପ୍ରିୟ ଶିଷ୍ୟ ଥିଲେ।

# ଚାରିଧାମ ଯାତ୍ରାର ସୃଷ୍ଟି

## ଐତିହାସିକ ପୃଷ୍ଠଭୂମି






ହିନ୍ଦୁ ଧର୍ମରେ ଚାରି ଧାମର ଧାରଣା ବା ଚର୍ଚ୍ଚା, ପ୍ରାଚୀନ କାଳରୁ ରହିଆସିଛି। କିନ୍ତୁ ଏହାର ବର୍ତ୍ତମାନର ରୂପ ୮ମ ଶତାବ୍ଦୀରେ ଆଦି ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ସ୍ଥାପିତ ହୋଇଥିଲା। ଆଦି ଶଙ୍କରାଚାର୍ଯ୍ୟ, ଜଣେ ମହାନ ହିନ୍ଦୁ ଦାର୍ଶନିକ ଓ ଅଦ୍ୱୈତ ବେଦାନ୍ତର ପ୍ରବର୍ତ୍ତକ ଥିଲେ। ହିନ୍ଦୁ ଧର୍ମକୁ ସଂଗଠିତ କରିବା ଏବଂ ଏହାର ଆଧ୍ୟାତ୍ମିକ ମୂଲ୍ୟବୋଧକୁ ପ୍ରଚାର କରିବା ପାଇଁ ସେ ହିଁ ଭାରତବର୍ଷର ଚାରି ଦିଗରେ ୪ଟି ମଠ ବା ପୀଠ ସ୍ଥାପନ କରିଥିଲେ।

**ଏହି ଚାରି ମଠ ହେଉଛି:**

**ବଦ୍ରିନାଥରେ- ଜ୍ୟୋତିର୍ମଠ (ଉତ୍ତର)**
**ଦ୍ୱାରକାରେ- ଶାରଦା ମଠ (ପଶ୍ଚିମ)**
**ପୁରୀରେ- ଗୋବର୍ଦ୍ଧନ ମଠ (ପୂର୍ବ)**
**ରାମେଶ୍ୱରମ୍ ନିକଟ ଶୃଙ୍ଗେରୀରେ- ଶୃଙ୍ଗେରୀ ମଠ (ଦକ୍ଷିଣ)**



ଆଦି ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ଏହି ଚାରିଟି ସ୍ଥାନକୁ ପବିତ୍ର ଧାମ ଭାବେ ଚିହ୍ନିତ କରାଯାଇଥିଲା, ଯାହା ହିନ୍ଦୁ ଧର୍ମର ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ଐକ୍ୟ ସ୍ଥାପନ କରିବାରେ ସହାୟକ ହୋଇଥିଲା। ଏହି ଧାମଗୁଡ଼ିକରେ ବିଷ୍ଣୁ ଓ ଶିବଙ୍କ ଉପାସନା ମାଧ୍ୟମରେ ବୈଷ୍ଣବ ଓ ଶୈବସମ୍ପ୍ରଦାୟର ସମନ୍ୱୟ ଘଟିଥିଲା। ପୁରାଣ ଓ ଶାସ୍ତ୍ର ଅନୁସାରେ, ଏହି ସ୍ଥାନଗୁଡ଼ିକରେ ଦୈବୀଶକ୍ତିର ବାସ ରହିଛି, ଯାହା ଭକ୍ତଙ୍କୁ ଆଧ୍ୟାତ୍ମିକ ଚେତନା ପ୍ରଦାନ କରେ।



### ବଦ୍ରିନାଥ

**ଅବସ୍ଥାନ:** ଉତ୍ତରାଖଣ୍ଡର ହିମାଳୟ ପର୍ବତରେ, ଅଲକାନନ୍ଦା ନଦୀ କୂଳରେ।
**ଦେବତା:** ଭଗବାନ ବିଷ୍ଣୁ, ଯିଏ ଏଠାରେ ବଦ୍ରୀନାରାୟଣ ରୂପେ ପୂଜିତ।
**ମହତ୍ତ୍ୱ:** ବଦ୍ରିନାଥ ମନ୍ଦିର ଚାରିଧାମ ଯାତ୍ରାର ପ୍ରମୁଖ ସ୍ଥାନ ଏବଂ ଏହା ୧୦୮ ଦିବ୍ୟ ଦେଶମ୍‌ରୁ ଗୋଟିଏ। ଏହା ପାଞ୍ଚଟି ବଦ୍ରି ମନ୍ଦିର ମଧ୍ୟରୁ ପ୍ରଧାନ। ପୁରାଣ ଅନୁସାରେ, ଭଗବାନ ବିଷ୍ଣୁ ଏଠାରେ ତପସ୍ୟା କରିଥିଲେ ଏବଂ ଲକ୍ଷ୍ମୀ ଦେବୀ ତାଙ୍କୁ ବଦ୍ରି (ଜଙ୍ଗଲୀ ଫଳ) ଗଛରେ ଆଶ୍ରୟ ଦେଇଥିଲେ।
**ବିଶେଷତ୍ୱ:** ମନ୍ଦିରଟି ବର୍ଷରେ ମାତ୍ର ୬ ମାସ (ଏପ୍ରିଲ/ମେ'ରୁ ଅକ୍ଟୋବର/ନଭେମ୍ବର) ଖୋଲା ରହେ, କାରଣ ଶୀତକାଳରେ ତୁଷାରପାତ ହୁଏ। ଏହି ସମୟରେ ମୂର୍ତ୍ତିକୁ ଯୋଶୀମଠକୁ ସ୍ଥାନାନ୍ତର କରାଯାଏ।
**ଐତିହାସିକ ମହତ୍ତ୍ୱ:** ଆଦି ଶଙ୍କରାଚାର୍ଯ୍ୟ ଏହି ମନ୍ଦିରକୁ ପୁନଃସ୍ଥାପନ କରିଥିଲେ ଏବଂ ଏଠାରେ ଜ୍ୟୋତିର୍ମଠ ସ୍ଥାପନ କରିଥିଲେ।

## ମୁଣ୍ଡ ବୁଲାଉଛି କି, ଡାକ୍ତରଙ୍କ ପରାମର୍ଶ ଆଗ

ମୁଣ୍ଡ ବୁଲାଇବା ପଛରେ ଗୋଟିଏ କାରଣ ବରାବର ନଥାଏ। ବରଂ ବହୁ ସମୟରେ ଅନେକ କାରଣ ଥାଇପାରେ। ଜଣେ ସୁସ୍ଥ ଏବଂ ସବଳ ଦେଖାଯାଉଥିବା ବ୍ୟକ୍ତି ମଧ୍ୟ ମୁଣ୍ଡ ବୁଲାଇବା ଅନୁଭବ କରିପାରନ୍ତି, ଦୁର୍ବଳତା ମଧ୍ୟ ମୁଣ୍ଡ ବୁଲାଇବାର କାରଣ ହୋଇଯାଏ। ମହିଳାମାନେ ଗର୍ଭାବସ୍ଥାରେ ମୁଣ୍ଡ ବୁଲାଇବା ସମସ୍ୟାର ସମ୍ମୁଖୀନ ହୁଅନ୍ତି। ମୁଣ୍ଡ ବୁଲାଇବାର କାରଣ ଶରୀରରେ ଭିଟାମିନ୍ ଅଭାବ ମଧ୍ୟ ହୋଇପାରେ। ଭିଟାମିନ୍ ବି-୧୨ ଅଭାବ ମୁଣ୍ଡ ବୁଲାଇବାର କାରଣ ହୋଇପାରେ। ଏହି ଭିଟାମିନ୍ ଅଭାବ ନ୍ୟୁରୋସାଇକିଆଟ୍ରିକ୍ ଏବଂ ହେମାଟୋଲୋଜିକାଲ୍ ସମସ୍ୟା ସୃଷ୍ଟି କରିପାରେ। ଶରୀରରେ ଭିଟାମିନ୍ ବି-୧୨ ଅଭାବ ହେତୁ ମୁଣ୍ଡ ବୁଲାଇବା ଏବଂ ନିଦ୍ରା ଅଭାବ ହୋଇପାରେ। ଏହି ଭିଟାମିନ୍ ଅଭାବ ରକ୍ତହୀନତା ସୃଷ୍ଟି କରିପାରେ ଯାହା ଫଳରେ ରକ୍ତ ଶରୀରର ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଅକ୍ସିଜେନ୍ ନେଇ ପାରେ ନାହିଁ ଏବଂ ସ୍ନାୟୁ କ୍ଷତି ହେବା ଆରମ୍ଭ ହୁଏ। ଏପରି ପରିସ୍ଥିତିରେ ମୁଣ୍ଡ ବୁଲାଇବା ବ୍ୟତୀତ ଚର୍ମ ହଳଦିଆ ପଡ଼ିବା, ହାତ ଏବଂ ପାଦରେ ଝିମ୍ ଝିମ୍ ହେବା ଏବଂ ଦୁର୍ବଳତା ମଧ୍ୟ ଅନୁଭବ ହୋଇପାରେ।ଭିଟାମିନ୍ ବି-୧୨ର ଅଭାବକୁ ଦୂର କରିବା ପାଇଁ ଅଣ୍ଡାକୁ ଖାଦ୍ୟରେ ସାମିଲ କରାଯାଇପାରିବ। ମାଛରୁ ମଧ୍ୟ ଶରୀରକୁ ପ୍ରଚୁର ପରିମାଣର ଭିଟାମିନ୍ ଇ-୧୨ ମିଳିପାରିବ। ନିର୍ଦ୍ଦିଷ୍ଟ କିଛି କିସମର ମାଛ ଭିଟାମିନ୍ ଇ୧୨ର ଭଲ ଉତ୍ସ।ଭିଟାମିନ୍ ଡି ହାଡ଼ ଏବଂ ମାଂସପେଶୀକୁ ମଜଭୁତ କରେ ଏବଂ ଶରୀରରୁ ଦୁର୍ବଳତା ଦୂର କରେ। ଦୁର୍ବଳତା ମୁଣ୍ଡ ବୁଲାଇବାର କାରଣ ହୋଇପାରେ। ତେବେ ଚିକିତ୍ସା ଡାକ୍ତରଙ୍କ ପରାମର୍ଶରେ ହିଁ କରାଯିବା ଉଚିତ।



# ଶିରାପ୍ରଶିରାରେ ବ୍ଲକେଜ୍ ହେଲେ ଶରୀରରେ ଦେଖା ଦେଇଥାଏ ୬ଟି ଲକ୍ଷଣ



ଆମ ଶରୀର ଏକ ନେଟୱାର୍କ ଭଳି, ଯେଉଁଥିରେ ରକ୍ତ ଶିରା ମାଧ୍ୟମରେ ଶରୀରର ପ୍ରତ୍ୟେକ ଅଙ୍ଗରେ ପହଞ୍ଚି ଥାଏ। ହେଲେ ଯେତେବେଳେ ଏହି ଶିରାରେ ବ୍ଲକେଜ୍ ହୋଇଯାଏ, ଏହା ରକ୍ତ ପ୍ରବାହକୁ ରୋକି ଦେଇଥାଏ। ଯାହା ପରବର୍ତ୍ତୀ ସମୟରେ ଗମ୍ଭୀର ରୋଗର କାରଣ ସାଜିପାରେ। ଶିରା ବ୍ଲକେଜ୍ ହେବା କେବଳ ହାର୍ଟ ଆଟାକ୍‌ର ବିପଦ ଆଣିନଥାଏ ବରଂ ଷ୍ଟ୍ରୋକ୍, ଥକାପଣ ଏବଂ ଅଙ୍ଗପ୍ରତ୍ୟଙ୍ଗରେ ନିଷ୍କ୍ରିୟତା ଭଳି ସମସ୍ୟା ମଧ୍ୟ ଆଣିପାରେ। **ପାଦ କିମ୍ବା ହାତରେ ନିଷ୍କ୍ରିୟତା:** ଯେତେବେଳେ ଶିରାରେ ବ୍ଲକେଜ୍ ହୁଏ, ରକ୍ତ ପ୍ରବାହ ହ୍ରାସ ପାଏ। ଏହା ପାଦ କିମ୍ବା ହାତରେ ନିଷ୍କ୍ରିୟତା ଏବଂ ଝିମ୍‌ଝିମ୍ ଅନୁଭବ କରାଏ। ଏହା ବିଶେଷକରି ଦୀର୍ଘ ସମୟ ଧରି ଚାଲିବା କିମ୍ବା ବସିବା ପରେ ଅନୁଭୂତ ହୁଏ। ଅଦା ଚା ପିଇବା ଏବଂ ହାଲୁକା ବ୍ୟାୟାମ କରିବା ଦ୍ୱାରା ରକ୍ତ ପ୍ରବାହ ଉନ୍ନତ ହୁଏ। **ନିଶ୍ୱାସ ନେବାରେ କଷ୍ଟ:** ଯେତେବେଳେ ଶିରାରେ ବ୍ଲକେଜ୍ ହୁଏ, ସେତେବେଳେ ହୃତ୍‌ପିଣ୍ଡକୁ ରକ୍ତ ପମ୍ପ କରିବା ପାଇଁ ଅଧିକ ପରିଶ୍ରମ କରିବାକୁ ପଡ଼ିଥାଏ। ଯାହା ଫଳରେ ନିଶ୍ୱାସ କଷ୍ଟ ହୁଏ କିମ୍ବା ନିଶ୍ୱାସ ନେବାରେ ଅସୁବିଧା ହୁଏ। ନିୟମିତ ଭାବରେ ଅଁଳା ରସ ଏବଂ ଉଷୁମ ପାଣି ପିଇବା ଦ୍ୱାରା ହୃତପିଣ୍ଡ ମଜବୁତ ହୁଏ। **ଛାତିରେ ଯନ୍ତ୍ରଣା କିମ୍ବା ଚାପ:** ଯଦି ଆପଣ ହଠାତ୍ ଛାତିରେ ଯନ୍ତ୍ରଣା କିମ୍ବା ଚାପ ଅନୁଭବ କରନ୍ତି, ତେବେ ଏହା ଶିରାରେ ବ୍ଲକେଜ୍‌ର ଏକ ଗମ୍ଭୀର ଲକ୍ଷଣ ହୋଇପାରେ। ଏହାକୁ ଅଣଦେଖା କରନ୍ତୁ ନାହିଁ। ଖାଦ୍ୟରେ ରସୁଣ ସାମିଲ କରିବା ଦ୍ୱାରା କୋଲେଷ୍ଟ୍ରଲ୍ ହ୍ରାସ କରି ଧମନୀ ସଫା କରିବାରେ ସାହାଯ୍ୟ କରେ। **ଥକ୍କାପଣ ଏବଂ ଦୁର୍ବଳତା:** ଅଙ୍ଗଗୁଡ଼ିକୁ ଉପଯୁକ୍ତ ରକ୍ତ ଯୋଗାଣର ଅଭାବ ଶରୀରକୁ କ୍ଳାନ୍ତ କରିଦିଏ।




ଟିକିଏ କାର୍ଯ୍ୟକଳାପ ପରେ ମଧ୍ୟ କ୍ଳାନ୍ତ ଅନୁଭବ କରିବା ବ୍ଲକେଜ୍‌ର ଲକ୍ଷଣ ହୋଇପାରେ। ସ୍ନାୟୁକୁ ସୁସ୍ଥ ରଖିବା ପାଇଁ ବାଦାମ ଏବଂ ବାଦାମ ଖାଇବା ଲାଭଦାୟକ। **ପାଦ ଫୁଲିବା:** ଯେତେବେଳେ କୌଣସି ବ୍ଲକେଜ୍ ହୁଏ, ପାଦରେ ରକ୍ତ ଏବଂ ତରଳ ପଦାର୍ଥ ଜମା ହୋଇପାରେ। ଯାହା ଫଳରେ ପାଦ ଫୁଲିଯାଏ। ରାତିରେ ଶୋଇବା ପୂର୍ବରୁ ପାଦକୁ ଉଷୁମ ଲୁଣ ପାଣିରେ ବୁଡ଼ାଇ ରଖିବା ଦ୍ୱାରା ଫୁଲା କମ୍ ହୁଏ। **ମୁଣ୍ଡ ବୁଲାଇବା:** ଶିରାରେ ବ୍ଲକେଜ୍ ହେବା ଦ୍ୱାରା ମସ୍ତିଷ୍କକୁ ରକ୍ତ ଯୋଗାଣ ହ୍ରାସ ପାଏ, ଯାହା ମୁଣ୍ଡ ବୁଲାଇବା କିମ୍ବା ଏକାଗ୍ରତାର ଅଭାବ ଭଳି ସମସ୍ୟା ସୃଷ୍ଟି କରେ। ସକାଳେ ଖାଲି ପେଟରେ ତୁଳସୀ ପତ୍ର ଏବଂ ମହୁର ମିଶ୍ରଣ ସେବନ କଲେ ରକ୍ତ ପ୍ରବାହ ଭଲ ହୁଏ।

## ଯୋଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ

**ଜଟଣୀ,(ନିପ୍ର):** ସାରାଦେଶରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହେଉଥିବା ବେଳେ ଜଟଣୀ ପୌରପାଳିକା ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ଟାଉନ ହଲ ସ୍ୱଷ୍ଟା ପରିସରରେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ପୌର ନିର୍ବାହୀ ଅଧିକାରୀ ଆକ୍ରିତି ଗୋଏଙ୍କା, ପୌର ଉପାଧକ୍ଷା ଆରତୀ ରାଉତ,ବରିଷ୍ଠ କାଉନସିଲର ବିଷ୍ଣୁକୁମାର ସାହୁ, ଶଶାଙ୍କ ଶେଖର ରାୟ, ପି ରାଜକୁମାରୀ ପ୍ରମୁଖ ଯୋଗ ଦେଇଥିଲେ । ଅତିଥି ମାନେ ସେମାନଙ୍କ ଅଭିଭାଷଣରେ ଦୈନନ୍ଦିନ ଜୀବନରେ ଯୋଗ ଓ ପ୍ରାଣାୟମକୁ ସାମିଲ କରିବାକୁ ପରାମର୍ଶ ଦେଇଥିଲେ । ସେହିପରି ଦୈନିକ ଅଧଘଣ୍ଟା ଯୋଗଭ୍ୟାସ କଲେ ଚାପମୁକ୍ତ ଜୀବନ, ସୁନ୍ଦର ସ୍ୱାସ୍ଥ୍ୟ ରକ୍ଷା ହୋଇପାରିବ ବୋଲି ଯୋଗ ଗୁରୁ ମତ ଦେଇଥିଲେ ।

**ଚାରିଛକ:** ପୁରୀଜିଲା ଚାରିଛକସ୍ଥିତ ଏକାନ୍ତ ଆଶ୍ରମ ପରିସରରେ ଚାରିଛକ ପ୍ରେସ କ୍ଲବ ତରଫରୁ ଆନ୍ତର୍ଜାତିକ ଯୋଗଦିବସ ପାଳିତ ହୋଇଯାଇଛି । ଯୋଗ ଗୁରୁ ପଣ୍ଡିତ ମୁରଲିଧର ଭାରତୀ ଗୋସ୍ୱାମୀଙ୍କ ଦ୍ୱାରା ଯୋଗ ଶିକ୍ଷା ଦିଆଯାଇଥିଲା । ଏଥିରେ ପ୍ରେସ କ୍ଲବର ଉପଦେଷ୍ଟା ପ୍ରଫେସର ଗୋପୀନାଥ କର,ଡଃ ସନ୍ତୋଷ କୁମାର ମିତ୍ର,ପ୍ରାକ୍ତନ ଆଇଆରଏସ ଚନ୍ଦ୍ରକାନ୍ତ ଦଳାଇ,କାହ୍ନୁ ଚରଣ ବେହେରା,ସନାତନ ପାତ୍ର,ସଭାପତି ପ୍ରଫୁଲ୍ଲ କୁମାର କର,କାର୍ଯ୍ୟକାରୀ ସଭାପତି ଶିଶିର କୁମାର ସ୍ୱାଇଁ, ସାଧାରଣ ସଂପାଦକ ଡଃ କେଦାରନାଥ ସାହୁ, ଯୋଗଦ୍ୱାରା ଶରୀର ନିରୋଗ ରୁହେ ବୋଲି ଯୋଗଗୁରୁ ଶ୍ରୀ ଭାରତୀ ମତବ୍ୟକ୍ତ କରିଥିଲେ । ସେହିପରି ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ସଦସ୍ୟ,କବିରାଜ କୁଳମଣୀ ସାହୁ ମେମୋରିଆଲ ଟ୍ରଷ୍ଟର ସଭ୍ୟ ସୁରେଶ ଚନ୍ଦ୍ର ସାହୁ,ଜୟନ୍ତ କୁମାର ସେଠୀ,ମହର୍ଷି ମାୟାଧର ଦାସ ବରିଷ୍ଠ ନାଗରୀକ ମଂଚ,ପ୍ରାଚୀ ସାହିତ୍ୟ ସଂସଦ, ଭଗବାନ ସାହୁ ଚାରିଟେବୁଲ ଟ୍ରଷ୍ଟର ସଂପାଦକ ପ୍ରଫୁଲ୍ଲ କୁମାର ସାହୁ ଓ ଦିବାକର ସ୍ମୃତି ସଂସଦ ଓ ପାଠାଗାରର ସଦସ୍ୟମାନେ ଯୋଗଶିକ୍ଷା କରିଥିଲେ ।

**ରାୟଗଡ଼ା:** ରାୟଗଡ଼ ବ୍ଲକ ପରିସରରେ ମଧ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି । ଜିଲ୍ଲା ଯୋଗ ସଂଯୋଜକ ରାଧାକୃଷ୍ଣ ମହାପାତ୍ର ଏବଂ ରାଜେନ୍ଦ୍ର ଚୌଧୁରୀଙ୍କ ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡ: ପଦ୍ମଜା ପଟ୍ଟନାୟକ, ରାଜ୍ୟ ସ୍ୱର୍ଣ୍ଣ ପଦକ ବିଜେତା ରାଜଶ୍ରୀ ଜେନା ଏବଂ ଖୁସବୁ ରାଣୀ ଉପସ୍ଥିତ ରହି ଅଂଶଗ୍ରହଣକାରୀଙ୍କୁ ଯୋଗାସନ ତାଲିମ ପ୍ରଦାନ କରିଥିଲେ । ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ କାଳୁଚରଣ ନାୟକ ଉପସ୍ଥିତ ରହି ସୁସ୍ଥ ଶରୀର ପାଇଁ ଯୋଗର ଆବଶ୍ୟକତା ବିଷୟରେ ଆଲୋଚନା କରିଥିଲେ । ପି ଏମ୍ ଶ୍ରୀ ଗୌନ୍ଦ ଚନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟ, ରାୟଗଡ଼ ବାଳିକା ଉଚ୍ଚ ବିଦ୍ୟାଳୟ, ଗାନ୍ଧୀନଗର ଓ ଇନ୍ଦିରା ନଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷାର୍ଥୀ ଓ ଗାଇଡ ଶିକ୍ଷକ ଶିକ୍ଷୟିତ୍ରୀ, ଗାନ୍ଧିନଗର ର ମାଆ ମଙ୍ଗଳା, ଦାମୋଦର ଓ ଗଜଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀ, ଇନ୍ଦିରାନଗରର ମା ତାରାତାରିଣୀ ଓ ନାଗାବଳୀ ସ୍ୱୟଂ ସହାୟକ ଗୋଷ୍ଠୀ ର ସଦସ୍ୟା, ରାୟଗଡ଼ ବ୍ଲକର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ଯୋଗାଭ୍ୟାସ କରିଥିଲେ ।

**ରାଉରକେଲା:** ଯୋଗ ଓ ପ୍ରାଣାୟମ ଦ୍ୱାରା ଶରୀର ଓ ମନକୁ ସୁସ୍ଥ ରଖାଯାଇପାରିବା ସହିତ ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ଜାଗ୍ରତ କରାଯାଇପାରିବ । ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ଅବସରରେ ରାଉରକେଲା ପୋଲିସ୍ ପକ୍ଷରୁ ରିଜର୍ଭ ପୋଲିସ୍ ପଡିଆରେ ଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଯୋଗ କାର୍ଯ୍ୟକ୍ରମରେ ପଶ୍ଚିମାଞ୍ଚଳ ଆରକ୍ଷୀ ଉପ-ମହାନିରୀକ୍ଷକ ବ୍ରିଜେଶ କୁମାର ରାୟ, ରାଉରକେଲା ଆରକ୍ଷୀ ଅଧିକ୍ଷକ ନିତେଶ ଓ୍ୱାଧଓ୍ୱାନୀଙ୍କ ସମେତ ସଂରକ୍ଷିତ ଆରକ୍ଷୀ



ବାହିନୀର ଜବାନମାନେ ଯୋଗ, ପ୍ରାଣାୟାମ୍ ଓ ବ୍ୟାୟାମ କରିଥିଲେ । ପ୍ରଶିକ୍ଷିତ ଯୋଗ ପ୍ରଶିକ୍ଷକଙ୍କ ମାର୍ଗଦର୍ଶନରେ ଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶରୀର ପାଇଁ ଯୋଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିଲା ବେଳେ, ଏହାକୁ ଦୈନନ୍ଦିନ ଜୀବନର ଏକ ଅଂଶ ଭାବରେ ଗ୍ରହଣ କରିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ ପଶ୍ଚିମାଞ୍ଚଳ ଆରକ୍ଷୀ ଉପ-ମହାନିରୀକ୍ଷକ ବ୍ରିଜେଶ କୁମାର ରାୟ ।

**ଆସିକା :** ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ଜୁନ ୨୧ ଦିନ ପାଳିତ ହୋଇଯାଇଛି ବିଶ୍ୱ ଯୋଗ ଦିବସ । ଏହି ଅବସରରେ ଆସିକା ଗାୟତ୍ରୀନଗର ସ୍ଥିତ ରାମକୃଷ୍ଣ ଆଦର୍ଶ ବିଦ୍ୟାମନ୍ଦିର ସ୍କାଉଟ ଓ ଗାଇଡ଼ ପାଳନକଲେ ବିଶ୍ୱ ଯୋଗ ଦିବସ । ବିଦ୍ୟାମନ୍ଦିର ଗାଇଡ଼ କ୍ୟାପଟେନ ଲୀନାକୁମାରୀ ସ୍ୱାଇଁ ଓ କାଦମ୍ବିନୀ ହୋତା ସଂଯୋଜନାରେ ଅନୁଷ୍ଠିତ ଆଜିର ଏହି ଯୋଗ ଦିବସ ଅବସରରେ ବରିଷ୍ଠ ସାମ୍ବାଦିକ ତଥା ଆସିକା ପତଞ୍ଜଳି ଯୋଗ ଶିବିର ସଦସ୍ୟ ଅନିଲ କୁମାର ପାଣିଗ୍ରାହୀ ବିଧିବଦ୍ଧ ଭାବେ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ଯୋଗ ଶିବିରକୁ ଉଦଘାଟନ କରିଥିଲେ । ବିଭିନ୍ନ ଯୋଗ ଶିକ୍ଷାର୍ଥୀଙ୍କୁ ଶିକ୍ଷା ଦେବା ସହ ମନୁଷ୍ୟ ଶରୀରରେ ଯୋଗାଭ୍ୟାସର ଫାଇଦା ବତାଇବା ସହ ଦୈନିକ କେତେ



ସମୟ ଯୋଗ କଲେ ଶରୀର ସୁସ୍ଥ ରହିବା ସହ ମନ ମଧ ସ୍ଥିର ରହିଥାଏ ସେ ଉପରେ ବିସ୍ତୃତ ଭାବେ ବୁଝାଇଥିଲେ । ଏହି ଅବସରରେ ବିଦ୍ୟାମନ୍ଦିର ପ୍ରଧାନାଚାର୍ଯ୍ୟା ଅନ୍ନପୂର୍ଣ୍ଣା ଆଚାର୍ଯ୍ୟ, ସମ୍ପାଦକ କମଳେନ୍ଦୁ ହୋତା, ସହ-ସମ୍ପାଦକ ଦିଲ୍ଲୀପ କୁମାର ଶତପଥୀ, ଗୁରୁଜୀ ଅଜୟ କୁମାର ପଟ୍ଟନାୟକ, ଅନ୍ତର୍ଯ୍ୟାମି ସାହୁ, ଗୁରୁମା ସଙ୍ଗୀତା ପାତ୍ର, ସୁନୀତା କୁମାରୀ ମହାପାତ୍ର,କେ ମାଧବି ଆଚାରି ପ୍ରମୁଖ ଶିକ୍ଷାର୍ଥୀଙ୍କୁ ଯୋଗ ଶିକ୍ଷା ଗ୍ରହଣରେ ସହଯୋଗ କରିଥିଲେ ।

## ପାପଡାହାଣ୍ଡି ବ୍ଲକର ବିଧବା, ଭିନ୍ନକ୍ଷମ ଓ ରାସନକାର୍ଡ ବିହୀନ ମା'ଙ୍କ ପ୍ରତି ପ୍ରଶାସନର ଦୃଷ୍ଟିପଡୁ

ଡାବୁଗାଁ,(ନିପ୍ର): ପାପଡ଼ା ହାଣ୍ଡି ବ୍ଲକ ଅନ୍ତର୍ଗତ ନାକଟିଗୁଡ଼ା ଗ୍ରାମ ପଞ୍ଚାୟତର ଶୁକଳ ଭତ୍ରା ଜଣେ ବିଧବା ଓ ଭିନ୍ନକ୍ଷମ ମହିଳା । ସ୍ୱାମୀଙ୍କ ମୃତ୍ୟୁ ପରେ ସେ ଅତ୍ୟନ୍ତ ଦୟନୀୟ ପରିସ୍ଥିତିରେ ଜୀବନ ବିତାଉଛନ୍ତି । ଚାଲିବାରେ ଅସମର୍ଥ ହୋଇଥିବାରୁ ସେ ନିଜର ଦୈନନ୍ଦିନ ଜୀବନ ମଧ ସ୍ୱାବଲମ୍ବୀ ଭାବେ ଚଳାଇ ପାରୁନାହାନ୍ତି । ପଡ଼ୋଶୀଙ୍କ ସହଯୋଗରେ ପ୍ରତିଦିନ ଖାଦ୍ୟ ପାଇ ତାଙ୍କର ଜୀବନ କଷ୍ଟେମଷ୍ଟେ ଚାଲିଛି । ତାଙ୍କର ୧୦ ବର୍ଷ ବୟସର ଝିଅ ଚତୁର୍ଥ ଶ୍ରେଣୀରେ ପାଠ ପଢୁଛି । କିନ୍ତୁ ମା'ଙ୍କ ଭିନ୍ନକ୍ଷମତା କାରଣରୁ ଝିଅର ଆଧାର କାର୍ଡ ମଧ ଏପର୍ଯ୍ୟନ୍ତ ହୋଇ ପାରିନାହିଁ । ଫଳରେ ସରକାରୀ ଯୋଜନାର ସୁବିଧା ପାଇବାରେ ମଧ ସମସ୍ୟା ସୃଷ୍ଟି ହେଉଛି । ସ୍ଥାନୀୟ ମା' ସମୂହର ସଦସ୍ୟା ପ୍ରମିଳା ଭତ୍ରା, ରୁକ୍ମଣୀ ମାଝୀ, ପୁଷ୍ପା ମାଝୀ, ରତନା ମାଝୀ, ବଇଦି ମାଝୀ ଓ କୁମାରୀ ମାଝୀ ପ୍ରଶାସନଙ୍କୁ ନିବେଦନ କରିଛନ୍ତି ଯେ, ଶ୍ରୀମତୀ ଶୁକଳ ଭତ୍ରାଙ୍କୁ ଯଥାଶୀଘ୍ର ରାସନ (ଚାଉଳ) କାର୍ଡ,



ବିଧବା ଭତ୍ତା, ଭିନ୍ନକ୍ଷମ ଭତ୍ତା ପ୍ରଦାନ କରାଯାଉ ଏବଂ ତାଙ୍କ ଝିଅର ଆଧାର କାର୍ଡ କରାଇବା ପାଇଁ ସମ୍ପୃକ୍ତ ବିଭାଗ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରନ୍ତୁ । ମାନବିକତା ଦୃଷ୍ଟିରୁ ଏହି ପରିବାର ପ୍ରତି ଜିଲ୍ଲା ଓ ବ୍ଲକ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଆବଶ୍ୟକ ସରକାରୀ ସହାୟତା ପ୍ରଦାନ କରିବେ ବୋଲି ସ୍ଥାନୀୟ ଲୋକମାନେ ଆଶା ପ୍ରକାଶ କରିଛନ୍ତି ।

## ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି

**ପାରଳାଖେମୁଣ୍ଡି,(ନିପ୍ର):** ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜନଜୀବନ ଓ ସମ୍ପତ୍ତିର ସୁରକ୍ଷା ଏବଂ ଜିଲ୍ଲା ପ୍ରଶାସନର ପ୍ରସ୍ତୁତିକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ବୈଠକ ଓ ବନ୍ୟା-ବାତ୍ୟା ସମୟରେ ଜନସାଧାରଣଙ୍କୁ କିପରି ସୁରକ୍ଷିତ ବାବେ ଉଦ୍ଧାର କରାଯାଇ ପାରିବ ସେନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଟେବୁଲ ଟପ୍ ଏକ୍ସରସାଇଜ ଅଭ୍ୟାସ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମେ ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝୀଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବିଭାଗ ଏସପିସି ସୁବୋଧ ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ମୁନିନ୍ଦ୍ର ହୋନନାଗା, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ପୃଥ୍ୱୀରାଜ ମଣ୍ଡଳ, ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଅନୁପ ପଣ୍ଡା, ଡେପୁଟି ଏସପି ମାଧବ ନନ୍ଦ ନାୟକ, ଜିଲ୍ଲା ଅଗ୍ନିଶମ ଅଧିକାରୀ ଧୀରେନ କୁମାର ଦାସ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ବିନାୟକ ରାଉଳଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

**ବଡ଼ସାହି :** ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ତଥା ଜିଲ୍ଲା ପ୍ରଶାସନ ଓ ବନ୍ୟା ଆଶ୍ରୟସ୍ଥଳୀ ପରିଚାଳନା ଓ ରକ୍ଷଣାବେକ୍ଷଣ କମିଟି ସହ ସଂକଳ୍ପର ମିଳିତ ଆନୁକୂଲ୍ୟରେ ବଡ଼ସାହି ବ୍ଲକର ଶାଳଗାଁ ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀ ଠାରେ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ସଚେତନତା ଓ ଅଭ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । 'ସଂକଳ୍ପ'ର ସମ୍ପାଦକ ପ୍ରଦୀପ କୁମାର ଦାସମହାପାତ୍ର ସ୍ୱାଗତ ଭାଷଣ ଓ ମଞ୍ଚାସିନ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ । ଶାଳଗାଁ ଗ୍ରାମପଞ୍ଚାୟତ ସମିତି ସଭ୍ୟ ବିଶ୍ୱମ୍ବର ବେହେରା ସଭା ପରିଚାଳନା କରିଥିଲେ । ମୁଖ୍ୟ ଅତିଥି ଭାବେ ଓସ୍ମାର ରାଜ୍ୟ ପ୍ରକଳ୍ପ ଅଧିକାରୀ ସୁତନୁ ଠାକୁର, ସ୍ୱତନ୍ତ୍ର ଅତିଥି ଜ଼ିଲ୍ଲା ଜରୁରୀକାଳୀନ ଅଧିକାରୀ ତାପସ କୁମାର ମହାନ୍ତ, ବଡ଼ସାହି ଅଗ୍ନିଶମ ବିଭାଗ ର ଅଧିକାରୀ ମୁକ୍ତିକାନ୍ତ ଜେନା, ସମସ୍ତ ଲାଇନ ବିଭାଗର ଅଧିକାରୀ ପ୍ରମୁଖ ଯୋଗ ଦେଇ ବନ୍ୟା,ବାତ୍ୟା,ଅଗ୍ନି, ବଜ୍ରପାତ, ସାପକାମୁଡ଼ା, ତୁଷାର ପାତ ଭଳି ବିପର୍ଯ୍ୟୟର ସାମ୍ନା ଓ ପ୍ରଶମନ ନିମନ୍ତେ ମୋକଡ୍ରିଲ ଭଳି ଅଭ୍ୟାସ କାର୍ଯ୍ୟକ୍ରମ ର ଆବଶ୍ୟକତାର ଗୁରୁତ୍ୱପୂର୍ଣ୍ଣ ଉପରେ ବାର୍ତ୍ତା ଦେଇ ଜନସାଧାରଣଙ୍କୁ ଉତ୍ସାହିତ କରିଥିଲେ ।

**କେନ୍ଦ୍ରାପଡ଼ା:** ବାତ୍ୟା ଓ ବନ୍ୟା ପରି ବିଭିନ୍ନ ବିପର୍ଯ୍ୟୟ ସମୟରେ ସମ୍ପୃକ୍ତ ବିଭାଗ, ସ୍ୱେଚ୍ଛାସେବୀ ଓ ଆଶ୍ରୟସ୍ଥଳୀ ପରିଚାଳନା କମିଟିଗୁଡ଼ିକୁ ତତ୍ପର କରିବା ସହ ସେମାନଙ୍କର କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ସର୍ବସାଧାରଣଙ୍କୁ ଅବଗତ କରାଇବା, ଦୁର୍ବଳ ଶ୍ରେଣୀର ଲୋକମାନଙ୍କୁ ସୁରକ୍ଷିତ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରଣ ଏବଂ ବିପର୍ଯ୍ୟୟ କାଳୀନ ଉପଯୋଗୀ ଉପକରଣ ଓ ଯନ୍ତ୍ରପାତିର ପ୍ରସ୍ତୁତି ଯାଞ୍ଚ କରିବା ଉଦ୍ଦେଶ୍ୟରେ ଜିଲ୍ଲାରେ ଆୟୋଜିତ ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକଙ୍କ ଅଧକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏହି ଟେବୁଲ୍ ଟପ୍ ଏକ୍ସରସାଇଜ୍ ଅନୁଷ୍ଠିତ ହୋଇଥିଲା । ଏଥିରେ ଆଶ୍ରୟସ୍ଥଳୀର ସଭାପତି ଓ ସମ୍ପାଦକ, ସ୍ୱେଚ୍ଛାସେବୀ, ବିଭିନ୍ନ ଏନଜିଓ, ଏନଡିଆରଏଫ୍, ଓଡ଼ିଶା ଅଗ୍ନିଶମ ସେବା ଏବଂ ଜିଲ୍ଲା ଓ ବ୍ଲକ ସ୍ତରର ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ । ଏହି ଅଭ୍ୟାସରେ ପ୍ରାକ୍ ସୂଚନାର ଶୀଘ୍ର ପ୍ରସାରଣ, ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରଣ, ସନ୍ଧାନ ଓ ଉଦ୍ଧାର କାର୍ଯ୍ୟ, ପ୍ରାଥମିକ ଚିକିତ୍ସା, ଯନ୍ତ୍ର ଓ ଉପକରଣର ବ୍ୟବହାର, ରିଲିଫ ବଣ୍ଟନ ଓ ବିପର୍ଯ୍ୟୟ ପ୍ରସ୍ତୁତି ଉପରେ ବିଶେଷ ଆଲୋଚନା ଓ ଅଭ୍ୟାସ କରାଯାଇଥିଲା ।

## ରାଜ୍ୟ ସରକାରଙ୍କ ଦୁଇ ବର୍ଷର ସଫଳତା ଉପସ୍ଥାପନ କଲେ ମନ୍ତ୍ରୀ

କେନ୍ଦ୍ରାପଡ଼ା,(ନିପ୍ର): ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ଜିଲ୍ଲାସ୍ତରୀୟ ଉତ୍ସବରେ ଯୋଗଦେବା ପାଇଁ କେନ୍ଦ୍ରାପଡ଼ା ଗସ୍ତରେ ଆସିଥିବା ମାନ୍ୟବର ଉଚ୍ଚଶିକ୍ଷା,କ୍ରୀଡା ଓ ଯୁବସେବା ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଜିଲ୍ଲାସ୍ତରୀୟ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବା, ଜିଲ୍ଲାସ୍ତରୀୟ ସମ୍ମିଳନୀ ପରେ ଏକ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ରାଜ୍ୟ ସରକାରଙ୍କ ଦୁଇ ବର୍ଷର ସଫଳତା ଏବଂ କେନ୍ଦ୍ରାପଡ଼ା ଜିଲ୍ଲାର ବିକାଶମୂଳକ



କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ । ମନ୍ତ୍ରୀ କହିଥିଲେ ଯେ, ଶିକ୍ଷା, କ୍ରୀଡା, ଜନଜାତି କଲ୍ୟାଣ, ମହିଳା ଓ ଶିଶୁ ବିକାଶ, ପରିବହନ, ପର୍ଯ୍ୟଟନ ଓ ଭିତ୍ତିଭୂମି କ୍ଷେତ୍ରରେ କେନ୍ଦ୍ରାପଡ଼ା ଜିଲ୍ଲା ଉଲ୍ଲେଖନୀୟ ସଫଳତା ହାସଲ କରିଛି । କ୍ରୀଡା କ୍ଷେତ୍ରରେ ରୋନିତ ରୋଶନ ସ୍ୱାଇଁ, ଶିବାନୀ ପ୍ରିୟଦର୍ଶିନୀ, ଅର୍ପିତା ସ୍ୱାଇଁ ଓ ଟ୍ୱିଙ୍କଲ ସ୍ୱାଇଁଙ୍କ ଉଲ୍ଲେଖନୀୟ ସଫଳତା ଜିଲ୍ଲାକୁ ଗୌରବାନ୍ୱିତ କରିଛି । ଜିଲ୍ଲା ମଙ୍ଗଳ ବିଭାଗ ଦ୍ୱାରା ଚଗଇଏଣ, ଅନ୍ତଃଜାତି ବିବାହ ଓ ଛାତ୍ରବୃତ୍ତି ଯୋଜନାରେ କୋଟି କୋଟି ଟଙ୍କା ବ୍ୟୟ କରାଯାଇଥିବା ବେଳେ ସମାଜ ମଙ୍ଗଳ ବିଭାଗ ଅଧୀନରେ ହଜାର ହଜାର ଶିଶୁ, ମହିଳା ଓ ପରିବାର ବିଭିନ୍ନ ଯୋଜନାରେ ଉପକୃତ ହୋଇଛନ୍ତି । ରାଜ୍ୟ ବଜେଟ୍ ୨୦୨୬-୨୭ରେ କେନ୍ଦ୍ରାପଡ଼ାରେ ଏକ ବିଶ୍ୱବିଦ୍ୟାଳୟ ସ୍ଥାପନ ଘୋଷଣା କରାଯାଇଥିବା ବେଳେ ବ୍ରାହ୍ମଣୀ, ଖରସ୍ରୋତା ଓ ବୈତରଣୀ ନଦୀ ଉପରେ ପ୍ରାୟ ୯୦୦ କୋଟି ଟଙ୍କା ବ୍ୟୟରେ ତିନୋଟି ଉଚ୍ଚସ୍ତରୀୟ ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି । ମନ୍ତ୍ରୀ କେନ୍ଦ୍ରପଡ଼ା ଜିଲ୍ଲା ଲିଡ୍ ବ୍ୟାଙ୍କିଂ ବ୍ୟବସ୍ଥା ଦ୍ୱାରା ୨୦୨୫-୨୬ ବର୍ଷ ପାଇଁ ସମସ୍ତ ୨୧ଟି ପାରାମିଟରରେ ହାସଲ କରି ରାଜ୍ୟ ସ୍ତରରେ ସ୍ୱତନ୍ତ୍ର ସଫଳତା ଅର୍ଜନ କରିଥିବା ନେଇ ଜିଲ୍ଲାବାସୀଙ୍କୁ ଅଭିନନ୍ଦନ ଜଣାଇଥିଲେ । । ମହାକାଳପଡ଼ା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଦୁର୍ଗା ପ୍ରସନ୍ନ ନାୟକ, ମାନ୍ୟବର ସାଂସଦଙ୍କ ପ୍ରତିନିଧି ଶଶାଙ୍କ ଶେଖର ସେଠୀ, ଜିଲ୍ଲାପାଳ ରଘୁରାମ ଆର.ଆୟର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନାଙ୍କ ସମେତ ଗଣମାଧମ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

**ନିମାପଡ଼ା, :** ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତି ପାଳନ ଅବସରରେ ବିକାଶର ଧାରା-ଓଡ଼ିଶା ସାରା କାର୍ଯ୍ୟକ୍ରମ ନିମାପଡ଼ା ପଂଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ବିଧାୟିକା ତଥା ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଡ଼ିଶା ସରକାରଙ୍କ ବିଭିନ୍ନ ଜନ କଲ୍ୟାଣ କାର୍ଯ୍ୟକ୍ରମ, ସୁଭଦ୍ରା ଯୋଜନା, ଅନ୍ତର୍ଦ୍ୟ ଗୃହ ଯୋଜନା, ବିକଶିତ ଗାଁ-ବିକଶିତ ଓଡ଼ିଶା, ଅନ୍ନପୂର୍ଣ୍ଣା ଯୋଜନା, ଆୟୁଷ୍ମାନ ଭାରତ ଯୋଜନା, ପିଏମଶ୍ରୀ ବିଦ୍ୟାଳୟ ଭିତିଭୂମି ସୁଦୃଢ଼ ଦିଗରେ ହିତାଧିକାରୀମାନେ ସଫଳ ପାଇବା ନେଇ ଗୁରୁତ୍ୱାରୋପ କରିଥିଲେ । ଯେଉଁ ହିତାଧିକାରୀମାନେ ଯୋଜନାରୁ ବଂଚିତ ହୋଇଛନ୍ତି ୩ ଦିନ ମଧରେ ବ୍ଲକ୍ କାର୍ଯ୍ୟାଳୟରେ ଖୋଲିଥିବା ଅଭିଯୋଗ ପ୍ରକୋଷ୍ଠକୁ ଯାଇ ସମାଧାନ ନିମନ୍ତେ ବିଡ଼ିଓଙ୍କୁ ସାକ୍ଷାତ କରିବା ପାଇଁ ପରାମର୍ଶ ଦିଆଯାଇଥିଲା । ସାମାଜିକ ସୁରକ୍ଷା, ଭତ୍ତା, ଅଙ୍ଗନୱାଡ଼ି ପରିଦର୍ଶକ, କର୍ମୀଙ୍କୁ ମୋବାଇଲ ଫୋନ୍ ସହ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ବଂଟନ କରି ଶ୍ରୀମତି ପରିଡ଼ା ଯୋଜନାର ସଫଳ ରୂପାୟନ ନିମନ୍ତେ ଜନ ସହଯୋଗ ଲୋଡ଼ିଥିଲେ । ୫୯୧ ଜଣଙ୍କୁ ଭତ୍ତା ବଂଟନ, ମଧୁବାବୁ ପେନସନ ଯୋଜନାରେ ୪୪୨ ଜଣ, ବିଧବା ଭତା ୧୦୫ ଜଣ, ଦିବ୍ୟାଙ୍ଗ ୧୪୪ ଜଣଙ୍କୁ ଭତା ବଂଟନ କରାଯାଇ ସେମାନଙ୍କର ଶୁଭ କାମନା କରାଯାଇଥିଲା । ଉଦ୍ୟାନ ବିଭାଗ କାର୍ଯ୍ୟାଳୟ ପକ୍ଷରୁ ଚାଷୀମାନଙ୍କୁ ଅନୁଦାନ ଦିଆଯାଇଥିଲା । ତହସିଲଦାର ମନୋଜ ପ୍ରଧାନ, ବିଡ଼ିଓ ଡ଼ଃ ଅଭିଜିତ ଷଡ଼ଙ୍ଗୀ, କୃଷି ଅଧିକାରୀ ପ୍ରିୟବ୍ରତ ପୃଷ୍ଟି, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ତନୁପ୍ରଭା ବେଉରା, ଉଦ୍ୟାନ ସହ ଅଧିକାରୀ ଶୁଭଶ୍ରୀ କର, ଜଳ ସଂପଦ ସହକାରୀ ନିର୍ବାହୀ ଯନ୍ତ୍ରୀ ଶକ୍ତି ପ୍ରସାଦ ଦାଶ, ଏନ୍‌ଏସି ଅଧିକାରୀ ଚିନ୍ମୟ ଦାସଙ୍କ ସମେତ ଜନ ପ୍ରତିନିଧିମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ ରୂପାୟନ ଦେଇଥିଲେ ।

**କୃଷ୍ଣପ୍ରସାଦ:** ଓଡିଶା ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ପରିପ୍ରେକ୍ଷୀରେ ବିକାଶର ଧାରା ଓଡିଶା ସାରା କାର୍ଯ୍ୟକ୍ରମ କୃଷ୍ଣପ୍ରସାଦ ବ୍ଲକର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେଉଛି । ରବିବାର କୃଷ୍ଣପ୍ରସାଦ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସରପଞ୍ଚ ଇତିଶ୍ରୀ ସିଂହଙ୍କ ତତ୍ତ୍ୱାବଧାନରେ ହିତାଧିକାରୀ ମାନଙ୍କୁ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା କାର୍ଡ ବଣ୍ଟନ



କରାଯାଇଛି । ଅନ୍ୟମାନଙ୍କ ମଧରେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁରେନ୍ଦ୍ର ହାଁସଦା, ଡିଲର ଭଗବାନ ସେନାପତି, ଡିଲର ରଶ୍ମିତା ଜେନା ପ୍ରମୁଖ ଉପସ୍ଥିତ ରହି ହିତାଧିକାରୀ ମାନଙ୍କୁ କାର୍ଡ ବିତରଣ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ସେହିପରି ବଡ଼ଅଁଳ ପଞ୍ଚାୟତ ସରପଞ୍ଚ ବୀଣାପାଣି ପ୍ରଧାନ, ବ୍ଲକ ଯୋଗାଣ ନିରୀକ୍ଷକଙ୍କ ଉପସ୍ଥିତରେ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯାଇଥିଲା ।

## ଯାଜପୁର : ରଥଯାତ୍ରା ପାଇଁ ପ୍ରସ୍ତୁତି

ଯାଜପୁର,(ନିପ୍ର): ଯାଜପୁର ଶ୍ରୀଜଗନ୍ନାଥ ଜୀଉଙ୍କର ରଥଯାତ୍ରା ନିମନ୍ତେ ଶ୍ରୀଗୁଣ୍ଡିଚା ମନ୍ଦିର ପ୍ରାଙ୍ଗଣରେ ଶ୍ରୀଜଗନ୍ନାଥ ମନ୍ଦିର ଟ୍ରଷ୍ଟର ଟ୍ରଷ୍ଟି ତହସିଲଦାର ରବି ନାରାୟଣ ପାଢ଼ୀଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭରେ ପୁରୋହିତ ହୃଷୀକେଶ ପତି ଓ ପୂଜକ ବାସୁଦେବ ପାଣି ସ୍ତୋତ୍ର ପାଠ କରିଥିଲେ । ମନ୍ଦିର ଟ୍ରଷ୍ଟ ବୋର୍ଡ ସଭ୍ୟ ତଥା ଯାଜପୁର ତହସିଲର ପୂର୍ବତନ ମୁଖ୍ୟ କିରାଣୀ ଅଶୋକ କୁମାର ସାହୁ ନୂତନ ଟ୍ରଷ୍ଟ ବୋର୍ଡ ଗଠନର ଆବଶ୍ୟକତା ଓ ବାର୍ଷିକ ଆୟବ୍ୟୟର ହିସାବ ସମ୍ପର୍କରେ ଉଲ୍ଲେଖ କରିଥିଲେ । ପୂର୍ବତନ ପୌର ପରିଷଦ ଅଧକ୍ଷ ଭବ ପ୍ରସାଦ ଦାସ ପୂର୍ବ ବର୍ଷ ଠାରୁ ରଥଯାତ୍ରାକୁ ଆହୁରି ଅଧିକ ଆକର୍ଷଣୀୟ ଓ ଉତ୍ସବମୁଖର କରିବା ପାଇଁ ପ୍ରସ୍ତାବ ରଖିଥିଲେ । ଯାଜପୁର ପୌର ପରିଷଦ ଉପାଧକ୍ଷ ସନ୍ତୋଷ କୁମାର ମଲ୍ଲିକ ପୌର ପରିଷଦ ପକ୍ଷରୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି କହିଥିଲେ । ଏହାସହ ପୋଲିସ ପ୍ରଶାସନ, ବିଦ୍ୟୁତ ବିଭାଗ, ସୂଚନା ଓ ଲୋକସମ୍ପର୍କ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଅଗ୍ନିଶମ ବିଭାଗର ରଥଯାତ୍ରା ଦାୟିତ୍ୱ ସମ୍ପର୍କରେ ଆଲୋଚନା କରାଯାଇଥିଲା ।

## ବ୍ଲକସ୍ତରୀୟ ପିତୃମାତୃହୀନ ଶିଶୁଙ୍କ ଉପସ୍ଥାପନା ଓ ପରାମର୍ଶ ଶିବିର

ସୋନପୁର,(ନିପ୍ର): ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଦ୍ୱାରା ଆୟୋଜିତ ଉଲୁଣ୍ଡା ବ୍ଲକ ମିଶନ ଶକ୍ତି ସଭାଗୃହ ଠାରେ ପିତୃ ମାତୃହୀନ ଶିଶୁଙ୍କ ପରାମର୍ଶ ଓ କୋର୍ଟ କାମ୍ପ ଅନୁଷ୍ଠିତ ହୋଇଅଛି । ଏହି କ୍ୟାମ୍ପରେ



୩୨୬ ଜଣ ଶିଶୁ ଓ ମହିଳା ଉପସ୍ଥିତ ରହି କମିଟି ଆଗରେ ନିଜର ଉପସ୍ଥାପନ କରିଥିଲେ । ଶିଶୁ ମଙ୍ଗଳ କମିଟି, ଦ୍ୱାରା ସମସ୍ତ ଶିଶୁ ଏବଂ ଅଭିଭାବକଙ୍କ ପ୍ରମାଣ ପତ୍ର ଯାଞ୍ଚ କରି ତଥ୍ୟ ସଂଗ୍ରହ କରିଥିଲେ ।

ଶିଶୁମାନଙ୍କ ତଥ୍ୟ ତର୍ଜମା ପରେ ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ କରାଯିବାର ବ୍ୟବସ୍ଥା କରାଯିବ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାସ ପରିଚାଳନା କରିଥିବା ବେଳେ ଶିଶୁ ମଙ୍ଗଳ କମିଟିର ସଭ୍ୟ କେଶବ ଚନ୍ଦ୍ର ମେହେର, ବ୍ରଜେନ୍ଦ୍ର କୁମାର ବିଶି ଉପସ୍ଥିତ ରହି ଉପସ୍ଥାପନା କାର୍ଯ ତୁଲାଇ ଥିଲେ । ଏହି କାମ୍ପକୁ ଶିଶୁ ଶିଶୁ ସୁରକ୍ଷା ବିଭାଗର ଗୌତମ ମହାପାତ୍ର, ରୁଦ୍ର ପ୍ରସନ୍ନ ମିଶ୍ର, ଥବିର କାଲସେ, ମୃତୁଞ୍ଜୟ ସାହୁ, ଜିତେନ୍ଦ୍ର ମଣ୍ଡଳ, ଅନିଲ ମହଲା ଓ ଚାଇଲଡ ହେଲ୍ପ ଲାଇନର ଧର୍ମେନ୍ଦ୍ର ଦାସ ତଥା ସ୍ଥାନୀୟ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ସହଯୋଗ କରିଥିଲେ ।

## ଭତ୍ତା ପାଇଁ ବିଧାୟକଙ୍କୁ ଗୁହାରି ଜଣାଇଲେ ବୃଦ୍ଧବୃଦ୍ଧା

ପାରଳାଖେମୁଣ୍ଡି,(ନିପ୍ର): ଜିଲ୍ଲା ଗୁମ୍ମା ବ୍ଲକରେ ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ ସଭାରେ ଯୋଗ ଦେବା ପାଇଁ ବିଧାୟକ ରୂପେଶ ପାଣିଗ୍ରାହୀ ଗୁମ୍ମା ଗସ୍ତ କରିଥିଲେ । ଏହି ସମୟରେ କିଛି ବୃଦ୍ଧବୃଦ୍ଧା ଗତ କିଛି ମାସ ଧରି ବିଧବା ଭତ୍ତା, ବାର୍ଦ୍ଧକ୍ୟ ଭତ୍ତା ଓ ବିକଳାଙ୍ଗ ଭତ୍ତା ପାଇ ନ ଥିବାରୁ ଅନେକ ଦିନ ଧରି



ଅସୁବିଧାର ସମ୍ମୁଖୀନ ହେଉଥିବା ହେତୁ ଠିକ୍ ଭାବରେ ଭତ୍ତା ପାଇବା ପାଇଁ ବ୍ୟବସ୍ଥା କରିବା ପାଇଁ ଅନୁରୋଧ କରିଥିଲେ । ବିଧାୟକ ଗୁହାରୀ ଶୁଣି ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇବା ତଥା ତୁରନ୍ତ ଏ ଘଟଣାର ସମାଧାନ ପାଇଁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ଏଭଳି ଘଟଣା ସାରା ରାଜ୍ୟରେ ଦେଖିବାକୁ ମିଳୁଛି । ମୁଖ୍ୟତଃ ଆମ ଜିଲ୍ଲାର ପ୍ରତ୍ୟେକ୍ ବ୍ଲକରେ ଏଭଳି ଅଭିଯୋଗ ଦେଖିବାକୁ ମିଳୁଛି । ଜିଲ୍ଲାର ସବୁଠାରୁ ଗରିବ ଓ ଆଦିବାସୀ ଲୋକେ ଗୁମ୍ମା ବ୍ଲକରେ ରୁହନ୍ତି । ଏହି ପେନସନ ମିଳିଲେ ଔଷଧ ଓ ଅଲଗା ଖର୍ଚ୍ଚ କରିଥାନ୍ତି । ଲଗାତାର ଭାବେ ୩ରୁ ୪ମାସ ପେନସନ ନମିଳିବାରୁ ଲୋକେ ଔଷଧ କଥା ଛାଡନ୍ତୁ ଚାହା ଟିକେ ପିଇବା ପାଇଁ ସକ୍ଷମ ହେଉନାହାନ୍ତି ବୋଲି କୁହାଯାଇଛି । ଏହି ସମସ୍ୟା ପ୍ରତ୍ୟେକଙ୍କ ଠାରୁ ଶୁଣି ବିଧାୟକ ଜିଲ୍ଲା ପ୍ରଶାସନ ଓ ରାଜ୍ୟସରକାରଙ୍କୁ ଚିଠି ମାଧ୍ୟମରେ ଜଣେଇବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

## 'କୌଣସି ଯୋଗ୍ୟ ମତଦାତା ବାଦ୍ ପଡ଼ିବେ ନାହିଁ'

ରାୟଗଡ଼,(ନିପ୍ର): ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାନୁସାରେ ୦୧ ଜୁଲାଇ ୨୦୨୬କୁ ଯୋଗ୍ୟତା ତାରିଖ ଭାବେ ଧାର୍ଯ୍ୟ କରି ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ ୨୦୨୬ କାର୍ଯ୍ୟକ୍ରମକୁ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ପ୍ରଚାର ଓ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ "କୌଣସି ଯୋଗ୍ୟ ମତଦାତା ବାଦ ପଡ଼ିବେ ନାହିଁ" ଶୀର୍ଷକ ଏକ ରାଜ୍ୟସ୍ତରୀୟ ମତଦାତା ସଚେତନତା ପ୍ରତିଯୋଗିତାର ଆୟୋଜନ କରାଯାଇଛି । ଏହି ପ୍ରତିଯୋଗିତା ଚଳିତ ମାସ ୧୮ ଜୁନରୁ ୨୮ ଜୁନ ୨୦୨୬ ପର୍ଯ୍ୟନ୍ତ ଆୟୋଜିତ ହେବ । ପ୍ରତିଯୋଗିତାଟି ସ୍ଲୋଗାନ ପ୍ରତିଯୋଗିତା, ସ୍କିଟ୍ (ଲଘୁ ନାଟିକା) ପ୍ରତିଯୋଗିତା ଏବଂ ରିଲ୍ ମେକିଂ ପ୍ରତିଯୋଗିତା ଭଳି ତିନୋଟି ବିଭାଗରେ ଅନୁଷ୍ଠିତ ହେବ ।

ସ୍ଲୋଗାନ ପ୍ରତିଯୋଗିତାରେ ଅଂଶଗ୍ରହଣକାରୀମାନେ ନିଜର ନାମ, ଠିକଣା ଓ ମୋବାଇଲ ନମ୍ବର ସହିତ ସ୍ଲୋଗାନକୁ ଇ-ମେଲ୍ ମାଧ୍ୟମରେ ପ୍ରେରଣ କରିପାରିବେ । ସେହିପରି ସ୍କିଟ୍ ପ୍ରତିଯୋଗିତାରେ ମତଦାତାଙ୍କ ଅଧିକାର ଓ ଦାୟିତ୍ୱ, ସ୍ୱତନ୍ତ୍ର ଗଭୀର ସଂଶୋଧନର ଗୁରୁତ୍ୱ, ଗଣନା ଫର୍ମ ପୂରଣ ପ୍ରକ୍ରିୟା ଏବଂ ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତି ସମ୍ପର୍କିତ ବିଷୟବସ୍ତୁ ଉପରେ ୧ରୁ ୫ ମିନିଟ୍ ସମୟାବଧିର ଭିଡିଓ ପ୍ରସ୍ତୁତ କରି ଦାଖଲ କରିପାରିବେ । ରିଲ୍ ମେକିଂ ପ୍ରତିଯୋଗିତାରେ ଅଂଶଗ୍ରହଣକାରୀମାନେ ନିଜ ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ରିଲ୍ ଅପଲୋଡ୍ କରି ନିଜର ନାମ ଓ ଜିଲ୍ଲା ଉଲ୍ଲେଖ କରିବା ସହିତ ଜିଲ୍ଲା ପ୍ରଶାସନ ଏବଂ ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶାଙ୍କ ସୋସିଆଲ ମିଡିଆ ହ୍ୟାଣ୍ଡେଲକୁ ଟ୍ୟାଗ୍ କରିବାକୁ ହେବ ।

ପ୍ରତିଯୋଗିତାରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ପ୍ରତିଯୋଗୀମାନଙ୍କୁ ଆକର୍ଷଣୀୟ ନଗଦ ପୁରସ୍କାର ପ୍ରଦାନ କରାଯିବ । ସ୍ଲୋଗାନ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ବିଜେତାମାନଙ୍କୁ କ୍ରମଶଃ ୩,୦୦୦ ଟଙ୍କା, ୨,୫୦୦ ଟଙ୍କା ଓ ୨,୦୦୦ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ । ସେହିପରି ସ୍କିଟ୍ ପ୍ରତିଯୋଗିତାରେ ପ୍ରଥମ ପୁରସ୍କାର ୩୦,୦୦୦ ଟଙ୍କା, ଦ୍ୱିତୀୟ ପୁରସ୍କାର ୨୦,୦୦୦ ଟଙ୍କା ଏବଂ ତୃତୀୟ ପୁରସ୍କାର ୧୦,୦୦୦ ଟଙ୍କା ରହିଛି । ରିଲ୍ ମେକିଂ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ବିଜେତାଙ୍କୁ କ୍ରମଶଃ ୨୦,୦୦୦ ଟଙ୍କା, ୧୦,୦୦୦ ଟଙ୍କା ଓ ୫,୦୦୦ ଟଙ୍କା ନଗଦ ପୁରସ୍କାର ପ୍ରଦାନ କରାଯିବ । ତେଣୁ ଜିଲ୍ଲାର ସମସ୍ତ ଯୁବବର୍ଗ, ଛାତ୍ରଛାତ୍ରୀ, ସାମାଜିକ ଗଣମାଧ୍ୟମ ବ୍ୟବହାରକାରୀ ଏବଂ ସଚେତନ ନାଗରିକମାନଙ୍କୁ ଏହି ପ୍ରତିଯୋଗିତାରେ ସକ୍ରିୟ ଭାବେ ଅଂଶଗ୍ରହଣ କରି ମତଦାତା ସଚେତନତା ଅଭିଯାନକୁ ସଫଳ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆହ୍ୱାନ କରାଯାଇଛି ।

### କୁଚିଣ୍ଡାରେ ଜାତି ଜନଜାତି ସମ୍ବାଦ କାର୍ଯ୍ୟକ୍ରମ

## ବ୍ୟବସ୍ଥିତ ଢଙ୍ଗରେ ଯୋଜନାର କାର୍ଯ୍ୟକାରିତା କର

କୁଚିଣ୍ଡା,(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଟାଉନହଲଠାରେ ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ଏବଂ ପଛୁଆବର୍ଗ କଲ୍ୟାଣ ବିଭାଗ ଆନୁକୂଲ୍ୟରେ କୁଚିଣ୍ଡା ବ୍ଲକ ପକ୍ଷରୁ ଜାତି ଜନଜାତି ସମ୍ବାଦ ଏବଂ ? ଦୁଇବର୍ଷ ପୂର୍ତ୍ତି ଅବସରରେ ଜନସମ୍ପର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କୁଚିଣ୍ଡା ବିଡ଼ିଓ ଜୟନ୍ତ ସାହୁଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ,ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ । ସେ ତାଙ୍କ ବକ୍ତବ୍ୟରେ କହିଥିଲେ,ମୋହନ ସରକାରଙ୍କ ଦୁଇବର୍ଷର କାର୍ଯ୍ୟ କାଳ ମଧରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ବିଭିନ୍ନ ବିକାଶ ମୂଳକ ଯୋଜନା କାର୍ଯ୍ୟକାରୀ ହୋଇଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଅନ୍ତୋଦୟ ଗୃହ ଯୋଜନା,ମାଧୋ ସିଂ ହାତଖର୍ଚ୍ଚ ଯୋଜନା, ଛାତ୍ର ବୃତ୍ତି ଯୋଜନା,ସୁମଙ୍ଗଳ ଯୋଜନା,ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା,ଛାତ୍ର ବୃତ୍ତି ଯୋଜନା,ଜଙ୍ଗଲ ଅଧିକାର, ଅନୁସୂଚିତ ଜାତି ଓ ଜନଜାତି ପିଲାଙ୍କ ସହଜ ଶିକ୍ଷା ପାଇଁ ଗୋଦାବରୀଶ ମିଶ୍ର ପ୍ରାଥମିକ ବିଦ୍ୟାଳୟ ଯୋଜନା ଆଦି କାର୍ଯ୍ୟକାରୀ ହେଉଛି । ତେଣୁ ବ୍ୟବସ୍ଥିତ ଢଙ୍ଗରେ ଯୋଜନା ଗୁଡ଼ିକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ ସମ୍ବଲପୁର ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଭଗିନ୍ଦ୍ର କିସାନ, କୁଚିଣ୍ଡା ପଞ୍ଚାୟତ ସମିତି ଅଧକ୍ଷ ଭୁବନେଶ୍ୱର କିସାନ, ଉପାଧକ୍ଷା ରଶ୍ମିତା ନାଏକ, ଜିଲ୍ଲାପରିଷଦ ସଭ୍ୟ ଦିବ୍ୟରାଜ କିସାନ,ଏମପି ପ୍ରତିନିଧି ରୁଦ୍ରପ୍ରତାପ ଦେଓ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ଡ୍ୟୁଇଓ ଆଶିଷ ନାଏକ ବ୍ଲକ ପକ୍ଷରୁ ଅନୁସୂଚିତ ଜାତି ଓ ଜନଜାତି ସମ୍ପ୍ରଦାୟଙ୍କୁ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ସୁବିଧା ଓ ଯୋଜନା ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ । ଏହି ଅବସରରେ ଅତିଥିମାନେ ୧୫ ଜଣ ହିତାଧିକାରୀଙ୍କୁ ଜମିପଟ୍ଟା, ୧୧ ଜଣଙ୍କୁ ମାଧୋସିଂ ହାତ ଖର୍ଚ୍ଚ ଯୋଜନା, ୧୪ ଜଣଙ୍କୁ ଅନ୍ତ୍ୟୋଦୟ ଗୃହ କାର୍ଯ୍ୟାଦେଶ, ୧୪ ଜଣଙ୍କୁ ଲେବର କାର୍ଡ, ୯ ଜଣଙ୍କୁ ରାସନ୍ କାର୍ଡ, ୩ ଜଣଙ୍କୁ ମଧୁବାବୁ ପେନସନ ଓ ୧୦ ଜଣଙ୍କୁ ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଯୋଜନା ବଣ୍ଟନ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ମନ୍ତ୍ରୀ ନାଏକ ଏକ ପ୍ରଦର୍ଶନୀ ମେଳାକୁ ଉଦଘାଟନ କରିଥିଲେ । ପୂର୍ବତନ କୁଚିଣ୍ଡା ପଞ୍ଚାୟତ ସମିତି ଅଧକ୍ଷ

କରୁଣାକର କିସାନ ସଭା ପରିଚାଳନା କରିଥିବା ବେଳେ କୁଚିଣ୍ଡା ବ୍ଲକ ଅତିରିକ୍ତ ବିଡିଓ ଜଗମୋହନ କିସାନ ଧନ୍ୟବାଦ ଅର୍ପଣ କରିଥିଲେ ।ପରେ ଏକଲବ୍ୟ ମଡେ଼ଲ ଆବାସିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସମେତ ମହୁଲଡିହି ଓ ଲଇଡାଗୁଣାର ନୃତ୍ୟଦଳ ମାନେ

ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଏହି କାର୍ଯ୍ୟକ୍ରମରେ କୁଚିଣ୍ଡା ବ୍ଲକର ସମସ୍ତ ପଞ୍ଚାୟତର ଏମ୍ବିକେ,ସିଆରପିଙ୍କ ସମେତ ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନେ ଯୋଗଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ସେକ୍ସନ ଅଫିସର ତରୁଣ ପ୍ରସାଦ ବିଶ୍ୱାଳ,ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଜ୍ଞାପରମିତା ନାୟକ,ସିପି ସୁଦୀପ ଲାକ୍ରାଙ୍କ ସମେତ ସମସ୍ତ ଷ୍ଟାଫ୍ ସହଯୋଗ କରିଥିଲେ ।

ତିଥି :(ଅଷ୍ଟମୀ): (ଉତ୍ତରଫାଃ କନ୍ୟା)
ଅମୃତ ବେଳା: ଦିବା ଘ ୮।୨୫ ଗତେ ଘ ୧୦।୧ ମଧ୍ୟେ

## ଆଜିର ଅନୁଚିନ୍ତନ

ମୋର ଏହି ଉଗ୍ରରୂପ ଦେଖି ତୁମେ ବ୍ୟଥିତ ହେବା ଅନୁଚିତ ଏବଂ ତୁମଠାରେ ମୂଢ଼ ଭାବ ଆସିବା ମଧ୍ୟ ଅନୁଚିତ। ଏବେ ନିର୍ଭୟ ଓ ପ୍ରସନ୍ନ ମନରେ ତୁମେ ପୁନଶ୍ଚ ମୋର ଏହି ରୂପ ଭଲଭାବେ ଦର୍ଶନ କର।।।

- ଶ୍ରୀମଦ୍ ଭଗବଦ୍ ଗୀତା

# ଭିଡ଼ହିଂସାର ଲଜ୍ଜା

ଭିଡ଼ହିଂସା ଆମ ସଂସ୍କୃତିରେ କେବେ ନ ଥିଲା, ଏବେ ଏହା ଗତ କିଛିମାସ ହେବ ଅନୁପ୍ରବେଶ କରି ଆମ ପରମ୍ପରା ପ୍ରତି ଉପହାସ ସୃଷ୍ଟି କରିଛି। ଭିଡ଼ହିଂସା ସର୍ବଦା ବିପଦଜନକ ତଥା ଭୟାନକ ପରିଣତି ଆଣିଥାଏ। କାରଣ ଏହା ନୈତିକତା କ'ଣ ତାହା ଜାଣେ ନାହିଁ। ଯେଉଁଠି ସଂଘବଦ୍ଧ ଆକ୍ରମଣ ହେଉଥାଏ କୌଣସି କାରଣରୁ, ତାହାର କାରଣ ଜାଣିବା ପୂର୍ବରୁ ବିବେକକୁ ବଳି ଦେଇ ଆକ୍ରମଣରେ ସାମିଲ ହେବା ହିଁ ଭିଡ଼ହିଂସା। ଦିଲ୍ଲୀର ଜଣେ ଯୁବକ ଓ ଗୁଜରାଟର ଜଣେ ଯୁବତୀ ଏକ ସ୍ୱେଚ୍ଛାସେବୀ ସଂଗଠନରେ କାମ କରିଆସୁଥିବାବେଳେ ଗତ ପ୍ରାୟ ୫ଦିନ ପୂର୍ବେ ଗୁଗୁଲ ମ୍ୟାପ୍ ଦେଖି କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ିଠାରୁ ରାୟଗଡ଼ା କଲ୍ୟାଣସିଂହପୁର ଦେଇ ନିଜ ଗନ୍ତବ୍ୟ ସ୍ଥଳକୁ ଯାଉଥିବାବେଳେ ସମ୍ଭବତଃ ରାସ୍ତା ନେଇ ଦ୍ୱନ୍ଦ୍ୱରୁ ମୁକ୍ତ ହୋଇପାରିଲେନାହିଁ ବୋଲି ସଂପୃକ୍ତ ଅଞ୍ଚଳର ଲୋକଙ୍କୁ ପଚରାଉଚରା କରୁଥିଲେ। ରଜ ପର୍ବ ଚାଲିଥିବା ହେତୁ ସଂପୃକ୍ତ ଅଞ୍ଚଳରେ ଦୋଳିଖେଳ ଓ ଗହଳିଚହଳି ଲାଗି ରହିଥିଲା। କିଛି ପିଲାଙ୍କୁ ଉଭୟ ଭେଟ ହେବା ପରେ ବିସ୍କୁଟ ଯାଚିଥିଲେ ବୋଲି କୁହାଯାଉଛି। ଏହି ବିସ୍କୁଟ ଯାଚିବା ଘଟଣାରେ ଉଭୟଙ୍କୁ ପିଲାଚୋର ସନ୍ଦେହ କରି ଅଟକାଇ ଯୁବକ ଓ ଯୁବତୀଙ୍କୁ ପିଟାମରା କରିଥିଲେ। ତେବେ ଯୁବତୀ ଜଣଙ୍କ ପୋଷାକ ଚିରି ବିବସ୍ତ୍ର କରିବାକୁ ଉଦ୍ୟମ କରିଥିଲେ ପ୍ରାୟ ୪୦ ଜଣ ବୋଲି ଚର୍ଚ୍ଚା ହେଉଛି। ଘୋର ଲଜ୍ଜା, ଯନ୍ତ୍ରଣା ଭିତରେ ଆତ୍ମସୁରକ୍ଷା ଖୋଜୁଥିବାବେଳେ ଦେବଦୂତ ସାଜି ଜଣେ ଯୁବକ ଭିଡ଼ହିଂସାରୁ ଯୁବତୀ ଜଣଙ୍କୁ ରକ୍ଷାପୂର୍ବକ ପୋଲିସ ହେପାଜତକୁ ଛାଡ଼ିଥିଲେ। ଏହି ସ୍ପର୍ଶକାତର ଘଟଣାରେ ଉଭୟଙ୍କ ପ୍ରତି ସଂଘଟିତ ହିଂସା ମଣିଷପଣିଆକୁ ବୀଭତ୍ସ ଭାବରେ ଉପହାସ କରିଛି କହିଲେ ଅତ୍ୟୁକ୍ତି ହେବନାହିଁ।

'ଅତିଥିଦେବୋ ଭବଃ' । ଏ ସଂସ୍କୃତି ଦିନେ ଆମ ଓଡ଼ିଶାରେ ଥିଲା । କୌଣସି ଗାଁକୁ ବାହାରୁ ଅତିଥି ଅଭ୍ୟାଗତ ବା ଅସୁବିଧାରେ ପଡିଥିବା ଲୋକ ପହଞ୍ଚିଲେ ତାଙ୍କର ଖାଦ୍ୟପେୟ ସାଙ୍ଗକୁ ରହଣୀ ବ୍ୟବସ୍ଥା ଗାଁ ମଣ୍ଡପରେ ସାମୟିକ ଭାବରେ କରାଯାଉଥିଲା। ପୁରୁଖା ଲୋକମାନେ ଏ ବାବଦରେ ଖୁବ୍ ସଚେତନ ଥିଲେ। ମାତ୍ର ତାହା ଆଜି ବିରଳ। ତଥାକଥିତ ସଭ୍ୟତାରେ ଅଗ୍ରଗତି ଘଟୁଥିବା ଯେତେ କୁହାଗଲେ ବି କେଉଁଠି କେଉଁଠି ସନ୍ଦେହ ଓ ଆକ୍ରମଣାତ୍ମକ ପ୍ରବୃତ୍ତି ବଢିବା ଆସୁରିକତା ବ୍ୟତୀତ ଅନ୍ୟ କିଛି ନୁହେଁ। ଆଲୋଚ୍ୟ ଘଟଣାରେ ଅନ୍ୟୂନ ୨୦ ଜଣ ଗିରଫ ହେଲେଣି। ବିବସ୍ତ୍ର କରିବାର ଦୃଶ୍ୟକୁ ମୋବାଇଲ ଭିଡିଓରେ ଉତ୍ତୋଳନ କରିବା ଘଟଣା ଘଟିଥିବା ଆଲୋଚନାକୁ ଆସିଛି। କୌଣସି ସମ୍ବେଦନଶୀଳ ଘଟଣାରେ ଲୋକଙ୍କ ସମବେଦନା ପରିବର୍ତ୍ତେ ରାକ୍ଷସ ପ୍ରବୃତ୍ତିର ଆବିର୍ଭାବ ଆମ ସାମାଜିକ ଅଧୋପତନର ଚିତ୍ର ଟୋଳେ। ଭିଡ଼ହିଂସା ଘଟଣାରେ ଆଇନକୁ ହାତକୁ ନେଇଥିବା ସମସ୍ତ ବ୍ୟକ୍ତି ଆଗକୁ ନିଶ୍ଚୟ ଗିରଫ ହେବେ। ସଭ୍ୟ ସମାଜ ପ୍ରତି ଆଲୋଚ୍ୟ କଳଙ୍କିତ ଘଟଣା ପରିପ୍ରେକ୍ଷୀରେ ସମାଜ କିଛି ଶିଖିବା ଦରକାର। ସଚେତନ ଲୋକେ ଆଇନ ହାତକୁ ନ ନେଇ କୌଣସି ଅପ୍ରୀତିକର ଘଟଣାର ସମାଧାନ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। କୌଣସି ଗୁଜବରେ ବିଶ୍ୱାସ ନ କରି ବାସ୍ତବିକ ସ୍ଥିତି ପ୍ରତି ସଚେତ ନ ହେବା ପର୍ଯ୍ୟନ୍ତ ଅନ୍ଧାରି ମୂଳକ ମାନସିକତାକୁ ଆବୋରି ବସିବା ଥୟ। ସୁତରାଂ ଆଇନ ହାତକୁ ନେଲେ ତାହାର ଜାଲରେ ଛନ୍ଦି ହେବା ନିଶ୍ଚିତ। ଧାରଣା ଓ ସତ୍ୟର ପ୍ରଭେଦକୁ ବୁଝିବା ଦରକାର। ରେଡଫ୍ଲାଗରେ ମାମଲାଟି ଅନ୍ତର୍ଭୁକ୍ତ ହୋଇଥିବା ଦୃଷ୍ଟିରୁ ଖୁବ୍ ସଂବେଦନତା ରଖେ। ସୁତରାଂ ସାମାଜିକ ସ୍ତରରେ ଆଇନ ହାତକୁ ନ ନେବା ପାଇଁ ଜନସଚେତନତା ସୃଷ୍ଟି ଦିଗରେ ସମସ୍ତେ ଉଦ୍ୟମ କରିବା ଆବଶ୍ୟକ।

# ଅପରାଧର ପ୍ରମାଣ ଓ ପ୍ରଯୁକ୍ତି ସାଧନ

**ପଞ୍ଚାନନ ବେହେରା**

ନୟାଗଡ଼ ଜିଲ୍ଲାର ଜଣେ ତତ୍କାଳୀନ ଥାନାଧିକାରୀଙ୍କ ବିରୋଧରେ ଜଣେ ମହିଳା ବଳାତ୍କାର ଅଭିଯୋଗ ନିକଟରେ ଆଣିଛନ୍ତି। ଜମି ବିବାଦକୁ ନେଇ ଉକ୍ତ ମହିଳା ଓ ଗ୍ରାମବାସୀଙ୍କ ମନରେ ଉପୁଜିଥିବା ଗଣ୍ଡଗୋଳ ନେଇ ଜିଲ୍ଲାର ଏକ ଥାନାରେ ମାମଲା ରୁଜୁ ହୋଇଥିଲା। ମାମଲା ରୁଜୁ ପରବର୍ତ୍ତୀ ସ୍ଥିତିକୁ ଅନୁଧ୍ୟାନ କଲେ ସମ୍ଭବତଃ ଠିକଣା ଢ଼ଙ୍ଗରେ ତଦନ୍ତ ଚାଲି ନଥିଲା ବୋଲି ମନେ କରିହେବ । କାରଣ ପରବର୍ତ୍ତୀ ସମୟରେ ଅଧିକାରୀ ଜଣଙ୍କ ମାମଲାରେ ସହଯୋଗ କରିବାକୁ କହି ଉକ୍ତ ମହିଳାଙ୍କ ଫୋନ ନମ୍ବର ନେଲେ। ସହଯୋଗ ଆଧାରିତ କଥା ପରିବର୍ତ୍ତେ ଅଭିଯୋଗ ହୋଇଥିଲା ଯେ ଉକ୍ତ ଅଧିକାରୀ ମହିଳାଙ୍କ ସହ କଥା ହେବା ସାଙ୍ଗକୁ ଅଶ୍ଳୀଳ ଫଟୋ ପଠାଇଥିଲେ। ମହିଳାଙ୍କୁ ମଧ୍ୟ ଅଶ୍ଳୀଳ ଫଟୋ ଦେବାକୁ କହିଥିଲେ। ମହିଳା ଜଣଙ୍କ ମନା କରିଥିଲେ। ପରବର୍ତ୍ତୀ ସମୟରେ ନୟାଗଡ଼ ପିଟିଏସ ଛକଠାରେ ମହିଳା ଜଣଙ୍କୁ ଫୁସୁଲାଇ ନିଜ ଭଡାଘରକୁ ନେଇ ବଳାତ୍କାର କରିଥିଲେ। ପୀଡ଼ିତା ତାଙ୍କ ଅଭିଯୋଗରେ ଏହା ଦର୍ଶାଇବା ପରେ ଅଧିକାରୀଙ୍କ ବିରୋଧରେ ମାମଲା ରୁଜୁ ପୂର୍ବକ ଅଧିକାରୀଙ୍କୁ ଅନ୍ୟତ୍ର ବଦଳି କରାଯାଇଛି।

ଅଭିଯୋଗ ସତ ହୋଇଥିଲେ ସାଂଘାତିକ ବୋଲି କୁହାଯାଉଛି। ମାତ୍ର ପ୍ରଶ୍ନ ଉଠୁଛି ଯଦି ସତ ହୋଇଥାଏ ଏହି ସମ୍ବେଦନଶୀଳ ଘଟଣା ପୋଲିସ ପ୍ରତି ଅବିଶ୍ୱାସ ବୃଦ୍ଧି କରିବ କି ନାହିଁ ?ଦୋଷ ସାବ୍ୟସ୍ତ ହେଲେ ଦଣ୍ଡବିଧାନ ତ ହେବ , ମାତ୍ର ଏ ମାମଲାର ତଦନ୍ତ କେବେ ସରିବ ଓ ସତ କେବେ ପଦାକୁ ଆସିବ ତାହା କହିହେବନାହିଁ।



ଆମ ଦେଶରେ ବିଳମ୍ବିତ ନ୍ୟାୟ କିଛି ନୂଆ କଥା ନୁହେଁ। ବର୍ଷ ବର୍ଷ ଧରି ନ୍ୟାୟ ବିଳମ୍ବିତ ହେବା ପଛରେ ମାମଲା ନେଇ ଯୋଗ୍ୟ ପ୍ରମାଣ ଉପସ୍ଥାପନ ଅନ୍ୟତମ ଦିଗ।

ନିକଟରେ ଏକ ସମ୍ମେଳନ ଉଦ୍‌ଘାଟନ ଅବସରରେ ଖୋଦ୍ ସ୍ୱରାଷ୍ଟ୍ର ମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି ଯେ ପ୍ରତି ଅପରାଧ ଦୃଶ୍ୟସ୍ଥଳରୁ ଫିଙ୍ଗର ପ୍ରିଣ୍ଟ ସଂଗ୍ରହ କରାଯାଉ। ଏହା କେବଳ ଅପରାଧୀକୁ ଚିହ୍ନଟ କରିବାରେ ସହାୟତା କରିବ ନାହିଁ,ଅଧିକନ୍ତୁ ଅପରାଧିକ ତଦନ୍ତ ଦିଗକୁ ସୁଦୃଢ଼ କରିବ। ତଥ୍ୟ ଯେତେବେଳେ ତ୍ୱରାନ୍ୱିତ ହେବ ସେତିକିବେଳେ ଅପରାଧ ପ୍ରମାଣିତ ହୋଇପାରିବ। ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଉଦ୍‌ବୋଧନର ସାରାଂଶ ଯେ ତଦନ୍ତରୁ ଦୋଷୀ ସାବ୍ୟସ୍ତ କରିବା ପର୍ଯ୍ୟନ୍ତ ପ୍ରତି ପର୍ଯ୍ୟାୟରେ ଟେକ୍‌ନୋଲୋଜୀକୁ ଫଳପ୍ରଦ ଭାବରେ ଉପଯୋଗ କରାଗଲେ ପ୍ରମାଣ ପ୍ରଣାଳୀ ଅଧିକ ସୁଦୃଢ଼ ହେବ ଏବଂ ଏ କ୍ଷେତ୍ରରେ ନ୍ୟାସନାଲ ଅଟୋମେଟ୍‌ଡ ଫିଙ୍ଗରପ୍ରିଣ୍ଟ ଆଇଡେଣ୍ଟିଫିକେସନ ସିଷ୍ଟମ(ନାଫିସ)କୁ ଏକ ଅଧିକ ଉତ୍ତମ ସାଧନ ଭାବରେ ବ୍ୟବହାର କରାଯାଇପାରିବ। ବଡ଼ ଜଟିଳ ମାମଲା ସରଳ କରିବାରେ 'ନାଫିସ'ର ବଡ଼ ସହାୟତା ବହୁ ମାମଲାରେ ନିଆଯାଇପାରିଥିବା ସୂଚାଇବା ବେଳେ ତାଙ୍କ ବିଶ୍ୱାସ ମୁତାବକ ଆଲୋଚ୍ୟ 'ନାଫିସ'ର ଉପଯୋଗ ମାତ୍ର ୧୦ ପ୍ରତିଶତ ହେଉଛି।

ଏହାର ଅର୍ଥ ୯୦ ପ୍ରତିଶତ ଉପଯୋଗ ହୋଇପାରୁନାହିଁ। ଯଦି ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଏପରି ବିଶ୍ୱାସକୁ ସତ ମନେ କରାଯାଏ ତେବେ ଆମ ନ୍ୟାୟିକ ବ୍ୟବସ୍ଥାରେ ପ୍ରଯୁକ୍ତିର ଉପଯୋଗ ଯଥାର୍ଥ ଭାବରେ ହୋଇପାରୁଛି ବୋଲି ଦାବି କରିହେବ ନାହିଁ। ଚାର୍ଜସିଟ୍ ବେଳେ ଅଭିଯୁକ୍ତଙ୍କ ଭୂମିକା ନେଇ ଆବଶ୍ୟକ ପ୍ରମାଣ ଦୃଢ଼ ହେବା ଲୋଡ଼ା। ସୁତରାଂ ଆଲୋଚ୍ୟ ନୟାଗଡ଼ ମାମଲା ପରିପ୍ରେକ୍ଷୀରେ ପ୍ରମାଣ ମଜଭୁତ ହେଲେ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହୋଇପାରିବେ। ଯାହା ଦ୍ୱାରା ପ୍ରକୃତ ସତ୍ୟ ପଦାକୁ ଆସିପାରିବ। ତଦନ୍ତରେ ପ୍ରଯୁକ୍ତିର ଉପଯୁକ୍ତ ପ୍ରୟୋଗ ନିଶ୍ଚୟ କୋଣଅନୁକୋଣରେ ଲୁଚି ରହିଥିବା ସତକୁ ଉଦ୍‌ଘାଟିତ କରିପାରିବ, ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଦୃଷ୍ଟିକୋଣ ତଥା ବିଚାରକୁ କେତେଦୂର ସମ୍ମାନ ଦିଆଯାଉଛି ତାହା ଆଗାମୀ ମାମଲାଗୁଡ଼ିକର ଗତିପଥରୁ ନିଶ୍ଚୟ ଜଣାପଡ଼ିବ।

**ଭୁବନେଶ୍ୱର**

# ଟ୍ରମ୍ପ ବନାମ ନାଟୋ

**ଡା. ରାଜ କିଶୋର ପଣ୍ଡା**

> ଏବେ ଦେଖିବା ନାଟୋ ମେଣ୍ଟର ଅବସାନ ଘଟିଲେ କେଉଁ ପକ୍ଷ ବେଶି ପ୍ରଭାବିତ ହେବ। ପ୍ରଥମେ ଆସିବା ଆମେରିକା ପକ୍ଷକୁ। ଯଦିଓ ଟ୍ରମ୍ପ ଧମକ ଦେଇଛନ୍ତି ଓହରି ଯିବା ପାଇଁ, ଏହା କିନ୍ତୁ କଷ୍ଟସାଧ୍ୟ। ଏହାର ପ୍ରଥମ କାରଣ ୨୦୨୩ ମସିହାରେ ଯୁକ୍ତରାଷ୍ଟ୍ରରେ କଂଗ୍ରେସ ଗୋଟିଏ ନିୟମ ପ୍ରଣୟନ କରିଥିଲା। ଏହି ନିୟମ ଅନୁଯାୟୀ ରାଷ୍ଟ୍ରପତି, କଂଗ୍ରେସର ବିନା ସମର୍ଥନ ଓ ଉପଦେଶରେ ଉତ୍ତର ଆମେରିକୀୟ ଚୁକ୍ତିରୁ ଆମେରିକାର ସଦସ୍ୟତାକୁ ରଦ୍ଦ କରି ପାରିବେ ନାହିଁ। ରଦ୍ଦ ସକାଶେ କଂଗ୍ରେସର ସମର୍ଥନ ନିତାନ୍ତ ଆବଶ୍ୟକ। ଆଗାମୀ ନଭେମ୍ବରରେ ଯୁକ୍ତରାଷ୍ଟ୍ରରେ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ହେବାର ଅଛି ଏବଂ ଯଦି ଡେମୋକ୍ରାଟ୍‌ମାନେ ସଂଖ୍ୟା ଗରିଷ୍ଠତା ହାସଲ କରନ୍ତି, ତେବେ ଟ୍ରମ୍ପଙ୍କର ଆଶା କଦାପି ଫଳବତୀ ହୋଇପାରିବ ନାହିଁ।

ମଧ୍ୟପ୍ରାଚ୍ୟରେ ଚାଲିଥିବା ମହାପ୍ରଳୟଙ୍କାରୀ ଯୁଦ୍ଧ ଶେଷରେ ଥମିଛି। ଏହି ଯୁଦ୍ଧଟି ବିଭିନ୍ନ ମଞ୍ଚରେ ଲଢ଼ା ଯାଉଥିଲା। ସେଗୁଡ଼ିକ ହେଉଛି ଆମେରିକା ବନାମ୍ ଇରାନ, ଇରାନ୍ ବନାମ ଅବଶିଷ୍ଟ ଉପସାଗରୀୟ ରାଷ୍ଟ୍ର, ଆମେରିକା ବନାମ ଚୀନ ଇତ୍ୟାଦି। ତେବେ ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ଏହି ଯୁଦ୍ଧର ହେଉଛି ଆମେରିକା ବନାମ୍ ଇଉରୋପୀୟ ସଂଘ। ଏହାକୁ ଆମେ ନାଟୋ ଓ ଟ୍ରମ୍ପଙ୍କ ମଧ୍ୟରେ ବିବାଦ ବୋଲି କହିପାରିବା। ଅତୀତରେ ଢ଼େର୍‌ଦିନ ଧରି ଯୁକ୍ତରାଷ୍ଟ୍ର ଓ ଇଉରୋପ ମଧ୍ୟରେ ମଧ୍ୟପ୍ରାଚ୍ୟ ଓ ଅନ୍ୟାନ୍ୟ କିଛି ଗମ୍ଭୀର ପ୍ରସଙ୍ଗ (ଗ୍ରୀନ୍‌ଲ୍ୟାଣ୍ଡ)କୁ ନେଇ ମତାନ୍ତର ସୃଷ୍ଟି ହୋଇଛି ଓ ଦୁଇ ମହାଶକ୍ତି ସମ୍ପ୍ରତି ମୁହାଁମୁହିଁ ଅବସ୍ଥାକୁ ଚାଲି ଆସିଛନ୍ତି। ଏହା ଏକ ଛାଡ଼ପତ୍ର ଭଳି ପରିସ୍ଥିତି ସୃଷ୍ଟି କରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ତେଣୁ ଏଥିରେ ପ୍ରଶ୍ନ ଉଠୁଛି ଯେ ଯଦି ଭବିଷ୍ୟତରେ ଆମେରିକା ଓ ଇଉରୋପୀୟ ରାଷ୍ଟ୍ରସଂଘ ମଧ୍ୟରେ ବିଚ୍ଛେଦ ଘଟେ ତଥା ସେମାନଙ୍କର ସାମରିକ ମେଣ୍ଟ ନାଟୋର ପରିସମାପ୍ତି ଘଟେ, ତାହାଦ୍ୱାରା କିଏ ବେଶି କ୍ଷତିଗ୍ରସ୍ତ ହେବ ? ଏହା ଜାଣିବା ନିମନ୍ତେ ଆମକୁ ଇତିହାସ ଉପରେ ଦୃଷ୍ଟି ଦେବା ପାଇଁ ପଡ଼ିବ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଆମେରିକା, ୟୁରୋପରେ ନିଜର ସାମରିକ ଘାଟିମାନ ନିର୍ମାଣ କରିବା ଆରମ୍ଭ କରିଥିଲା। ଏହି ଦିଗରେ ପ୍ରଥମ ପଦକ୍ଷେପ ଥିଲା, ୧୯୪୮ ମସିହାରେ ବ୍ରିଟେନର 'ଲାକେନ୍ ହିଥ୍' ଠାରେ ବାୟୁସେନାର ଘାଟି ନିର୍ମାଣ କରିବା। ସେହିପରି ଦ୍ୱିତୀୟ ପଦକ୍ଷେପ ଥିଲା, ୧୯୫୦ ଦଶକର ଆରମ୍ଭରେ ଜର୍ମାନୀର ରାମଷ୍ଟିନ ଏୟାରବେସ୍‌ର ନିର୍ମାଣ ଆମେରିକା ଦ୍ୱାରା। ପରବର୍ତ୍ତୀ ସମୟରେ ଯୁକ୍ତରାଷ୍ଟ୍ରର ଏହି କାର୍ଯ୍ୟକଳାପ କ୍ରମାଗତ ଭାବରେ ବୃଦ୍ଧି ପାଇଲା ଓ ଏହାର ସମରନୀତିର ଏକ ପ୍ରମୁଖ ଅଂଶ ପାଲଟିଗଲା। ପରିଣାମ ସ୍ୱରୂପ ଆଜି ୟୁରୋପରେ ଚାଳିଶରୁ ଅଧିକ ଆମେରିକୀୟ ସାମରିକ ଘାଟି ରହିଛି। ଯେଉଁଠାରେ ପାଖାପାଖି ୮୫,୦୦୦ ରୁ ଅଧିକ ସୈନିକ ମୁତୟନ ଅଛନ୍ତି। ଏଠାରେ ଗୋଟିଏ କଥା ଆମକୁ ବୁଝିବାକୁ ପଡ଼ିବ ଯେ ଆମେରିକୀୟ ନେତୃତ୍ୱରେ ପୁଞ୍ଜିବାଦୀ ଶକ୍ତିମାନେ, ଯେତେବେଳେ ଶୀତଳଯୁଦ୍ଧ ସମୟରେ ସୋଭିଏତ୍ ରୁଷକୁ ପରାସ୍ତ କରିବା ପାଇଁ ଯୋଜନା କରିଥିଲେ, ସେତେବେଳେ ନାଟୋ ମାଧ୍ୟମରେ ସାମରିକ ଅଭିଯାନର ଆବଶ୍ୟକତା ଥିଲା, ମାତ୍ର ୧୯୯୧ ମସିହାରେ ସୋଭିଏତ୍‌ର ବିଘଟନ ଓ ୱାରସ୍ ଚୁକ୍ତିର ଅବସାନ ଘଟିଲା ପରେ ନାଟୋ ମେଣ୍ଟର ଆବଶ୍ୟକତା ଆଉ ରହିଲା ନାହିଁ। ତଥାପି ଏ ମେଣ୍ଟ ରହିଲା।

ଏଠାରେ ନାଟୋ ଓ ୱାରସ୍ ମେଣ୍ଟର ଗଠନ ବିଷୟରେ କିଛି ତଥ୍ୟ ରଖାଯାଇପାରେ। ନାଟୋର ପୂରା ନାମ ହେଉଛି ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେସନ୍। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଉତ୍ତର ଆଟଲାଣ୍ଟିକ ଚୁକ୍ତି ସ୍ୱାକ୍ଷରିତ ହେବା ସହ ୧୯୪୯ ମସିହାରେ ଆନୁଷ୍ଠାନିକ ଭାବରେ ନାଟୋ ମେଣ୍ଟର ଅୟମାରମ୍ଭ ହୋଇଥିଲା। ସମୁଦାୟ ସଦସ୍ୟ ସଂଖ୍ୟା ଏଥିରେ ବତିଶ। ତିରିଶି ଜଣ ଇଉରୋପରୁ ଏବଂ ଦୁଇ ଜଣ ଉତ୍ତର ଆମେରିକାରୁ। ଶୀତଳ ଯୁଦ୍ଧ ସମୟରେ ନାଟୋର ପ୍ରାଥମିକ ଲକ୍ଷ୍ୟ ଥିଲା ସୋଭିଏତ୍ ରୁଷ ଓ ତାହାର ସହଯୋଗୀ ରାଷ୍ଟ୍ରମାନଙ୍କର ପ୍ରତିରୋଧ କରିବା। ନାଟୋକୁ ସାମ୍ନା କରିବା ପାଇଁ ସୋଭିଏତ୍ ରୁଷ୍ ନେତୃତ୍ୱରେ, ପୋଲାଣ୍ଡର ରାଜଧାନୀ ୱାରସ୍ ପରେ ୧୯୫୫ ମସିହାରେ ସ୍ୱାକ୍ଷରିତ ହୋଇଥିଲା ୱାରସ୍ ଚୁକ୍ତି ଓ ଏହା ଜନ୍ମ ଦେଲା ୱାରସ୍ ସାମରିକ ମେଣ୍ଟକୁ। ସୋଭିଏତ୍ ରୁଷ୍ ସମେତ ଏଥିରେ ସଦସ୍ୟ ରହିଲେ ଆଲବାନିଆ,ବୁଲଗେରିଆ, ଚେକୋସ୍ଲୋଭାକିଆ, ପୂର୍ବ ଜର୍ମାନୀ, ହଙ୍ଗେରୀ, ପୋଲାଣ୍ଡ ଓ ରୋମାନିଆ। ସୋଭିଏତ୍‌ର ପତନ ସହ ଏହି ମେଣ୍ଟର ମଧ୍ୟ ପତନ ଘଟିଲା। ବଞ୍ଚି ରହିଲା କିନ୍ତୁ ନାଟୋ। ନାଟୋକୁ ସୃଷ୍ଟି କରିଥିବା ଉତ୍ତର ଆଟଲାଣ୍ଟିକ ଚୁକ୍ତିର ଏକ ପ୍ରମୁଖ ଅଙ୍ଗ ତଥା ଭିତ୍ତି ହେଉଛି 'ଆର୍ଟିକିଲ୍-୫'। ଉକ୍ତ ଆର୍ଟିକିଲ୍ ଅନୁଯାୟୀ ନାଟୋର ଯେକୌଣସି ସଦସ୍ୟଭୁକ୍ତ ଦେଶକୁ ବାହ୍ୟ ଦେଶ ଆକ୍ରମଣ କଲେ, ଏହାକୁ ସମଗ୍ର ନାଟୋ ରାଷ୍ଟ୍ରସଂଘ ବିରୋଧରେ ଯୁଦ୍ଧ ବୋଲି ଧରାଯିବ ଓ ମେଣ୍ଟର ସମସ୍ତ ସଦସ୍ୟ ସମ୍ପୃକ୍ତ ବାହ୍ୟ ଶତ୍ରୁ ବିରୋଧରେ ଯୁଦ୍ଧରେ ଅଂଶ ଗ୍ରହଣ କରିବେ। ଏହ ନିୟମଟି ଦ୍ୱାରା ନାଟୋ ଅତୀବ ବଳଶାଳୀ ହୋଇପାରିଛି ବୋଲି ଆମେ କହିପାରିବା। ବର୍ତ୍ତମାନ ଆମେ ଦେଖିବା ଯେ, ଇଉରୋପୀୟ ରାଷ୍ଟ୍ରମାନେ, କେଉଁ କାରଣ ବଶତଃ, ଇରାନ୍ ଯୁଦ୍ଧରେ ଆମେରିକାକୁ ଅସହଯୋଗ କରିଥିଲେ ଓ ଏହାକୁ ପ୍ରସଙ୍ଗ କରି ଟ୍ରମ୍ପ ନାଟୋରୁ ଯୁକ୍ତରାଷ୍ଟ୍ର ଓହରି ଯିବା ନେଇ ଧମକ ଦେଇଥିଲେ।

ପ୍ରଥମ କାରଣ ହେଉଛି, ଇଉରୋପୀୟ ରାଷ୍ଟ୍ର ଯେପରିକି ବ୍ରିଟେନ୍, ଫ୍ରାନ୍ସ ଓ ସ୍ପେନ୍ ଟ୍ରମ୍ପ ପ୍ରଶାସନର ଇରାନ ଉପରେ ଆକ୍ରମଣକୁ ଅନାବଶ୍ୟକ ଓ ଭିତ୍ତିହୀନ ବୋଲି ମନେ କରିଥିଲେ। ଏହାକୁ ଆଧାର କରି ସେମାନେ ଆମେରିକାର ସୈନ୍ୟବାହିନୀକୁ ଇଉରୋପୀୟ ଭିତ୍ତିଭୂମି ଯୁଦ୍ଧରେ ବ୍ୟବହାର ନିମନ୍ତେ ବାରଣ କରିଥିଲେ। ଉଦାହରଣ ସ୍ୱରୂପ ସ୍ପେନ୍ (ଏହାର ଆକାଶ ମାର୍ଗକୁ ଆମେରିକାର ବ୍ୟବହାର ସକାଶେ ନିଷେଧ କରିଛି)। ସେହିପରି ମଧ୍ୟ ଇଟାଲୀ ଓ ଫ୍ରାନ୍ସ। ଇଟାଲି ନିଜର ସିଗୋନେଲା ବାୟୁସେନା ଘାଟିରୁ ଆମେରିକାକୁ ବ୍ୟବହାର କରିବାକୁ ଦେଇନାହିଁ। ଦ୍ୱିତୀୟ କାରଣ ହେଉଛି, ଟ୍ରମ୍ପ ଇରାନ୍, ଆକ୍ରମଣ କରିବା ପୂର୍ବରୁ ନାଟୋର ଅନୁମତି ନେଇ ନାହାନ୍ତି। ୨୦୦୩ରେ ତତ୍କାଳୀନ ରାଷ୍ଟ୍ରପତି ବୁଶ୍ ନାଟୋର ସଦସ୍ୟ ରାଷ୍ଟ୍ରମାନଙ୍କ ସହିତ ସବିଶେଷ ଆଲୋଚନା କରିଥିଲେ ଓ ଅନୁମତି ପ୍ରାପ୍ତ କରିଥିଲେ ଇରାକ୍ ଆକ୍ରମଣ ପୂର୍ବରୁ। ଏହାକୁ କେନ୍ଦ୍ର କରି ଇଉରୋପୀୟ ରାଷ୍ଟ୍ରସଂଘ ଟ୍ରମ୍ପଙ୍କ ଉପରେ କ୍ଷୁବ୍ଧ ଅଛନ୍ତି। ତୃତୀୟରେ ନାଟୋର ସଦସ୍ୟ ରାଷ୍ଟ୍ରମାନେ ଭୟ କରୁଛନ୍ତି କି ସେମାନେ ମଧ୍ୟପ୍ରାଚ୍ୟ ସଂଗ୍ରାମରେ ଅଂଶଗ୍ରହଣ କଲେ, ଯୁଦ୍ଧ ବ୍ୟାପକ ଆକାର ଧାରଣ କରିବ ଏବଂ ବିଶ୍ୱବ୍ୟାପୀ ତୈଳ ଓ ଗ୍ୟାସ୍‌ର ଉତ୍କଟ ସଙ୍କଟ ଦେଖାଯିବ। ଯେହେତୁ ଇଉରୋପୀୟ ଦେଶମାନେ ମଧ୍ୟ ଇରାନ ଉପରେ ତୈଳ ସକାଶେ ନିର୍ଭରଶୀଳ, ଆମେରିକାକୁ ସହଯୋଗ କରିବା ପାଇଁ ସେମାନେ ପଛଘୁଞ୍ଚା ଦେଉଛନ୍ତି।

ଚତୁର୍ଥରେ ଟ୍ରମ୍ପଙ୍କ ସାମ୍ରାଜ୍ୟ ବିସ୍ତାରବାଦୀ ନୀତି। ଅତୀତରେ ଗ୍ରିନଲ୍ୟାଣ୍ଡକୁ, ଆମେରିକାର ଅଂଶ ଓ ଏହାକୁ କଳେବଳେ କୌଶଳେ ଅଧିକାର କରିବା ନେଇ ଟ୍ରମ୍ପ ଘୋଷଣା କରିଥିଲେ। ଏହାକୁ ନେଇ ମଧ୍ୟ ବର୍ତ୍ତମାନ ସମୟରେ ଆମେରିକା ଓ ଇଉରୋପୀୟ ୟୁନିଅନ୍ ମଧ୍ୟରେ ଛକାପଞ୍ଝା ପରିସ୍ଥିତି ଲାଗି ରହିଛି। ଏହି ସବୁ କାରଣ ବଶତଃ ଇଉରୋପୀୟ ରାଷ୍ଟ୍ରମାନେ ଆମେରିକାକୁ ମଧ୍ୟପ୍ରାଚ୍ୟ ସଂଗ୍ରାମରେ ସହାୟତା କରୁ ନାହାନ୍ତି ବୋଲି ଆମେ କହିପାରିବା।

ଏବେ ଦେଖିବା ନାଟୋ ମେଣ୍ଟର ଅବସାନ ଘଟିଲେ କେଉଁ ପକ୍ଷ ବେଶି ପ୍ରଭାବିତ ହେବ। ପ୍ରଥମେ ଆସିବା ଆମେରିକା ପକ୍ଷକୁ। ଯଦିଓ ଟ୍ରମ୍ପ ଧମକ ଦେଇଛନ୍ତି ଓହରି ଯିବା ପାଇଁ, ଏହା କିନ୍ତୁ କଷ୍ଟସାଧ୍ୟ। ଏହାର ପ୍ରଥମ କାରଣ ୨୦୨୩ ମସିହାରେ ଯୁକ୍ତରାଷ୍ଟ୍ରରେ କଂଗ୍ରେସ ଗୋଟିଏ ନିୟମ ପ୍ରଣୟନ କରିଥିଲା। ଏହି ନିୟମ ଅନୁଯାୟୀ ରାଷ୍ଟ୍ରପତି, କଂଗ୍ରେସର ବିନା ସମର୍ଥନ ଓ ଉପଦେଶରେ ଉତ୍ତର ଆମେରିକୀୟ ଚୁକ୍ତିରୁ ଆମେରିକାର ସଦସ୍ୟତାକୁ ରଦ୍ଦ କରି ପାରିବେ ନାହିଁ। ରଦ୍ଦ ସକାଶେ କଂଗ୍ରେସର ସମର୍ଥନ ନିତାନ୍ତ ଆବଶ୍ୟକ। ଆଗାମୀ ନଭେମ୍ବରରେ ଯୁକ୍ତରାଷ୍ଟ୍ରରେ ମଧ୍ୟବର୍ତ୍ତୀ କାଳୀନ ନିର୍ବାଚନ ହେବାର ଅଛି ଏବଂ ଯଦି ଡେମୋକ୍ରାଟ୍ ମାନେ ସଂଖ୍ୟା ଗରିଷ୍ଠତା ହାସଲ କରନ୍ତି, ତେବେ ଟ୍ରମ୍ପଙ୍କର ଆଶା କଦାପି ଫଳବତୀ ହୋଇପାରିବ ନାହିଁ।

ଦ୍ୱିତୀୟ କାରଣ ହେଉଛି ନାଟୋର ସଦସ୍ୟତା, ଯାହାକି ଆମେରିକୀୟମାନଙ୍କ ମଧ୍ୟରେ ଅତ୍ୟନ୍ତ ଲୋକପ୍ରିୟ। ୨୦୨୫ରେ କରାଯାଇଥିବା ଗୋଟିଏ ସର୍ବେକ୍ଷଣରୁ ଜଣା ପଡ଼ିଛି ଯେ ଛଅଷଠି ପ୍ରତିଶତ ଆମେରିକୀୟ ନାଗରିକ ସ୍ୱୀକାର କରନ୍ତି ଯେ, ନାଟୋ ସଦସ୍ୟତା ଦ୍ୱାରା ଯୁକ୍ତରାଷ୍ଟ୍ର ଲାଭବାନ ହୋଇଛି। ଯେବେବି ୩୨ ପ୍ରତିଶତ ବିପରୀତ କଥା କହିଛନ୍ତି। ଏହି ସଦସ୍ୟତାକୁ ନେଇ ଆମେରିକା ମଧ୍ୟ ବିଭାଜିତ ଅବସ୍ଥାରେ ଅଛି। ଡେମୋକ୍ରାଟିକ୍ ଭୋଟରମାନଙ୍କ ମଧ୍ୟରୁ ୭୭ ପ୍ରତିଶତ ନାଟୋ ସଦସ୍ୟତା ସପକ୍ଷରେ ଥିବାବେଳେ, ରିପବ୍ଲିକାନ୍ ଭୋଟରଙ୍କ ମଧ୍ୟରୁ ପଇଁଚାଳିଶ୍ ପ୍ରତିଶତ ଏହା ସପକ୍ଷରେ ଅଛନ୍ତି। ତେଣୁ ସାମଗ୍ରିକ ଭାବରେ ଦେଖିଲେ ଯୁକ୍ତରାଷ୍ଟ୍ରର ଜନତା, ନାଟୋ, ସଦସ୍ୟତାକୁ ସମର୍ଥନ କରୁଛନ୍ତି।

ତୃତୀୟରେ ନାଟୋ ଛାଡ଼ିବା ଦ୍ୱାରା ଆମେରିକା ସାମରିକ ଦୃଷ୍ଟିକୋଣରୁ ଦୁର୍ବଳ ହୋଇପଡ଼ିବ ବୋଲି ଆନ୍ତର୍ଜାତିକ ରାଜନୀତି ବିଶେଷଜ୍ଞମାନେ ମତପୋଷଣ କରିଛନ୍ତି। ୧୯୮୯ ମସିହାରେ ଐତିହାସିକ "ପଲ କେନେଡ଼ି"ପାଞ୍ଚଶହ ବର୍ଷ ଧରି ବିଭିନ୍ନ ଯୁଦ୍ଧମାନଙ୍କ ଉପରେ ଗବେଷଣା କରି ଏକ ପୁସ୍ତକ ରଚନା କରିଥିଲେ। ବହିଟିର ନାମ ହେଉଛି 'ଦି ରାଇଜ୍ ଆଣ୍ଡ ଫଲ୍ ଅଫ୍ ଗ୍ରେଟ୍ ପାୱାର।' ଏହି ପୁସ୍ତକରେ କେନେଡ଼ି ଦର୍ଶାଇଛନ୍ତି, ଯେ ଯୁଦ୍ଧରେ ସେହି ପକ୍ଷ ବିଜୟଲାଭ କରିଥାଏ, ଯିଏ ନିଜର ସମ୍ବଳ(ସୈନିକ, ଯୁଦ୍ଧାସ୍ତ୍ର) କୁ ଶୀଘ୍ର ଗତିଶୀଳ କରାଇ ପାରିଥାଏ। ଏଠାରେ ଉଦାହରଣ ଭାବରେ ସେ ନେଇଛନ୍ତି ଜର୍ମାନୀକୁ। ଦଇଟି ବିଶ୍ୱଯୁଦ୍ଧରେ ଜର୍ମାନୀ ଅପେକ୍ଷା ମିତ୍ରଶକ୍ତି ନିଜର ସମ୍ବଳକୁ ଶୀଘ୍ର ଗତିଶୀଳ କରାଇ ପାରିଥିବାରୁ ବିଜୟ ଲାଭ କରିଥିଲା। ଯେହେତୁ ଯୁକ୍ତରାଷ୍ଟ୍ରର ମଧ୍ୟ ସୈନ୍ୟଦଳ ଓ ସାମରିକ ଘାଟିମାନ ଇଉରୋପୀୟ ଦେଶମାନଙ୍କରେ ଅଛି ତେଣୁ ନାଟୋରୁ ଓହରିବା ଦ୍ୱାରା ସେ କ୍ଷତିଗ୍ରସ୍ତ ହିଁ ହେବ।

ଆମେରିକୀୟ ନାଭାଲ ୱାର କଲେଜ୍ ତରଫରୁ ସମ୍ପ୍ରତି ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଋଇନା ତାଇୱାନ୍ ଅକ୍ତିଆର କରିବା ପାଇଁ ଗୋପନ ପ୍ରସ୍ତୁତି ଚଳାଇଛି। ତାଇୱାନ୍ ଓ ଆମେରିକାର ଘନିଷ୍ଠ ସମ୍ପର୍କ ରହିଆସିଛି। ଯଦି ଚୀନ ତାଇୱାନ୍ ଆକ୍ରମଣ କରେ ତେବେ ତାଇୱାନର ସୁରକ୍ଷା ପାଇଁ ଆମେରିକା ଓ ଚୀନ ମୁହାଁମୁହିଁ ହେବେ। ଯଦି ଆମେରିକା ନାଟୋର ସଦସ୍ୟ ଥାଏ, ତେବେ ଆର୍ଟିକିଲ୍-୫ ଅନୁସାରେ ସମଗ୍ର ମେଣ୍ଟଭୁକ୍ତ ଦେଶ ଚୀନ୍ ବିରୋଧରେ ଲଢ଼ିବେ। ଅନ୍ୟଥା ଆମେରିକା ଚୀନ୍‌ର ପ୍ରତିରୋଧରେ ଏକା ପଡ଼ିଯିବ। ତେଣୁ ନାଟୋରେ ରହିବା ଆମେରିକା ପକ୍ଷରେ ନିଶ୍ଚିତ ଭାବରେ ଲାଭଦାୟକ।

ସେହିପରି ଆମେରିକାକୁ ନାଟୋରୁ ବାଦ୍ ଦେବା ଇଉରୋପ ପାଇଁ ମଧ୍ୟ ବିପଜ୍ଜନକ ହୋଇପାରେ, କାରଣ ରୁଷ୍ ୟୁକ୍ରେନ୍ ଯୁଦ୍ଧ ଏବେ ମଧ୍ୟ ଚାଲିଛି। ଯଦି ଏଥିରେ ରଷ୍ ବିଜୟ ଲାଭ କରେ, ସେ ଇଉରୋପକୁ ଭବିଷ୍ୟତରେ ଆକ୍ରମଣ କରିପାରେ। ଏହାକୁ କେନ୍ଦ୍ର କରି ନାଟୋର ମୁଖ୍ୟ ମାର୍କ ରୁଟେ କହିଛନ୍ତି ଯେ, ଆମେରିକାକୁ ବାଦ୍‌ଦେଇ ଇଉରୋପୀୟ ରାଷ୍ଟ୍ରସଂଘ କେବେ ବି ରୁଷ୍‌ର ମୁକାବିଲା କରିପାରିବେ ନାହିଁ। ତେଣୁ ଶେଷରେ ଏହି ସିଦ୍ଧାନ୍ତରେ ଉପନୀତ ହୋଇପାରିବା ଯେ, ଯଦିଓ ଆମେରିକା ଓ ନାଟୋ ମଧ୍ୟରେ ବିବାହ ଅଶାନ୍ତିରେ ପରିପୂର୍ଣ୍ଣ, ସେଥିରେ ଛାଡ଼ପତ୍ରର ଆଶଙ୍କା ନାହିଁ କହିଲେ ଚଳେ। କାରଣ ଉଭୟ ପକ୍ଷ ପରସ୍ପର ଉପରେ ନିର୍ଭରଶୀଳ।

ମୋ-୮୧୪୦୪୨୯୯୭

# ସାପ କାମୁଡ଼ା ମୃତ୍ୟୁ ଏକ ଚ୍ୟାଲେଞ୍ଜ

**ସୌଭାଗ୍ୟ ରଂଜନ ମହାନ୍ତି**

> ଆମ ରାଜ୍ୟରେ ସାପ କାମୁଡ଼ାରେ ବାର୍ଷିକ ପ୍ରାୟ ୧୦୦୦ ଲୋକ ମୃତ୍ୟୁ ବରଣ କରିଥାନ୍ତି। ୨୦୨୩ରୁ ୨୦୨୫ ମଧ୍ୟରେ ରାଜ୍ୟରେ ୧୮୫୯ ଜଣଙ୍କର ମୃତ୍ୟୁ ଘଟିଥିବା ସରକାରୀ ରିପୋର୍ଟ କହେ। ରାଜ୍ୟର ବାଲେଶ୍ୱର, ଗଂଜାମ, କଟକ, କେନ୍ଦ୍ରାପଡ଼ା, ସୁନ୍ଦରଗଡ଼ ଏବଂ କେନ୍ଦୁଝର ଜିଲ୍ଲାରେ ସର୍ବାଧିକ ସାପ କାମୁଡ଼ା ଘଟଣା ଘଟିଥାଏ। ରାଜ୍ୟର ସରକାରୀ ହସ୍‌ପିଟାଲଗୁଡ଼ିକରେ ଆଣ୍ଟି ସ୍ନେକ ଭେନୋମ(ଏଭିଏସ) ଯଥେଷ୍ଟ ପରିମାଣରେ ଉପଲବ୍ଧ ସତ୍ତ୍ୱେ ଲୋକେ ଝଡ଼ାଫୁଙ୍କା ଉପରେ ବିଶ୍ୱାସ କରୁଥିବାରୁ ଡାକ୍ତରଖାନା ନେବା ବେଳକୁ ବହୁ ବିଳମ୍ବ ହୋଇସାରିଥାଏ। ବିଷ ଦେହରେ ବ୍ୟାପି ଯାଇଥିବାରୁ ଶେଷରେ ରୋଗୀ ମୃତ୍ୟୁବରଣ କରିଥାଏ।

ଏଥିରେ ଦ୍ୱିମତ ନାହିଁ ଯେ, ଆମ ଦେଶରେ ସାପ କାମୁଡାଜନିତ ମୃତ୍ୟୁ କୌଣସି ପ୍ରାକୃତିକ ମୃତ୍ୟୁ ଠାରୁ କମ୍ ନୁହେଁ। ସରକାରୀ ରିପୋର୍ଟରୁ ମିଳିଥିବା ତଥ୍ୟ ଅନୁଯାୟୀ ଦେଶରେ ବାର୍ଷିକ ୧ ମିଲିଅନରୁ ୧.୨ ମିଲିଅନ ଲୋକ ସାପ କାମୁଡ଼ାର ଶିକାର ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୪୬ ହଜାରରୁ ୫୮ ହଜାର ମୃତ୍ୟୁ ମୁଖରେ ପଡିଥାନ୍ତି।

କହିବା ବାହୁଲ୍ୟ ଯେ, ବନ୍ୟା, ବାତ୍ୟା, ଗ୍ରୀଷ୍ମ ପ୍ରବାହ, ଭୂସ୍ଖଳନ, ବାଦଲଫଟା ବର୍ଷା ଭଳି ବହୁ ପ୍ରାକୃତିକ ବିପର୍ଯ୍ୟାୟର ଦେଶ ସାମନା କରିଥିବା ବେଳେ ବାର୍ଷିକ ୫୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ସବୁଠାରୁ ବଡ ବିପର୍ଯ୍ୟୟ ବୋଲି କୁହାଯାଇଥାଏ। କିନ୍ତୁ ଦେଶରେ ସାପକାମୁଡାରେ ବାର୍ଷିକ ୪୬ ହଜାରୁ ୫୮ ହଜାର ଲୋକଙ୍କ ମୃତ୍ୟୁ ଘଟିବା ନିଶ୍ଚିତ ଭାବେ ଚିନ୍ତାଜନକ ବୋଲି କୁହାଯାଇପାରେ। ସାଧାରଣତଃ ବର୍ଷା ଦିନରେ ଦେଶର ବିଭିନ୍ନ ରାଜ୍ୟରେ ସାପକାମୁଡ଼ା ଘଟଣା ଦେଖିବାକୁ ମିଳେ। ଗ୍ରୀଷ୍ମ ଋତୁରେ ଖରାର ତାପମାତ୍ରା ସହ୍ୟ କରି ନିପାରି ସାପ ଶୀତଳ ସ୍ଥାନରେ ଆଶ୍ରୟ ନେଇଥାନ୍ତି। ବିଶେଷ କରି ଆର୍ଦ୍ର ସ୍ଥାନ, ଘରର ଅନ୍ଧାରୁଆ ସନ୍ଧିସ୍ଥାନ, ଭଣ୍ଡାର ଘର, କାଠଗଡା, ଗଛର କୋରଡ ଏବଂ ନଡିଆ ଗଛର ବାହୁଙ୍ଗାରେ ଆଶ୍ରୟ ନେଇଥାନ୍ତି। ଖରାଦିନ ବିଶେଷ କରି ଏପ୍ରିଲ-ମେ' ମାସରେ ସାପ ଅଣ୍ଡାଦେଇଥାଏ। ସେଗୁଡିକରୁ ଛୁଆ ବାହାରିବା ପରେ ଏଣେ ତେଣେ ଘୂରି ବୁଲିଥାନ୍ତି। ସେହି ସମୟରେ ବିଲବାଡ଼ି ଘର ଭିତରେ ଲୋକଙ୍କ ସାପ କାମୁଡାରେ ଶିକାର ହୋଇଥାନ୍ତି। ସାଧାରଣତଃ ଆମ ଦେଶରେ ୧୦୦ ପ୍ରଜାତିର ସାପ ଦେଖାଯାଇଥାନ୍ତି ଯେଉଁ ସାପଗୁଡିକ ମଧ୍ୟରେ ୩.୦ପ୍ରତିଶତ ବିଷାକ୍ତ ବା ବିଷଧର ହୋଇଥିବାବେଳେ ୭୦ ପ୍ରତିଶତ ବିଷଧର ନୁହନ୍ତି। ବିଷଧର ସାପ କାମୁଡ଼ାରେ ଉପଯୁକ୍ତ ଚିକିତ୍ସା ଅଭାବରୁ ମୃତ୍ୟୁ ମୁଖରେ ପଡିବା ସାର ହୁଏ।

ଆମ ଦେଶରେ ସାପ କାମୁଡ଼ିଲେ ଝଡ଼ାଫୁଙ୍କା, ଗୁଣିଗାରେଡି, ମନ୍ଦିରରେ ପାଣି ଢାଳିବା ଉପରେ ଲୋକେ ଏବେ ବି ବିଶ୍ୱାସ କରୁଥିବାରୁ ଉପଯୁକ୍ତ ଚିକିତ୍ସା ଅଭାବରୁ ମୃତ୍ୟୁବରଣ କରିଥାନ୍ତି। ସାପ କାମୁଡ଼ା ପାଇଁ ହସ୍‌ପିଟାଲରେ ଆଣ୍ଟିସ୍ନେକ ଭେନୋମ (ଏଭିଏସ) ଟିକା ଉପଲବ୍ଧ। ମାତ୍ର ବହୁ ସମୟରେ ବିଳମ୍ବିତ ଚିକିତ୍ସା ମୃତ୍ୟୁର କାରଣ ହୋଇଥାଏ।



କେବଳ ଏତିକି ନୁହେଁ ହସ୍‌ପିଟାଲରେ ଆଇସିୟୁରେ ଭେଂଟିଲେଟର ଅଭାବ, ଟିକାର ଅଭାବ, ରକ୍ତ ପରୀକ୍ଷା ପାଇଁ ସୀମିତ ଲାବୋଟୋରୀ ସହାୟକ ଏବଂ ରୋଗୀଙ୍କ ସେବା ପାଇଁ ଉପଯୁକ୍ତ ତାଲିମର ଅଭାବ ଏବଂ ବିଶେଷ କରି ଅନ୍ଧ ବିଶ୍ୱାସ ଶେଷରେ ରୋଗୀର ଜୀବନ ନେଇଥାଏ। ସାଂପ୍ରତିକ ସମୟରେ ସାପ କାମୁଡା ମୃତ୍ୟୁ ଏକ ଚ୍ୟାଲେଞ୍ଜ ସଦୃଶ ହୋଇଛି ବୋଲି କୁହାଯାଇପାରେ। ଆମ ଦେଶରେ କେରଳରେ ସର୍ବାଧିକ ସାପକାମୁଡ଼ା ଘଟଣା ଘଟିଥିବା ବେଳେ ମୃତ୍ୟୁ ସଂଖ୍ୟା ମଧ୍ୟ ସର୍ବାଧିକ। କେରଳ ସରକାର ସାପକାମୁଡ଼ାକୁ ଏକ ଅଧିସୂଚିତ ରୋଗ ଭାବେ ଘୋଷଣା କରିଛନ୍ତି। ଏଥିପାଇଁ କେରଳ ସରକାର ସାପ ଉଦ୍ଧାର ପାଇଁ ସର୍ପ ଯୋଜନା, ଛାତ୍ରଛାତ୍ରୀ ଏବଂ ଜନସାଧାରଣଙ୍କୁ ସଚେତନ ପାଇଁ 'ସର୍ପ ପଦଦମ୍' ଏବଂ ସର୍ପ ସୁରକ୍ଷା କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି।

ଆମ ରାଜ୍ୟରେ ସାପ କାମୁଡ଼ାରେ ବାର୍ଷିକ ପ୍ରାୟ ୧୦୦୦ ଲୋକ ମୃତ୍ୟୁ ବରଣ କରିଥାନ୍ତି। ୨୦୨୩ରୁ ୨୦୨୫ ମଧ୍ୟରେ ରାଜ୍ୟରେ ୧୮୫୯ ଜଣଙ୍କର ମୃତ୍ୟୁ ଘଟିଥିବା ସରକାରୀ ରିପୋର୍ଟ କହେ। ରାଜ୍ୟର ବାଲେଶ୍ୱର, ଗଂଜାମ, କଟକ, କେନ୍ଦ୍ରାପଡା, ସୁନ୍ଦରଗଡ ଏବଂ କେନ୍ଦୁଝର ଜିଲ୍ଲାରେ ସର୍ବାଧିକ ସାପ କାମୁଡା ଘଟଣା ଘଟିଥାଏ। ରାଜ୍ୟର ସରକାରୀ ହସ୍‌ପିଟାଲଗୁଡ଼ିକରେ ଆଣ୍ଟି ସ୍ନେକ ଭେନୋମ(ଏଭିଏସ) ଯଥେଷ୍ଟ ପରିମାଣରେ ଉପଲବ୍ଧ ସତ୍ତ୍ୱେ ଲୋକେ ଝଡାଫୁଙ୍କା ଉପରେ ବିଶ୍ୱାସ କରୁଥିବାରୁ ଡାକ୍ତରଖାନା ନେବା ବେଳକୁ ବହୁ ବିଳମ୍ବ ହୋଇସାରିଥାଏ। ବିଷ ଦେହରେ ବ୍ୟାପି ଯାଇଥିବାରୁ ଶେଷରେ ରୋଗୀ ମୃତ୍ୟୁବରଣ କରିଥାଏ। ଆମ ରାଜ୍ୟ ତଥା ଦେଶରେ ଚାରି ପ୍ରକାରର ଅତି ବିଷାକ୍ତ ବା ବିଷଧର ସର୍ପ ଦେଖାଯାଇଥାନ୍ତି। ଚିତି, ଚନ୍ଦନ ବୋଡା, ଧୂଳିଆ ବୋଡା, ନାଗ, ଗୋଖର ଆଦି ବିଷଧର ସର୍ପ ଭାବେ ଜଣାଶୁଣା।

ଓଡ଼ିଶା ସରକାର ଦେଶର ପ୍ରଥମ ରାଜ୍ୟ ଭାବେ ସାପକାମୁଡା ଜନିତ ମୃତ୍ୟୁ ଷ୍ଟେଟ ସ୍ପେସିଫିକ୍ ଡିଜାଷ୍ଟର ଭାବେ ଘୋଷଣା କରିବା ସହ ମୃତକଙ୍କ ପରିବାରକୁ ୪ଲକ୍ଷ ଟଙ୍କା ଅନୁକମ୍ପା ସହାୟତା ରାଶି ପ୍ରଦାନ ବ୍ୟବସ୍ଥା କରିଛନ୍ତି। ତେବେ ସାପ କାମୁଡ଼ାଜନିତ ମୃତ୍ୟୁ କେବଳ ଆମ ଦେଶ କିମ୍ବା ରାଜ୍ୟ ପାଇଁ ଚିନ୍ତାର କାରଣ ନୁହେଁ। ବିଶ୍ୱରେ ବାର୍ଷିକ ୫.୪ ନିୟୁତ ଲୋକ ସାପ କାମୁଡ଼ାର ଶିକାର ହେଉଥିବା ବେଳେ ୧ଲକ୍ଷରୁ ୧ଲକ୍ଷ ୩୮ ହଜାରରୁ ଲୋକ ମୃତ୍ୟୁବରଣ କରିଥାନ୍ତି। ବିଶ୍ୱରେ ସାପକାମୁଡାରେ ଯେତିକି ଲୋକଙ୍କର ମୃତ୍ୟୁ ଘଟିଥାଏ, ତା'ର ଅର୍ଦ୍ଧେକ କେବଳ ଭାରତରେ। କେବଳ ଏତକି ନୁହେଁ, ସାପ କାମୁଡ଼ାରେ ଦେଶରେ ବାର୍ଷିକ ପ୍ରାୟ ୪ ଲକ୍ଷ ଲୋକ ବିକଳାଙ୍ଗ ହୋଇଥାନ୍ତି।

ସମଗ୍ର ବିଶ୍ୱରେ ୩୭୦୦ ପ୍ରକାରର ସାପ ଥିବା ବେଳେ ଏଥିମଧ୍ୟରୁ ୧୫ପ୍ରତିଶତ ବିଷାକ୍ତ ବା ବିଷଧର।ଏବେ ବର୍ଷା ଋତୁ ଆରମ୍ଭ ହୋଇଛି। ସାପର ପ୍ରଜନନ ସମୟ ସାପ କାମୁଡାରୁ ସୁରକ୍ଷିତ ରହିବା ପାଇଁ କେବଳ ବ୍ୟାପକ ସଚେତନତା, ସତର୍କତା ଏବଂ ଉତ୍ତମ ଚିକିତ୍ସା ଜରୁରୀ।

ମୋ-୯୪୩୭୯୯୪୩୭୯

# ସଂସଦ ସେଣ୍ଟ୍ରାଲ ହଲ୍‌ରେ କଳାହାଣ୍ଡି ଛାତ୍ରୀ



ଭବାନୀପାଟଣା,୨୧।୬ (ନିପ୍ର): ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ସମାଜବିଜ୍ଞାନର ଛାତ୍ରୀ ଝାନସୀ ମିଶ୍ର ନିଜର ବାକ୍ ଶକ୍ତି, ଧୀଶକ୍ତି, ଚିନ୍ତନ ଶକ୍ତି ମାଧ୍ୟମରେ ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମରେ 'ନାରୀ ଶକ୍ତିକରଣ' ସଂନ୍ଦର୍ଭରେ ଦୀକ୍ଷାନ୍ତ ବକ୍ତୃତା ଉପସ୍ଥାପନ କରି ସମସ୍ତଙ୍କୁ ସ୍ତମ୍ଭୀଭୂତ କରିପାରିଥିଲେ । ଝାନସୀ ମିଶ୍ର ଓଡ଼ିଶାଙ୍କୁ ପ୍ରତିନିଧିତ୍ୱ କରି ଭୂୟସୀ ପ୍ରଶଂସା ଅର୍ଜନ କରିଛନ୍ତି । ସେ ପଞ୍ଚାୟତ ସମିତି ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟାପିକା ପୁଷ୍ପଲତା କରଙ୍କ ସୁକନ୍ୟା ଏବଂ ବିଶିଷ୍ଟ ସମାଜସେବୀ ତଥା ରାଜନୀତିଜ୍ଞ ସ୍ୱର୍ଗତ ଦୁର୍ଗାଶଙ୍କର କରଙ୍କ ପୌତ୍ରୀ । ଝାନସୀ ମିଶ୍ରଙ୍କ ଏତାଦୃଶ ବିରଳ ସଫଳତା ପାଇଁ କଳାହାଣ୍ଡି ବୁଦ୍ଧିଜୀବୀ ମହଲ ଠାରୁ ପ୍ରଶଂସାର ସୁଅ ଛୁଟିଛି ।

# କଲ୍ୟାଣସିଂହପୁର ହିଂସା ଓ ବର୍ବରତା ଘଟଣାରେ ୨୩ ଗିରଫ

ରାୟଗଡା,୨୧।୬ (ନିପ୍ର): ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ହିଂସା ଓ ବର୍ବରତା ଘଟଣାରେ ପୋଲିସ ୨୩ ଜଣଙ୍କୁ ଗିରଫ କରିଛି । ବିନା ଅନୁମତିରେ ଭିଡିଓ ଉଠାଇବା ଏବଂ ଭାଇରାଲ କରିବା ଏକ ଦଣ୍ଡନୀୟ ଅପରାଧ, ଯେଉଁମାନେ ଏହି କାର୍ଯ୍ୟରେ ଲିପ୍ତ କାହାକୁ ବି ଛଡ଼ାଯିବନି । ଅଭିଯୁକ୍ତଙ୍କୁ ଧରିବା, ଚିହ୍ନଟ କରି ଘଟଣାରେ ସେମାନଙ୍କ ସମ୍ପୃକ୍ତିକୁ ଜାଣିବା, ଏବଂ ଆଇନ ଅନୁସାରେ ଦଣ୍ଡ ଦେବା, ଏହା ଏକ ଆଇ. ଟି. ନିୟମର ସମ୍ପୂର୍ଣ୍ଣ ଉଲ୍ଲଂଘନ, ରାଜ୍ୟ ସାଇବର କ୍ରାଇମ ଶାଖାର ମଧ୍ୟ ସହାୟତା ନିଆଯାଉଛି । ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ଭିଡ଼ହିଂସା, କଳଙ୍କ ହିଂସା ଓ ବର୍ବରତା ଘଟଣାରେ ବର୍ତ୍ତମାନ ଯାଏଁ ପୁଲିସ ୨୦ ରୁ ୨୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଆଗକୁ ଗିରଫଦାରି ସଂଖ୍ୟା ବଢ଼ି ପାରେ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ରାୟଗଡା ଏସପି ରାଜ ପ୍ରସାଦ । ଏହି ଘଟଣାରେ ଏକାଧିକ ଲୋକଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି । ଏହା ଏକ ସ୍ପର୍ଶକାତର ଘଟଣା ହୋଇଥିବାରୁ କ୍ରାଇମବ୍ରାଞ୍ଚର ସହାୟତା ନିଆଯାଉଥିବା ରାୟଗଡା ଏସପି ସୂଚନା ଦେଇଛନ୍ତି । ନିଜେ ସେ ଏହି ଘଟଣାକୁ ତଦାରଖ କରୁଥିବା ବେଳେ ଏହି ବର୍ବରତା ଘଟଣା ବେଳର ଭିଡିଓ ଉଠାଇଥିବା ବ୍ୟକ୍ତିଙ୍କୁ ସାଇବର ଟିମ୍ ଖୋଜୁଛି ଏବଂ ସାମାଜିକ ଗଣମାଧ୍ୟମରେ ଭିଡିଓ ଛାଡି ଆଇନ ହାତକୁ ନନେବାକୁ ସେ ଆହ୍ୱାନ ଦେଇଛନ୍ତି । ରାୟଗଡା ପୁଲିସ ଘଟଣାକୁ ଅତି ଗମ୍ଭୀରତା ସହ ନେଇଥିବା ବେଳେ ମଙ୍ଗଳବାର ସନ୍ଧ୍ୟାର ଭିଡହିଂସା ରେ ଯେଉଁ ମାନେ ବି ସାମିଲ ଥିଲେ ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାୟଗଡା ଏସପି ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ଗତ ମଙ୍ଗଳବାର ସନ୍ଧ୍ୟାରେ ପିଲାଚୋର ଅଭିଯୋଗ କନ୍ଧମାଳ ଜିଲ୍ଲାରେ କାର୍ଯ୍ୟରତ ବାହାର ରାଜ୍ୟର ଦୁଇ ଜଣ ସାମାଜିକ କର୍ମୀଙ୍କୁ ଆକ୍ରମଣ କରାଯିବା ସହ ଯୁବତୀଙ୍କୁ ବିବସ୍ତ୍ର କରି ଅତ୍ୟାଚାର କରିବା ସହ ସଂଘବଦ୍ଧ ଭାବେ ଆକ୍ରମଣ କରାଯାଇଥିଲା । ଉପରିସ୍ଥ ଅଧିକାରୀଙ୍କୁ ଏହି ବର୍ବରୋଚିତ ଘଟଣାକୁ ନେଇ ପ୍ରୁଫ ଅନ୍ତର୍ଭୁକ୍ତ କରିବା ପାଇଁ ଅନୁରୋଧ କରାଯିବ ବୋଲି କହିଥିଲେ ରାୟଗଡା ଏସପି ରାଜ ପ୍ରସାଦ ।

# ବ୍ଲକସ୍ତରୀୟ ସ୍ୱାବଲମ୍ବୀ ଯୁବ ସମୃଦ୍ଧ ଓଡ଼ିଶା ସମାବେଶ

କୃଷ୍ଣପ୍ରସାଦ,୨୧।୬ (ନିପ୍ର): ଓଡ଼ିଶା ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ସିଆଣ୍ଡି ପଞ୍ଚାୟତ ଅନ୍ତର୍ଗତ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ପରିସରରେ ବ୍ଲକ ସ୍ତରୀୟ ସ୍ୱାବଲମ୍ବୀ ଯୁବ - ସମୃଦ୍ଧ ଓଡ଼ିଶା ସମାବେଶ ଶନିବାର ଅନୁଷ୍ଠିତ ହୋଇଯାଇଛି । ଶିଳ୍ପ ତାଲିମ ପ୍ରତିଷ୍ଠାନର ଅଧ୍ୟକ୍ଷ ଚନ୍ଦ୍ରଶେଖର ସୁବଉଦାୟକ ପୌରୋହିତ୍ୟରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପୁରୀ ସାଂସଦଙ୍କ ପ୍ରତିନିଧି ହରିହର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ବ୍ଲକ ଆତ୍ମା କମିଟି ଅଧ୍ୟକ୍ଷ ସଞ୍ଜୟ କୁମାର ସେଠୀ, ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ବିଜୟ କୁମାର ଦଳେଇ, ଜିଲ୍ଲା ପରିଷଦ ଲକ୍ଷ୍ମୀଧର ସାହୁ,ସିଆଣ୍ଡି ପଞ୍ଚାୟତ ସରପଞ୍ଚ ଆଦିତ୍ୟ ରଞ୍ଜନ ପଲାଇ, ସମିତିସଭ୍ୟ ଲଳିତ କୁମାର ଦଳେଇ,କୃଷ୍ଣପ୍ରସାଦ ମଣ୍ଡଳ ବିଜେପି ସଭାପତି ସଂଗ୍ରାମ କେଶରୀ ଜେନା, ସାତପଡ଼ା ମଣ୍ଡଳ ବିଜେପି ସଭାପତି ପ୍ରଦୀପ୍ତ କୁମାର ବେହେରା,ଜିଲ୍ଲା ନିଯୋଜନ ଅଧିକାରୀ ପ୍ରଭାତ କୁମାର ବସ୍ତି ପ୍ରମୁଖ ଯୋଗଦେଇ ଉଦ୍ୟମ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ସହକାରୀ ଯନ୍ତ୍ରୀ ବିଜୟାନନ୍ଦ ଗୋଚ୍ଛାୟତ,ସିପି ପ୍ରଭାତ କୁମାର ଜେନା, ଏସପି ସୌଭାଗ୍ୟ କୁମାର କରିୟାରସିଂହ,ଅପର୍ଣ୍ଣା ପୃଷ୍ଟି, ସାଗର ଦାସ, ବସନ୍ତ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ରୁକୁଣୀ ଦେବୀ ମହାବିଦ୍ୟାଳୟ, କନ୍ଧାଖାଇ ମହାବିଦ୍ୟାଳୟ ଏବଂ ସ୍ଥାନୀୟ ପ୍ରତିଷ୍ଠାନର ଛାତ୍ରଛାତ୍ରୀ,ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସାମିଲ ହୋଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ କିରାଣୀ ପୂର୍ଣ୍ଣ ଚନ୍ଦ୍ର କାଣ୍ଡି, ଯୋଗାଣ ନିରୀକ୍ଷକ ସଞ୍ଜୀ ଦର୍ଶନ ଦାସ, ରାଜସ୍ୱ ସହାୟକ କାଶୀମ ମହମ୍ମଦ, ସୌରୀରାଣୀ ଜେନା, କନିଷ୍ଠ ଯନ୍ତ୍ରୀ ଜିତେନ୍ଦ୍ର ଦାସ,ଅମୀୟ ପଣ୍ଡା, ବେଗା ହାଁସଦା ପ୍ରମୁଖ ସହଯୋଗ କରିଥିଲେ ।

# ପାରମ୍ପରିକ ମତ୍ସ୍ୟଜୀବୀଙ୍କ ସମୀକ୍ଷା ଆଲୋଚନା ଓ ପର୍ଯ୍ୟାଲୋଚନା

ରମ୍ଭା,୨୧।୬ (ନିପ୍ର): ଚିଲିକା ପାରମ୍ପରିକ ମତ୍ସ୍ୟଜୀବୀଙ୍କ ବହୁବିଧ ସମସ୍ୟା ନେଇ ମହାପଞ୍ଚାୟତ ପକ୍ଷରୁ ସରକାରଙ୍କ ପାଖକୁ ବାର୍ତ୍ତା ପଠାଯାଇଛି । ମଂଚାସୀନ ବ୍ୟକ୍ତିମାନଙ୍କ ମଧ୍ୟରେ ଖଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ତଥା ଯୋଜନା ବୋର୍ଡ ଅଧ୍ୟକ୍ଷ ଗଞ୍ଜାମ, ସି. ଡି. ଏ ବୋର୍ଡ଼ ସଭ୍ୟ, ଦଳିତ ମତ୍ସ୍ୟଜୀବୀ ନେତା ଭୀମସେନ ବେହେରା, କଂଗ୍ରେସ ନେତା ମେଘନାଦ ଦଳାଇ, ପି. ଏଫ. ସି. ଏସ ସଭାପତି ବନମାଳୀ ବାଲା ଥିଲେ ପ୍ରଥମେ ଚିଲିକା ଚତୁଃପାର୍ଶ୍ୱରୁ ଆସିଥିବା ନେତୃତ୍ୱ ମଣ୍ଡଳୀ ମାଳମାଳ ସମସ୍ୟା ଉପସ୍ଥାପନା କରିଥିଲେ । ସେଗୁଡିକ ମଧ୍ୟରୁ ୨୦୧୮ ମସିହା ଠାରୁ ବନ୍ଦ ଥିବା ଲିଜ ଏଗ୍ରିମେଣ୍ଟ ମତ୍ସ୍ୟ ସୈରାତ, ଅପାରଗ ଫିସିଫେଡ଼, ସାହେବ କେନାଲ ଋଷିକୂଲ୍ୟ ଓ ସାତପଡାପୁରୀ ରାମ ଭରତୀୟା ମୁହାଣ ଖନନ ଓ ଅବରୋଧ ହଟାଇବା, ପଙ୍କ ଉଦ୍ଧାର, ସରୁ ମଶାରୀ ଜାଲ ପ୍ରଚଳନ ବନ୍ଦ, ଚିଲିକା ଭିତରେ ମାଟି ମଶାରୀ ଜାଲ ଘେରି ବନ୍ଧ ଉଚ୍ଛେଦ, ୧୧୬୫ ବର୍ଗ କିଲୋମିଟର ୩ ଲକ୍ଷରୁ ଊର୍ଦ୍ଧ୍ୱ ମତ୍ସ୍ୟଜୀବୀ ୧୪୭ଖଣ୍ଡ ଗ୍ରାମ ପୁରୀ, ଗଞ୍ଜାମ ଓ ଖୋର୍ଦ୍ଧା ସୁରକ୍ଷା ଦେଲେ ୭୦ ଭାଗ ଆଉ ଦାଦନ ଯିବେ ନାହିଁ,୪୭୦୦୦ଏକର ମତ୍ସ୍ୟ ଉତ୍ସ ସୁରକ୍ଷିତ ଯାହା ମାଛ ମରା ଉପକରଣ ଖନ୍ଦା, ତାଟ, ଜାଣ, ଉଠାପାଣି, ଡିଆଁ ଓ ଗଭୀର ଚିଲିକା ବାହାଣୀ ପ୍ରଭୃତି ପୁନର୍ଜୀବିତ, ଜବରଦଖଲ ମାଫିଆ ଅଣମତ୍ସ୍ୟଜୀବୀଙ୍କୁ ହଟାଇବା ଦ୍ୱାରା କୋଟି କୋଟି ଟଙ୍କା ସରକାର ତହବିଲକୁ ଯାଇପାରିବ । ସରକାରଙ୍କ ମତ୍ସ୍ୟଜୀବୀ ଉନ୍ନୟନ ଯୋଜନା ଗୁଡିକ ସ୍ୱତନ୍ତ୍ର ଚିଲିକା ପାରମ୍ପରିକ ମତ୍ସ୍ୟଜୀବୀ ପୋର୍ଟାଲ ଗଠନ କରି ଉପଯୁକ୍ତ ହିତାଧିକାରୀଙ୍କୁ ଚୟନ କରିବା,ପ୍ରତ୍ୟେକ ମତ୍ସ୍ୟଜୀବୀ ଗ୍ରାମ ଚିଲିକା କୂଳେ ଜେଟି ନିର୍ମାଣ କରିବା, ଦିଘା ଠାରୁ ଗୋପାଳପୁର ଚିଲିକା ସମୁଦ୍ର କୂଳେ କୂଳେ ପକ୍କା ରାସ୍ତା ସମେତ ଜହ୍ନିକୁଦା ସାତପଡା ବ୍ରିଜ ନିର୍ମାଣ (ମତ୍ସ୍ୟଜୀବୀଙ୍କ ମତାମତ ଦ୍ୱାରା ), ବାଲୁଗାଁ ଜୀବ ବିଭାଗ ଅଫିସରେ ଅନିୟମିତତା ଅଭିଯୋଗର ତଦାରଖ କରିବା ପ୍ରମୁଖ ମୌଳିକ ସମସ୍ୟା ସମାଧାନ କରିବା ବିଷୟ ଆଲୋଚନା କରାଯାଇଥିଲା ।

# ଗୋଡ଼େଗାଁ ଗ୍ରାମରେ ତେଜିବାରେ ଲାଗିଛି ମଦ ବିରୋଧୀ ଅଭିଯାନ

# ବେଆଇନ ମଦ ବିକ୍ରି ବନ୍ଦ ପାଇଁ ମହିଳାଙ୍କ ଦାବି



ଡ଼ାବୁଗାଁ,୨୧।୬ (ନିପ୍ର); ଡାବୁଗାଁ ବ୍ଲକ ଗୋଡ଼େଗାଁ ଗ୍ରାମର ମହିଳାମାନେ ମଦ ବିରୋଧୀ ଅଭିଯାନ ଆରମ୍ଭ କରୁଛନ୍ତି । ଗୋଡ଼େଗାଁ ଗ୍ରାମର ଶତାଧିକ ମହିଳା ଡାବୁଗାଁ ଥାନା ଏବଂ ଡାବୁଗାଁ ଅବକାରୀ ବିଭାଗ କାର୍ଯ୍ୟାଳୟକୁ ଆସି ଗାଁରେ ବେଆଇନ ମଦ ବିକ୍ରି ବନ୍ଦ ପାଇଁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଡାବୁଗାଁ ଥାନା ଇନ୍ସପେକ୍ଟର ଲକ୍ଷ୍ମୀ ପରଜା ଏବଂ ଅବକାରୀ ଇନ୍ସପେକ୍ଟର ସମୀର କୌଶଲ୍ୟ ଅଭିଯୋଗ ଓ ଦାବିପତ୍ର ଗ୍ରହଣ କରିଛନ୍ତି । ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ଗୋଡେଗାଁ ଗ୍ରାମର ବେଆଇନ ମଦ ବିକ୍ରି ଏକ ଗୁରୁତର ସମସ୍ୟା ଭାବେ ଉଭାହୋଇଛି । ଗାଁର ବିଭିନ୍ନ ସ୍ଥାନରେ ଅବାଧରେ ଦେଶୀ ଓ ଭାଟି ମଦ ବିକ୍ରି ହେଉଥିବାରୁ ସେଠାରେ ମଦୁଆଙ୍କ ଭିଡ଼ ଲାଗି ରହୁଛି । ଏହାର କୁପ୍ରଭାବ କେବଳ ବ୍ୟକ୍ତିଗତ ଜୀବନରେ ନୁହେଁ, ସମଗ୍ର ଗାଁ ସମାଜ ଉପରେ ପଡୁଛି । ଯୁବପିଢ଼ି ଓ ନାବାଳକମାନେ ମଦ୍ୟପାନ ପ୍ରତି ଆକର୍ଷିତ ହେଉଛନ୍ତି । ଫଳରେ ସେମାନଙ୍କ ଶିକ୍ଷା , ଚରିତ୍ର ଓ ଭବିଷ୍ୟତ ପ୍ରଭାବିତ ହେଉଛି । ଘରୋଇ ହିଂସା ମଧ୍ୟ ବଢୁଛି । ଅନେକ ପରିବାରରେ ସ୍ୱାମୀମାନେ ଦିନସାରା ପରିଶ୍ରମକରି ଯାହା ରୋଜଗାର କରୁଛନ୍ତି, ତାହାର ବଡ଼ ଅଂଶ ମଦ ପିଇବାରେ ଖର୍ଚ୍ଚ କରିଦେଉଛନ୍ତି । ଫଳରେ ପରିବାରର ଆର୍ଥିକ ସ୍ଥିତି ଦୁର୍ବଳ ହେଉଛି । ଗାଁର ସାମାଜିକ ପରିବେଶ ମଧ୍ୟ ଏଥିପାଇଁ ନଷ୍ଟ ହେଉଛି । ମଦ ବିକ୍ରି ସ୍ଥାନଗୁଡ଼ିକରେ ଅସାମାଜିକ କାର୍ଯ୍ୟକଳାପ, ଝଗଡ଼ା, ଗାଳିଗୁଲଜ ଓ ଅଶାନ୍ତି ବଢୁଛି ଓ ମହିଳା, ଛାତ୍ରୀଛାତ୍ର ଓ ବୟସ୍କ ଲୋକମାନେ ଅସୁରକ୍ଷିତ ମନେକରୁଛନ୍ତି ବୋଲି ଗ୍ରାମର ମହିଳାମାନେ କହିଛନ୍ତି । ଦାବିପତ୍ର ଦେବା ପରେ ସ୍ଥାନୀୟ ପ୍ରଶାସନ ଏବଂ ଜିଲ୍ଲା ପ୍ରଶାସନ କଣ ପଦକ୍ଷେପ ନେଉଛି ତାହା ଦେଖିବାକୁ ବାକି ରହିଲା ।

# ବାରବାଟୀ-କଟକ ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକ

କଟକ,୨୧।୬ (ନିପ୍ର):ବାରବାଟୀ-କଟକ ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକ ବିଧାୟିକା ଇଂ ସୋଫିଆ ଫିରଦୋସଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ପୂର୍ବ ଅନୁମୋଦିତ କାର୍ଯ୍ୟ ସମ୍ପର୍କରେ ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନର ସମୀକ୍ଷା କରାଯାଇଥିଲା । ବୈଠକରେ କଟକ ରିଙ୍ଗ ରୋଡ, ଚଣ୍ଡୀ ମନ୍ଦିର, ଚହଟା ଠାରୁ ମଧୁସୂଦନ ସେତୁ, ରେଭେନ୍ସା ବାଳିକା ବିଦ୍ୟାଳୟ, ରୂପା ତାରକସି ହବ୍ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ସମ୍ପର୍କରେ ଆଲୋଚନା କରାଯାଇଥିଲା । ରୂପା ତାରକସି ହବ୍ ତାରକସି କାରିଗରମାନଙ୍କ ଉତ୍ପାଦନ କ୍ଷମତା ବୃଦ୍ଧି କରାଇବା ସହିତ ଉନ୍ନତ ବଜାର ସୁବିଧା ଯୋଗାଇଦେବାରେ ସହାୟକ ହେବ । ଏହି ପାରମ୍ପରିକ କଳାକୁ ଆଗକୁ ନେବାକୁ କାରିଗରମାନଙ୍କ ସହ ଆଲୋଚନା କରାଯାଇ ସେମାନଙ୍କ ମତାମତକୁ ଗୁରୁତ୍ୱ ଦିଆଯିବ ବୋଲି ବିଧାୟିକା ମତବ୍ୟକ୍ତ କରିଥିଲେ । ପର୍ଯ୍ୟଟନ କ୍ଷେତ୍ରରେ ବିକାଶ, ଗଡଖାଇର ଉନ୍ନତିକରଣ, ନିୟମିତ ରକ୍ଷଣାବେକ୍ଷଣ ଉପରେ ପଦକ୍ଷେପ ନେବାକୁ ଉପସ୍ଥିତ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ । ଶିଶୁଭବନର ଉନ୍ନତିକରଣ , ଅଗ୍ନି ନିରାପତ୍ତା ବ୍ୟବସ୍ଥା ସୁଦୃଢ଼ କରିବା, ଡାକ୍ତରଖାନାରେ ଛୁଟିଦିନଗୁଡିକରେ କିଭଳି ରୋଗୀସେବା ବାଧାପ୍ରାପ୍ତ ନହେବ ଏବଂ ବେଆଇନ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉପସ୍ଥିତ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ କହିଥିଲେ । ଡ୍ରେନେଜ ନବୀକରଣ ଓ ଡ୍ରେନେଜ ଯୋଗୁ ସୃଷ୍ଟି ହେଉଥିବା କୃତ୍ରିମ ବନ୍ୟାର କିଭଳି ତୁରନ୍ତ ସମାଧାନ ହୋଇପାରିବ ସେ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ନିର୍ବାଚନ ମଣ୍ଡଳୀର ସୌନ୍ଦର୍ଯ୍ୟକରଣ ,ପାନୀୟଜଳ ଯୋଗାଣ , ବିଦ୍ୟୁତ ସେବା, ବୃକ୍ଷରୋପଣ , କ୍ରୀଡା ଓ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଏବଂ ଯନ୍ତ୍ରୀମାନଙ୍କ ସହ ଆଲୋଚନା କରି ଏହାର ତ୍ୱରିତ ସମାଧାନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ।

# ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ କାର୍ଯ୍ୟକ୍ରମ

ନିମାପଡ଼ା, ୨୧।୬ (ନି.ପ୍ର.): ବିପର୍ଯ୍ୟୟ ପରିଚାଳନାକୁ ଶୃଙ୍ଖଳିତ କରିବା ସହିତ ବିପର୍ଯ୍ୟୟ ସମୟେ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ଜୀବନ ବଂଚାଇବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ପୁରୀ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ନିମାପଡ଼ା ବ୍ଲକ୍ ଅନ୍ତର୍ଗତ ବଉଳପଦା, ଗଡ଼ତୋରହିଁ ଏବଂ ବଡ଼ମାଛପୁର ବାତ୍ୟା ଆଶ୍ରୟସ୍ଥଳୀରେ ମକ୍‌ଡ୍ରିଲ୍ ଶୁକ୍ରବାର



ଦିନ ଅନୁଷ୍ଠିତ ହୋଇଯାଇଛି । ପୁରୀ ଜିଲ୍ଲା ନୋଡ଼ାଲ ଏଜେନ୍ସି ଜାଗେଶ୍ୱରୀ ଯୁବକ ସଂଘ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂପାଦକ ନକୁଳ ଚନ୍ଦ୍ର ସ୍ୱାଇଁ ସ୍ୱାଗତ ସୂଚନା ଦେବା ସାଙ୍ଗକୁ କାର୍ଯ୍ୟକ୍ରମ ବିବରଣୀ ଉପସ୍ଥାପନ କରିଥିଲେ । ନିମାପଡ଼ା ଅଗ୍ନିଶମ ବିଭାଗ ଅଧିକାରୀ ମନୋଜ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମକ୍ ଡ୍ରିଲ୍ ସମ୍ବନ୍ଧରେ ବିଭାଗୀୟ କାର୍ଯ୍ୟଶୈଳୀ ପ୍ରଦର୍ଶନ କରିବା ସାଙ୍ଗକୁ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ । ୩ଟି ଆଶ୍ରୟ ସ୍ଥଳୀର ସଂପାଦକ, ଗ୍ରାମ ପଞ୍ଚାୟତ ସରପଞ୍ଚ ଶାନ୍ତି ମାହାରୀ, ମମତା ପରିଡ଼ା ଏବଂ ଅଶୋକ ଭୋଇ ପ୍ରମୁଖ ଯୋଗ ଦେଇ ବିପର୍ଯ୍ୟୟ ସମୟେ ଜନସାଧାରଣ କେମିତି ନିଜକୁ ବଂଚାଇବା ସହିତ କ୍ଷତିଗ୍ରସ୍ତ ଗ୍ରାମବାସୀଙ୍କୁ ଉଦ୍ଧାର କରିବେ ସେ ଦିଗରେ ଗୁରୁତ୍ୱ ଦେଇଥିଲେ ।

# ଠକେଇ ମାମଲାରେ ଫେରାର ଥିବା ଅଭିଯୁକ୍ତ ଗିରଫ

ପାରଳାଖେମୁଣ୍ଡି,୨୧।୬ (ନିପ୍ର): ପାରଳାଖେମୁଣ୍ଡି ଆଦର୍ଶ ଥାନା ପୋଲିସ ବହୁଚର୍ଚ୍ଚିତ ଆର୍ଥିକ ଠକେଇ ମାମଲାରେ ଫେରାର ଥିବା ଅଭିଯୁକ୍ତ ଝିଲି ସାହୁ (୪୩)ଙ୍କୁ ଗିରଫ କରି ଚାଲାଣ କରିଛି । ଅଭିଯୁକ୍ତଙ୍କ ବିରୋଧରେ ପାରଳାଖେମୁଣ୍ଡି ଥାନା କେସ୍ ନଂ–୬୫/୨୦୨୫ (ଜି.ଆର କେସ୍ ନଂ ୧୪୪/୨୦୨୫) ରେ ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଧାରା ଅନୁଯାୟୀ ମାମଲା ରୁଜୁ ହୋଇଥିଲା । ସୂଚନା ପ୍ରକାରେ ସନ୍ତୋଷିନୀ ପ୍ରଧାନଙ୍କ ସମେତ ୨୫ ଜଣ ମହିଳା ପୀଡ଼ିତଙ୍କ ଅଭିଯୋଗ ଆଧାରରେ ଏହି ମାମଲା ରୁଜୁ କରିଥିଲା । ତଦନ୍ତରେ ଜଣାପଡ଼ିଛି ଯେ, ଅଭିଯୁକ୍ତ ବିଭିନ୍ନ ମହିଳା ଓ ଗୃହିଣୀଙ୍କୁ ଅଧିକ ଲାଭ ଓ ଟଙ୍କା ଫେରସ୍ତର ପ୍ରଲୋଭନ ଦେଖାଇ ସେମାନଙ୍କଠାରୁ ବହୁ ପରିମାଣର ଅର୍ଥ ସଂଗ୍ରହ କରି ପରେ ଆତ୍ମସାତ କରିଥିଲେ । ତଦନ୍ତରେ ଠକେଇର ପରିମାଣ ୧ କୋଟି ୩୮ ଲକ୍ଷ ଟଙ୍କାରୁ ଅଧିକ ଥିବା ଜଣାପଡ଼ିଛି । ଏକ ଫାଇନାନ୍ସର ପାରଳାଖେମୁଣ୍ଡି ଶାଖାରୁ ୨୨ ଟି ଆକାଉଣ୍ଟରେ ଅଧା କିଲୋ ଓଜନର ସୁନା ଅଳଙ୍କାର ଯାହା ପୀଡ଼ିତାମାନଙ୍କର ତାକୁ ବନ୍ଧକ ରଖି ୨୪ ଲକ୍ଷ ଟଙ୍କା ଋଣ ଆଣିଥିବା ପୋଲିସ ତଦନ୍ତରେ ଜାଣିବାକୁ ପାଇଛି । ମାମଲାରେ ୨୫ରୁ ଅଧିକ ପୀଡ଼ିତ ଓ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିବା ବେଳେ କେବଳ ଗଜପତି ଜିଲ୍ଲା ନୁହଁ ରାୟଗଡ ଜିଲ୍ଲା ଓ ଆନ୍ଧ୍ରପ୍ରଦେଶର ମହିଳାମାନଙ୍କୁ ଠକିଥିବା ଅଭିଯୋଗ ରହିଛି । ବ୍ୟାଙ୍କ ଖାତା ବିଶ୍ଳେଷଣରୁ ଅଭିଯୁକ୍ତା ଓ ତାଙ୍କ ପରିବାର ସଦସ୍ୟଙ୍କ ଖାତାରେ ବିପୁଳ ଅର୍ଥ କାରବାର ହୋଇଥିବା ଏବଂ ପୀଡ଼ିତଙ୍କଠାରୁ ଆଦାୟ ହୋଇଥିବା ଟଙ୍କା ବିଭିନ୍ନ ଖାତାକୁ ସ୍ଥାନାନ୍ତରିତ କରାଯାଇଥିବା ଜାଣିବାକୁ ପାଇଛି ପୋଲିସ । ଆର୍ଥିକ ତଦନ୍ତ ସମୟରେ ୩ଟି ଦାମୀ ମୋବାଇଲ ଫୋନ, ୨ଟି ସ୍କୁଟର ଏବଂ ଗୋଟିଏ ମୋଟରସାଇକେଲ ଚିହ୍ନଟ କରାଯାଇଛି । ଏହାସହ ଅଭିଯୁକ୍ତା ଓ ତାଙ୍କ ମାତାଙ୍କ ନାମରେ ଥିବା କିଛି ଅସ୍ଥାବର ସମ୍ପତ୍ତି ସମ୍ପର୍କିତ ତଥ୍ୟ ମଧ୍ୟ ସଂଗ୍ରହ କରିଛି ପୋଲିସ ଏବଂ ସେଗୁଡ଼ିକର ଯାଞ୍ଚ ଚାଲିଛି । ପୋଲିସ ତଥ୍ୟ ଅନୁଯାୟୀ, ଅଭିଯୁକ୍ତ ବିରୋଧରେ ପାରଳାଖେମୁଣ୍ଡି ଥାନାରେ ଏହିଭଳି ଆଉ ଦୁଇଟି ମାମଲା ରହିଛି । ଗିରଫଦାରୀ ଏଡ଼ାଇବା ପାଇଁ ସେ ଦୀର୍ଘଦିନ ଧରି ଫେରାର ରହିଥିଲେ ଏବଂ ଉଚ୍ଚତମ ଓ ସର୍ବୋଚ୍ଚ ନ୍ୟାୟାଳୟରେ ଅଗ୍ରିମ ଜାମିନ ପାଇଁ ଆବେଦନ କରିଥିଲେ । ତେବେ ତାଙ୍କ ସମସ୍ତ ଆବେଦନ ଖାରଜ ହୋଇଥିଲା । ଶେଷରେ ପୋଲିସ ଆଜି ତାଙ୍କୁ ରାୟଗଡ ସ୍ଥିତ ଅଭଯୁକ୍ତର ମାଙ୍କ ବାସଭବନରୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଆଦର୍ଶ ଥାନା ଅଧିକାରୀ ପ୍ରଶାନ୍ତ କୁମାର ଭୂପତି ।

# ବଲେରୋ ଡ୍ରାଇଭର ମୃତ

କେନ୍ଦୁଝର,୨୧।୬ (ନିପ୍ର): ଗନ୍ଧମାର୍ଦନ ଟ୍ରାନ୍ସପୋର୍ଟିଂ ଆଣ୍ଡ କୋପେରେଟିଭ ସୋସାଇଟିର ବଲେରୋ ଗାଡିକୁ କୋଅପରେଟିଭ ସୋସାଇଟିର ସଭାପତି ନିଜ ପାରିବାରିକ କାମରେ ବ୍ୟବହାର କରି ଗାଡିଟି ଫେରୁଥିବା ସମୟରେ ରଙ୍ଗଡ଼ିହି ଛକ ନିକଟରେ ଆସୁଥିବା ଏକ ହାଇୱା । ଗାଡି ସହିତ ଦୁର୍ଘଟଣା ହୋଇଥିବାରୁ ଘଟଣା ସ୍ଥଳରେ ଡ୍ରାଇଭର ରମେଶ ମହାନ୍ତଙ୍କର ମୃତ୍ୟୁ ହୋଇଛି । ବଲେରୋ ଗାଡିର ନମ୍ବର ଟି ଓଡି୦୯ ୟୁ୧୯୩୭ ଅଟେ । ଲୋଡ଼ିଂ ଏଜେନସୀ ଗାଡିକୁ ସଭାପତି ନିଜ ପାରିବାରିକ କାମରେ ବ୍ୟବହୃତ କରିବା ଯଥାର୍ଥ ନୁହେଁ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହୋଇଛି ।

**AFFIDAVIT**

By virtue of an affidavit sworn before Executive Magistrate Keonjhar, dated 20/06/2026 I Sunita Samantia wife of Karttik Samantia permanent Address AT- Guruda, PO- Guruda, P.S- Bamebari, Dist- Keonjhar, pin- 758034 declare that I have changed the name of my Daughter from Susmita Samantia to Sasmita Samantia henceforth, I shall be known as Sasmita Samantia for all purposes.

Sd/-Sunita Samantia

**AFFIDAVIT**

By virtue of an affidavit sworn before Executive Magistrate Keonjhar, dated 20/06/2026 I Dashma Munda wife of Bhaiga Munda permanent Address AT- Urumunda, PO- Urumunda, P.S- Sadar, Dist- Keonjhar, pin- 758018 declare that I have changed the name of my Son from Shukram Munda to Sukra Munda henceforth, I shall be known as Sukra Munda for all purposes.

Sd/-Dashma Munda

**AFFIDAVIT**

By virtue of an affidavit sworn before Executive Magistrate Keonjhar, dated 20/06/2026 I Jhulana Nayak wife of Late Krushna Chandra Nayak permanent Address AT- Sagadapata,PO- Sagadapata, P.S- Harichandanpur,Dist- Keonjhar, pin- 758080 declare that I have changed the name of my Daughter from Jagyanseni Nayak to Jangyaseni Nayak henceforth, I shall be known as Jangyaseni Nayak for all purposes.

Sd/-Jhulana Nayak

# ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଅବସରରେ ହିତାଧିକାରୀଙ୍କୁ ପ୍ରଦାନ ଯାଇଛି ଅନେକ ସରକାରୀ ସୁବିଧା

ରାୟଗଡ଼ା,୨୧।୬ (ନିପ୍ର); ରାୟଗଡ଼ ବ୍ଲକ ପରିସରରେ ଚାରିଦିନ ବ୍ୟାପୀ ଆୟୋଜିତ ହୋଇଛି ଅନେକ କାର୍ଯ୍ୟକ୍ରମ । ଚତୁର୍ଥ ଦିବସରେ ବିଭିନ୍ନ ବିଭାଗ ତରଫରୁ ସରକାରୀ ପ୍ରୋତ୍ସାହନ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପାଧ୍ୟକ୍ଷା ମଞ୍ଜୁଳା ମିନୀୟାକା , ବ୍ଲକ ଉପାଧ୍ୟକ୍ଷ ହର ପ୍ରସାଦ ହେପ୍ରୁକା, ପୂର୍ବତନ ଜିଲ୍ଲା ସଭାପତି ଶିବ ପଟ୍ଟନାୟକ, ବିଡ଼ିଓ ସୁଜିତ୍ କୁମାର ମିଶ୍ର, ଏବିଡ଼ିଓ କାଲୁ ଚରଣ ନାୟକ, ଜେମାଦେଇପେଣ୍ଟ ଗୋଷ୍ଠୀ ଜନସ୍ୱାସ୍ଥ୍ୟ ଅଧିକାରୀ ଡ: ବି ସନ୍ତୋଷ କୁମାର, ସିଡ଼ିପିଓ ପାନମଣି ହାଁସଦା, ପ୍ରାଣୀ ସମ୍ପଦ ଅଧିକାରୀ ସୁବ୍ରତ ଦାସ, ସହକାରୀ ଶ୍ରମ ଅଧିକାରୀ ନିରଞ୍ଜନ ଭୂୟାଁ, ସହକାରୀ ତହସିଲଦାର ଶ୍ରୀ ବିଶ୍ୱାସ ସମିତି ସଭ୍ୟ, ସଭ୍ୟା, ସରପଞ୍ଚ ନିର୍ବାଚିତ ପ୍ରତିନିଧି, ବିଭିନ୍ନ ବିଭାଗୀୟ ହିତାଧିକାରୀ ଉପସ୍ଥିତ ଥିଲେ । ସରକାରଙ୍କ ଦ୍ୱାରା ଅଙ୍ଗନୱାଡି କର୍ମୀଙ୍କୁ ମୋବାଇଲ ବଣ୍ଟନ କରାଯାଇଥିଲା । ଯୋଗାଣ ବିଭାଗ ତରଫରୁ ଅଣ ଚାଳିଶି ଜଣଙ୍କୁ ଅନ୍ତ୍ୟୋଦୟ ଅନ୍ନ ଯୋଜନାରେ ନୂତନ ପଡି କାର୍ଡ ବଣ୍ଟନ କରାଯାଇଥିଲା । ପିପଲଗୁଡ଼ାର ଜଣେ ଲକ୍ଷପତି ଦିଦିଙ୍କୁ ଏକ ଲକ୍ଷ ଟଙ୍କାର ଛେଳି ଚାଷ ପାଇଁ ଋଣ, ଚାରି ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସତର ଲକ୍ଷ ଟଙ୍କାର ସ୍ୱାବଲମ୍ବି ଋଣ ପ୍ରଦାନ କରାଯାଇଥିଲା । ସତୁରି ବର୍ଷ ରୁ ଊର୍ଦ୍ଧ୍ୱ ତିନିଜଣ ଙ୍କୁ ବାୟୋ ବନ୍ଦନା କାର୍ଡ, ତିନି ଜଣଙ୍କୁ ପି ଏମ୍ ଜନ ଆରୋଗ୍ୟ ଯୋଜନା କାର୍ଡ , ଜନ ସୁରକ୍ଷା ଯୋଜନାରେ ତିନିଜଣଙ୍କୁ, ଏବଂ ତିନି ଜଣଙ୍କୁ ଯକ୍ଷ୍ମା ଖାଦ୍ୟ ପ୍ୟାକେଟ ବଣ୍ଟନ କରାଯାଇଥିଲା । ସେହିପରି ପ୍ରାଣୀସମ୍ପଦ ବିକାଶ ବିଭାଗ ତରଫରୁ ଏଗାର ଜଣଙ୍କୁ କୁକୁଡ଼ା ପାଳନ, ଛେଳି ଓ ଗୋପାଳନ ଆଦି ଯୋଜନାରେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା ।

# ପାରଳା ପୋଲିସ ଦ୍ୱାରା ୨ ମଦ ବ୍ୟବସାୟୀ ଗିରଫ

ପାରଳାଖେମୁଣ୍ଡି,୨୧।୬ (ନିପ୍ର): ଗଜପତି ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ପାରଳାଖେମୁଣ୍ଡି ସହର ଓ ଗ୍ରାମାଞ୍ଚଳରେ ବେଆଇନ ମଦ ବ୍ୟବସାୟ ବିରୋଧରେ ପାରଳାଖେମୁଣ୍ଡି ପୋଲିସ ପକ୍ଷରୁ ଚାଲିଥିବା ସ୍ୱତନ୍ତ୍ର ଅଭିଯାନ ଜାରି ରହିଛି । ଗୁଇନ୍ଦା ସୂଚନା ଆଧାରରେ ଗଠିତ ଏକ ସ୍ୱତନ୍ତ୍ର ପୋଲିସ ଦଳ ଆଜି ଅପରାହ୍ନରେ ଜଗିଲି ସାହି ଏବଂ ଓମ୍ ଶାନ୍ତି କଲୋନୀ ଅଞ୍ଚଳରେ ବେଆଇନ ଚୋରା ମଦ ବିକ୍ରି କରୁଥିବା ବ୍ୟକ୍ତି ଓ ତାଙ୍କ ଦୁଇଟି ଘର ଉପରେ ଚଢ଼ାଉ କରିଥିଲେ । ଚଢ଼ାଉ ସମୟରେ ଢୋବା ସାହି ନିକଟସ୍ଥ ଅଞ୍ଚଳର ଶ୍ରୀନିବାସ ବେହେରା (୪୯) ଏବଂ ଜଗିଲି ସାହିର ତାଲାକାନି ଭାରତୀ (୪୫)ଙ୍କୁ ଗିରଫ କରାଯାଇଥିଲା । ସେମାନଙ୍କ ନିକଟରୁ ମୋଟ ୨୧୦ ଲିଟର ଚୋରା ମଦ ଜବତ କରାଯାଇଛି । ଏହି ଘଟଣାରେ ପାରଳାଖେମୁଣ୍ଡି ଥାନା କେସ୍ ନଂ ୨୪୫/୨୦୨୬ ଓ ୨୪୬/୨୦୨୬ ରୁଜୁ କରାଯାଇଛି । ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିବା ବେଳେ ତଦନ୍ତ ଜାରି ରହିଛି ।

# ନୂତନ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ନିରାକାରପୁର,୨୧।୬ (ନିପ୍ର): ଖୋର୍ଦ୍ଧା ଜିଲ୍ଲା ରାମେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ନୂତନ ଭାବେ ଯୋଗଦାନ କରିଥିବା ପ୍ରଧାନ ଶିକ୍ଷୟିତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଏକ ଆନୁଷ୍ଠାନିକ ସଭାରେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ବିଦ୍ୟାଳୟରେ ନୂତନ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିବା ପ୍ରଧାନ ଶିକ୍ଷୟିତ୍ରୀ ସ୍ମରଣିକା ଦାସ, ସହକର୍ମୀ ସଚିକାନ୍ତ ବେହେରା, ଚିନ୍ତାମଣି ଦେବତା, ସୁକେଶ କୁମାର ବିଶ୍ୱାଳ ଏବଂ ସୁନୀତା ନାୟକଙ୍କୁ ବିଦ୍ୟାଳୟ ପରିସରରେ ଭବ୍ୟ ସ୍ୱାଗତ କରାଯାଇଥିଲା । ଏହି ଉପଲକ୍ଷେ ଆୟୋଜିତ ସଭାରେ ବରିଷ୍ଠ ଶିକ୍ଷୟିତ୍ରୀ ଶକ୍ତିପ୍ରିୟା ସାହୁ ସଭାର ଉଦ୍ଦେଶ୍ୟ ଉପସ୍ଥାପନ କରିବା ସହ ବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଏହି ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସମେତ ଶିକ୍ଷୟିତ୍ରୀ ବିଜୟତା ବାନାର୍ଜୀ, ସ୍ୱାଗତିକା ରଣା ଓ ଶିକ୍ଷକ ଆରତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ନୂଆ ଜଙ୍ଗଲ ସୃଷ୍ଟି ନାମରେ ଜଙ୍ଗଲ ଧ୍ୱଂସ !

ପାରଳାଖେମୁଣ୍ଡି,୨୧।୬(ନିପ୍ର):ଗଜପତି ଜଙ୍ଗଲକୁ ସୁରକ୍ଷା ଦେବା, ଜୈବ ବିବିଧତାର ସଂରକ୍ଷଣ କରିବା ଏବଂ ପରିବେଶ ସନ୍ତୁଳନ ବଜାୟ ରଖିବା ହେଉଛି ବନ ବିଭାଗର ପ୍ରମୁଖ ଦାୟିତ୍ୱ । କିନ୍ତୁ ଯଦି ଜଙ୍ଗଲ ସୃଷ୍ଟି ନାମରେ ହିଁ ଜଙ୍ଗଲ ଧ୍ୱଂସ ହୁଏ, ତେବେ ତାହାକୁ କଣ କୁହାଯିବ ଗଜପତି ଜିଲ୍ଲାର ମହେନ୍ଦ୍ର ବନାଞ୍ଚଳ ଅନ୍ତର୍ଗତ କିଛିଲିଙ୍ଗ ସଂରକ୍ଷିତ ରକ୍ତ ଚନ୍ଦନ ଜଙ୍ଗଲ ମଧ୍ୟରେ ୫ ଏକର ଜଙ୍ଗଲ ଅଞ୍ଚଳରେ ଗଛ କାଟିବା ସହିତ ତଥ୍ୟ ଲୁଚାଇବା ମୂଲ୍ୟବାନ ବୃକ୍ଷଗୁଡ଼ିକୁ ପୋଡ଼ି ଦେବା ଘଟଣା ଯାହା ପରିବେଶବିତଙ୍କ ମନକୁ ଆନ୍ଦୋଳିତ କରିଛି । ବୃକ୍ଷରୋପଣ ଓ ନୂଆ ଜଙ୍ଗଲ ସୃଷ୍ଟି ନାମରେ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଏକର ଏକର ଅଞ୍ଚଳର ପ୍ରାକୃତିକ ବନଭୂମିକୁ ସଫା କରାଯାଇଛି । ବହୁ ପୁରୁଣା ଗଛ କାଟିବା ସହିତ ନିଆଁ ଲଗାଇ ବନଭୂମିକୁ ପୋଡ଼ି ଦିଆଯାଇଛି । ପରିବେଶପ୍ରେମୀ ମନୋଜ ଦାସଙ୍କ ମତରେ ବୃକ୍ଷରୋପଣ କରିବା ପାଇଁ ଜିଲ୍ଲାରେ ଅନେକ ଅନାବାଦୀ ଓ ଖାଲି ଜମି ଥିବା ସତ୍ତ୍ୱେ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଥିବା ପୁରୁଣା ଗଛଗୁଡ଼ିକୁ କାହିଁକି କାଟି ଦିଆଗଲା କେଉଁ କିସମର ଗଛ ଥିଲା , ଏହା କେବଳ ଯୋଜନାର ଲକ୍ଷ୍ୟ ପୂରଣ ପାଇଁ ନା ଏହା ପଛରେ ଅନ୍ୟ କୌଣସି ଉଦ୍ଦେଶ୍ୟ ରହିଛି ? ଜଙ୍ଗଲ ଭିତରେ ନିଆଁ କିଏ ଲଗାଇଥିଲା ? ଏହା କୌଣସି ସରକାରୀ ପ୍ରକ୍ରିୟାର ଅଂଶ ଥିଲା କି? ଯଦି ଥିଲା, ତେବେ କେଉଁ ଅଧିକାରୀଙ୍କ ଅନୁମତିରେ ଏହା କରାଗଲା । ଏହାର ଉଚ୍ଚ ସ୍ତରୀୟ ତଦନ୍ତ ସହ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଆଗକୁ ଏଭଳି ଘଟଣାର ପୁନରାବୃତ୍ତି ନହୁଏ ସେଥିପାଇଁ ବିଭାଗ ସଚେତନ ରହିବା ଆବଶ୍ୟକ ବୋଲି କହିଛନ୍ତି । ସମାଜସେବୀ ସଞ୍ଜୟ ରାଉତଙ୍କ କହିବା ହେଲା ସାଧାରଣ ଲୋକଙ୍କ ଦ୍ୱାରା ଯଦି ଗଛ କଟା ହୁଏ ତାହା ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ଯଦି ସୁରକ୍ଷା ଦାୟିତ୍ୱରେ ଥିବା କର୍ମଚାରୀ ଏଭଳି ଅପରାଧ କରନ୍ତି ତାଙ୍କ ବିରୋଧରେ ମଧ୍ୟ ସେଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ ଏବଂ ଏଭଳି କାର୍ଯ୍ୟ କଳାପ ବିଭାଗୀୟ ଅଧିକାରୀଙ୍କ ଜାଣତରେ କରାଯାଉଛି । ତେଣୁ ଅନ୍ୟ ବିଭାଗ ଦ୍ୱାରା ଏହାର ତଦନ୍ତ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି । ଏହା ଜଙ୍ଗଲ ସୃଷ୍ଟି ନୁହେଁ ବରଂ ଏକ ପ୍ରାକୃତିକ ଜଙ୍ଗଲ ଉପରେ ଯୋଜନା ବଦ୍ଧ କୁଠାରାଘାତ । ପରିବେଶବିତ୍‌ମାନଙ୍କ ମତରେ, ଗୋଟିଏ ପ୍ରାକୃତିକ ଜଙ୍ଗଲ ଗଢ଼ି ଉଠିବା ପାଇଁ ଦଶନ୍ଧି ଦଶନ୍ଧି ସମୟ ଲାଗିଥାଏ । ଏହା କେବଳ ଗଛର ସମୂହ ନୁହେଁ , ବରଂ ହଜାର ହଜାର ପ୍ରଜାତିର ଉଦ୍ଭିଦ, ପକ୍ଷୀ, ପଶୁ, କୀଟପତଙ୍ଗ ଓ ଅଣୁଜୀବଙ୍କ ଏକ ସମନ୍ୱିତ ପରିସ୍ଥିତି ତନ୍ତ୍ର । ଏପରି ଜଙ୍ଗଲକୁ କାଟି ଏବଂ ପୋଡ଼ି ଦେଇ କିଛି ଚାରା ଲଗାଇବା କେବେବି ପ୍ରାକୃତିକ ଜଙ୍ଗଲର ବିକଳ୍ପ ହୋଇପାରିବ ନାହିଁ । ପ୍ରାକୃତିକ ଜଙ୍ଗଲ ମାଟିର ଉର୍ବରତା, ଜଳଧାରଣ କ୍ଷମତା ଓ ଜୈବ ବିବିଧତାକୁ ସୁରକ୍ଷା ଦେଇଥାଏ । ଏହାକୁ ଧ୍ୱଂସ କଲେ ତାହାର ପ୍ରଭାବ ବର୍ଷ ବର୍ଷ ଧରି ଅନୁଭୂତ ହୁଏ । ଅନ୍ୟ ପକ୍ଷରେ ଘଟଣାର ସବୁଠାରୁ ବଡ଼ ରହସ୍ୟ ହେଉଛି, ଯଦି ନୁହେଁ, ତେବେ ଦାୟୀ ବ୍ୟକ୍ତିଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ହୋଇଛି ? ସଂରକ୍ଷିତ ଜଙ୍ଗଲରେ ସାଧାରଣ ଲୋକଙ୍କ ପ୍ରବେଶ ମଧ୍ୟ ନିୟନ୍ତ୍ରିତ ଥିବା ବେଳେ ଏତେ ବଡ଼ ଧରଣର କାର୍ଯ୍ୟ କିପରି ହେଲା, ତାହା ନେଇ ମଧ୍ୟ ସନ୍ଦେହ ବଢୁଛି । ଘଟଣାର ସମ୍ପୂର୍ଣ୍ଣ ସତ୍ୟାସତ୍ୟ ପଦାକୁ ଆଣିବା ପାଇଁ ଉଚ୍ଚସ୍ତରୀୟ ନିରପେକ୍ଷ ତଦନ୍ତ ପାଇଁ ପରିବେଶପ୍ରେମୀ ଓ ବୁଦ୍ଧିଜୀବୀ ଦାବି କରିଛନ୍ତି । ତେବେ ବନାଞ୍ଚଳ ଅଧିକାରୀଙ୍କ କହିବା ହେଲା କୌଣସି ମୂଲ୍ୟବାନ ଗଛ କଟା ଯାଇନାହିଁ , ବୃକ୍ଷ ରୋପଣ ପାଇଁ ସେହି ଅଞ୍ଚଳ ସଫା କରାଯାଇଥିଲା ୨୫ ହେକ୍ଟର ଜମିରେ ଚାରା ରୋପଣ ପାଇଁ ଯୋଜନା ଥିଲା ୫ ଏକର ସଫା କରଯାଇଥିଲା । ନିଆଁ କେମିତି ଲାଗିଲା ଆଉ କିଏ



ଲଗାଇଲା ତାହାର ତଦନ୍ତ କରାଯାଉଛି । ସେ ଯିଏ ହୁଅନ୍ତୁ ନା କାହିଁକି ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସହକାରୀ ବନ ସଂରକ୍ଷକ ଅରୁଣ କୁମାର ସାହୁ କହିଛନ୍ତି । ତେବେ ଗଛ କାଟି ତଳେ ପଡିଥିବା ସମୟରେ ଜଣେ ବ୍ୟକ୍ତି ନିଆଁ ଲଗାଉ ଥିବାର ଭିଡିଓ ଭାଇରାଲ ହେବାରେ ଲାଗିଛି , ଯାହାର ତଦନ୍ତ ବନ ବିଭାଗ କରିବା ଆବଶ୍ୟକ ରହିଛି ।

## ୩୫,୦୦୦ ଲୋକଙ୍କ ସହ ଯୋଗ କଲେ ମୋଦି

# ଯୋଗ ବିଶ୍ୱକୁ ଯୋଡ଼ି ଏକ କରେ, ସୁସ୍ଥ ବାର୍ଦ୍ଧକ୍ୟ ପାଇଁ ଜରୁରୀ



କୋଲକାତା,୨୧।୬: ଆଜି ସାରା ବିଶ୍ୱରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଉଛି। ଏହି ଅବସରରେ କୋଲକାତାରେ ଏକ ଯୋଗ ଦିବସ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା, ଯେଉଁଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗ ଦେଇଥିଲେ। ବଙ୍ଗଳାର ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ମଧ୍ୟ ଏହି ଉତ୍ସବରେ ଯୋଗ ଦେଇଥିଲେ ଏବଂ ପଶ୍ଚିମବଙ୍ଗ ରାଜ୍ୟପାଳ ଆରଏନ ରବି ମଧ୍ୟ ଯୋଗ ଅଧିବେଶନରେ ଯୋଗ ଦେଇଥିଲେ। ଯେଉଁଥିରେ ପ୍ରାୟ ୩୫,୦୦୦ ଲୋକ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କୋଲକାତାର ରେଡ ରୋଡରେ ଆୟୋଜିତ ଦ୍ୱାଦଶ ଅନ୍ତର୍ଜାତୀୟ ଯୋଗ ଦିବସ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଅବସରରେ, ସେ ଦେଶକୁ ଏକ ବାର୍ତ୍ତା ଦେଇଥିଲେ ଯେଉଁଥିରେ ଯୋଗକୁ ସେମାନଙ୍କ ଜୀବନଶୈଳୀର ଏକ ଅବିଚ୍ଛେଦ୍ୟ ଅଂଶ କରିବାକୁ ଆହ୍ୱାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ସମୟରେ, ପ୍ରଧାନମନ୍ତ୍ରୀ ମୋଦି ସମାବେଶକୁ ସମ୍ବୋଧିତ କରି ଅନ୍ତର୍ଜାତୀୟ ଯୋଗ ଦିବସ ପାଇଁ ଶୁଭେଚ୍ଛା ଜଣାଇଥିଲେ ଏବଂ ବିଶ୍ୱବ୍ୟାପୀ ଲୋକଙ୍କୁ ଏକତ୍ର କରିବାରେ ଯୋଗର ଭୂମିକା ଉପରେ ଆଲୋକପାତ କରିଥିଲେ। ବହୁ ସଂଖ୍ୟକ ଯୋଗ ଅଭ୍ୟାସକାରୀ, ଛାତ୍ର, ସାମାଜିକ ସଂଗଠନର ପ୍ରତିନିଧି ଏବଂ ସାଧାରଣ ନାଗରିକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀ ଏହି ଅବସରରେ ଉପସ୍ଥିତ ସମାବେଶକୁ ମଧ୍ୟ ସମ୍ବୋଧିତ କରିଥିଲେ। ଅଂଶଗ୍ରହଣକାରୀମାନଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦି କହିଥିଲେ, '୨୧ ଜୁନ ପୃଥିବୀର କିଛି ଅଂଶରେ ବର୍ଷର ସବୁଠାରୁ ଲମ୍ବା ଦିନ। ଅନ୍ତର୍ଜାତୀୟ ଯୋଗ ଦିବସ ପାଇଁ ଧନ୍ୟବାଦ, ଏହି ତାରିଖ ବିଶ୍ୱର ସର୍ବବୃହତ ସାମୂହିକ ଉତ୍ସବ ପାଇଁ ମଧ୍ୟ ଅବସର ପାଲଟିଛି।' ସେ ଆହୁରି ଉଲ୍ଲେଖ କରିଥିଲେ ଯେ ବିଶ୍ୱର ବିଭିନ୍ନ କୋଣରୁ ଯୋଗର ଉଲ୍ଲେଖନୀୟ ପ୍ରତିଛବି ଆସୁଛି। ସାରା ଭାରତରେ ହିମାଳୟରୁ ଭାରତ ମହାସାଗର ପର୍ଯ୍ୟନ୍ତ, ଏବଂ ପୂର୍ବରେ ବଙ୍ଗଳାରୁ ପଶ୍ଚିମରେ ସୌରାଷ୍ଟ୍ର ପର୍ଯ୍ୟନ୍ତ ସମଗ୍ର ଦେଶ ଯୋଗର ଭାବନା ଦ୍ୱାରା ସ୍ପନ୍ଦନଶୀଳ ଏବଂ ଉର୍ଜିତ ଦେଖାଯାଉଛି। ପ୍ରଧାନମନ୍ତ୍ରୀ ମୋଦି ମନ୍ତବ୍ୟ ଦେଇଥିଲେ ଯେ ସମଗ୍ର ଦେଶ ଏବଂ ବିଶ୍ୱ ପରସ୍ପର ସହିତ ଜଡିତ ମନେହୁଏ; ଯୋଗର ଶକ୍ତି ଏପରି। ସେ ଜୋର ଦେଇ କହିଥିଲେ ଯେ ଯୋଗ ସମସ୍ତଙ୍କୁ ଏକ କରେ ଏବଂ ଲୋକଙ୍କୁ ଏକାଠି କରେ। ବିଶ୍ୱବ୍ୟାପୀ ଲୋକଙ୍କୁ ଶୁଭେଚ୍ଛା ଜଣାଇ ପ୍ରଧାନମନ୍ତ୍ରୀ ଏହି ଅବସରରେ ସ୍ୱଚ୍ଛତା ପ୍ରତି କୋଲକାତାର ବାସିନ୍ଦାଙ୍କ ପ୍ରତିବଦ୍ଧତା ପାଇଁ ପ୍ରଶଂସା କରିଥିଲେ। ସେ 'ସ୍ୱାଗତ ମାଧ୍ୟମରେ ସ୍ୱଚ୍ଛତା' ପଦକ୍ଷେପକୁ ଚମତ୍କାର ବୋଲି ବର୍ଣ୍ଣନା କରିଥିଲେ, ଉଲ୍ଲେଖ କରିଥିଲେ ଯେ ଏହି ପଦକ୍ଷେପରେ ପ୍ରଦର୍ଶିତ ନିରନ୍ତର ପ୍ରୟାସ ଏବଂ ନାଗରିକ କର୍ତ୍ତବ୍ୟର ପରିପୂର୍ଣ୍ଣତା ସମସ୍ତ ନାଗରିକଙ୍କ ପାଇଁ ଏକ ମହାନ ପ୍ରେରଣା ପାଲଟିଛି। ପ୍ରଧାନମନ୍ତ୍ରୀ ଯୋଗକୁ କେବଳ ଏକ ବାର୍ଷିକ କାର୍ଯ୍ୟକ୍ରମ ଭାବରେ ଗ୍ରହଣ ନକରି ଏହାକୁ ଜୀବନର ଏକ ଉପାୟ ଭାବରେ ଗ୍ରହଣ କରିବାକୁ ଲୋକଙ୍କୁ ଆହ୍ୱାନ କରିଥିଲେ। ସେ କହିଥିଲେ ଯେ ଅନ୍ତର୍ଜାତୀୟ ଯୋଗ ଦିବସର ପ୍ରକୃତ ଆତ୍ମା ଯୋଗକୁ ନିଜ ଦୈନନ୍ଦିନ କାର୍ଯ୍ୟରେ ସାମିଲ କରିବା ଏବଂ ଏହାକୁ ବ୍ୟକ୍ତିଗତ ଏବଂ ସାମୂହିକ କଲ୍ୟାଣ ପାଇଁ ଏକ ନିରନ୍ତର ପ୍ରତିବଦ୍ଧତା କରିବାରେ ନିହିତ। ସେ ଲୋକମାନଙ୍କୁ ଏହା ନିଶ୍ଚିତ କରିବାକୁ ମଧ୍ୟ ଉତ୍ସାହିତ କରିଥିଲେ ଯେ, ଯୋଗ କଲେ ୫୦ ବର୍ଷ ବୟସରେ ମଧ୍ୟ ସେମାନେ ୩୦ ବର୍ଷ ବୟସ ଅପେକ୍ଷା ଅଧିକ ସୁସ୍ଥ, ଅଧିକ ଶକ୍ତିଶାଳୀ ଏବଂ ଅଧିକ ନମନୀୟ ରହିବେ।

## ମତଦାନକୁ ମୌଳିକ ଅଧିକାର କରିବାକୁ ଦାବି କଲା କଂଗ୍ରେସ



ନୂଆଦିଲ୍ଲୀ,୨୧।୬: ଭୋଟ୍ ଦେବାର ଅଧିକାରକୁ ଏକ ମୌଳିକ ଅଧିକାର କରିବା ପାଇଁ କଂଗ୍ରେସ ରବିବାର ଦାବି କରିଛି। ଏହା ଯୁକ୍ତି ବାଢ଼ିଛି ଯେ ଏଭଳି ପଦକ୍ଷେପ ମନମୁଖି ଅଯୋଗ୍ୟତା ବିରୋଧରେ ଦୃଢ଼ ସୁରକ୍ଷା ପ୍ରଦାନ କରିବ ଯାହା ସ୍ୱତନ୍ତ୍ର ଇଣ୍ଟେନସିଭ୍ ରିଭିଜନ (ଏସ୍ଆଇଆର) ଅଧୀନରେ ବିଭିନ୍ନ ରାଜ୍ୟରେ ଘଟିଛି। କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ନିର୍ଦ୍ଦେଶରେ କାର୍ଯ୍ୟ କରୁଥିବା ଭାରତୀୟ ନିର୍ବାଚନ ଆୟୋଗ ଖୋଲାଖୋଲି ପକ୍ଷପାତିତା କରୁଛି। ତେଣୁ ଭୋଟ୍ ଦେବାର ଅଧିକାରକୁ ଏକ ମୌଳିକ ଅଧିକାର ଭାବରେ ଉନ୍ନୀତ କରିବାର ସମୟ ଆସିଛି, ଯାହା ଏହାକୁ ସର୍ବୋଚ୍ଚ ସ୍ତରର ନ୍ୟାୟିକ ସମୀକ୍ଷା ଓ ସୁରକ୍ଷା ପ୍ରଦାନ କରିବ। ରମେଶ ନିକଟରେ ସୁପ୍ରିମକୋର୍ଟଙ୍କ ଏକ ରାୟ ବିଷୟରେ ଉଲ୍ଲେଖ କରିଛନ୍ତି, ଯେଉଁଥିରେ ଦୁଇଜଣିଆ ଖଣ୍ଡପୀଠ ଫୁଟପାଥରେ ଚାଲିବା ଅଧିକାରକୁ ସମ୍ବିଧାନ ଅନୁଯାୟୀ ମୌଳିକ ଅଧିକାର ବୋଲି ଘୋଷଣା କରିଛନ୍ତି। ଗଣତନ୍ତ୍ର ପାଇଁ ଗୁରୁତ୍ୱପୂର୍ଣ୍ଣ ଭୋଟ୍ ଅଧିକାରକୁ କାହିଁକି ସମାନ ସ୍ୱୀକୃତି ମିଳିବା ଉଚିତ ନୁହେଁ ବୋଲି ସେ ପ୍ରଶ୍ନ କରିଛନ୍ତି। କଂଗ୍ରେସ ନେତା ମନେ ପକାଇ ଦେଇଛନ୍ତି ଯେ, ସର୍ଦ୍ଦାର ପଟେଲଙ୍କ ଅଧ୍ୟକ୍ଷତାରେ ସମ୍ବିଧାନ ସଭା ମୌଳିକ ଅଧିକାର, ସଂଖ୍ୟାଲଘୁ ଓ ଆଦିବାସୀ ତଥା ବିଚ୍ଛିନ୍ନ ଅଞ୍ଚଳ ଉପରେ ଏକ ପରାମର୍ଶଦାତା କମିଟି ଗଠନ କରିଥିଲା। ୧୯୪୭ ମସିହା ଏପ୍ରିଲ ୨୧-୨୨ ତାରିଖରେ ଅନୁଷ୍ଠିତ ବୈଠକରେ କମିଟି ମତଦାନ ଅଧିକାରକୁ ଏକ ମୌଳିକ ଅଧିକାର କରାଯିବା ଉଚିତ କି ନାହିଁ ସେ ବିଷୟରେ ଏକ ବ୍ୟାପକ ଆଲୋଚନା କରିଥିଲା।

## ମୁମ୍ବାଇ-ବଡୋଦରା ହାଇୱେରେ ବିଏମଡବ୍ଲ୍ୟୁ ଦୁର୍ଘଟଣାରେ ୨ ମୃତ



ମୁମ୍ବାଇ,୨୧।୬: ରବିବାର ଭୋର ସମୟରେ ଜନ୍ମଦିନ ପାଳନ କରିବାକୁ ବିଏମ୍ଡବ୍ଲ୍ୟୁ କନର୍ଭଟିବଲ କାରରେ ୩ ଜଣ ଯାଉଥିବାବେଳେ ମୁମ୍ବାଇ-ବଡୋଦରା ରାଜପଥରେ ବଦଲାପୁରଠାରେ କାରଟି ଦୁର୍ଘଟଣାଗ୍ରସ୍ତ ହେବାରୁ ଦୁଇଜଣଙ୍କର ମୃତ୍ୟୁ ଘଟିଛି ଓ ଜଣେ ଗୁରୁତର ଭାବେ ଆହତ ହୋଇଛନ୍ତି। ଦୁର୍ଘଟଣାବେଳେ ଗାଡ଼ି ଘଣ୍ଟାକୁ ୨୫୧ କିମି ବେଗରେ ଗତି କରୁଥିଲା। ଦୁର୍ଘଟଣା ପ୍ରଭାବରେ ଗାଡ଼ିଟି ସମ୍ପୂର୍ଣ୍ଣ ଚୁରମାର୍ ହୋଇଯାଇଛି। ପ୍ରାଥମିକ ରିପୋର୍ଟ ଅନୁଯାୟୀ, ଡ୍ରାଇଭର ଦ୍ରୁତ ଗତି ଯୋଗୁ କାର ଉପରୁ ନିୟନ୍ତ୍ରଣ ହରାଇ ଏକ ହାଇୱେ ଡିଭାଇଡରକୁ ଜୋରରେ ଧକ୍କା ଦେଇଥିଲେ। ଧକ୍କା ଏତେ ତୀବ୍ର ଥିଲା ଯେ, ଗାଡ଼ିଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା ଓ ମୃତକଙ୍କ ଶରୀରର ଅଂଶ ଅଧ କିଲୋମିଟର ଦୂର ଅଞ୍ଚଳ ପର୍ଯ୍ୟନ୍ତ ବିଛାଡ଼ି ହୋଇ ପଡ଼ିଥିଲା। ମୃତକ ଯୋଗେଶ କିଶାନ୍ ନେଗି (୨୪), ରେବେକା ବାବୁ ଜାକୋବ (୨୨) ବୋଲି ଚିହ୍ନଟ ହୋଇଛନ୍ତି। ଆହତ ଅଙ୍ଗଦ ଗିଲ୍ (୨୬) ବୋଲି ଜଣାପଡ଼ିଛି। ଗିଲ୍ ଓ ନେଗିଙ୍କ ଘର ବଦଲାପୁର ଓ ରେବେକାଙ୍କ ଘର ବାନ୍ଦ୍ରା ବୋଲି ଜଣାପଡ଼ିଛି। ଗୁରୁତର ଆହତ ଗିଲ୍ଙ୍କୁ କଲ୍ୟାଣସ୍ଥିତ ଫୋର୍ଟିସ ହସ୍ପିଟାଲର ଆଇସିୟୁରେ ଭର୍ତ୍ତି କରାଯାଇଛି।

## ବିଏସଏଫ ଅନୁପ୍ରବେଶକାରୀଙ୍କୁ ବାଂଲାଦେଶକୁ ତଡ଼ିବା ବେଳେ ସୀମାରେ ଉତ୍ତେଜନା

ମାଲଦା,୨୧।୬: ସୀମା ସୁରକ୍ଷା ବଳ (ବିଏସ୍ଏଫ୍) ମାଲଦାରେ ଶନିବାର କିଛି ବାଂଲାଦେଶୀ ନାଗରିକଙ୍କୁ ବାଂଲାଦେଶକୁ ପଠାଇବାକୁ ଚେଷ୍ଟା କରିବା ବେଳେ ଉତ୍ତେଜନା ଦେଖା ଦେଇଥିଲା। ବର୍ଡର ଗାର୍ଡ ବାଂଲାଦେଶ (ବିଜିବି) ଓ ଅନେକ ବାଂଲାଦେଶୀ ନାଗରିକ ଏହି କାର୍ଯ୍ୟରେ ବିଏସ୍ଏଫ ବାଧା ଦେଇଥିଲା, ଯାହା ଏକ ବଡ଼ ବିବାଦ ସୃଷ୍ଟି କରିଥିଲା। ଏହି ଘଟଣା ସୀମାନ୍ତ ଜିଲ୍ଲାର ବାସିନ୍ଦାଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି କରିଛି ଏବଂ ରାଜନୈତିକ ମହଲରୁ ମଧ୍ୟ ପ୍ରତିକ୍ରିୟା ଆସିଛି।

## ଭାରତୀୟ ନୌସେନାରେ ସାମିଲ ହେଲା ୩ ଯୁଦ୍ଧ ଜାହାଜ



ନୂଆଦିଲ୍ଲୀ,୨୧।୬ : ଭାରତୀୟ ନୌସେନାରେ ସାମିଲ ହେଲା ୩ ଯୁଦ୍ଧ ଜାହାଜ । ଆଇଏନଏସ ଅଗ୍ରୟ, ଆଇଏନଏସ ସଂଶୋଧନ ଏବଂ ଆଇଏନଏସ ଦୁନାଗିରିକୁ ଭାରତୀୟ ନୌସେନାକୁ ହସ୍ତାନ୍ତର କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦି । ଯାହା ଭାରତୀୟ ନୌସେନାର କାର୍ଯ୍ୟକ୍ଷମ କ୍ଷମତାକୁ ଆହୁରି ମଜବୁତ କରିବ । ପ୍ରଧାନମନ୍ତ୍ରୀ ମୋଦି କୋଲକାତାର ଏକ ବନ୍ଦରରେ କମିଶନିଂ ଉତ୍ସବରେ ଯୋଗ ଦେଇଛନ୍ତି ।ଭାରତୀୟ ନୌସେନା ଅଧିକାରୀଙ୍କ ଉପସ୍ଥିତିରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତୀୟ ନୌସେନାରେ ସ୍ୱଦେଶୀ ଭାବରେ ଡିଜାଇନ୍ ଏବଂ ନିର୍ମିତ ତିନୋଟି ନୌସେନା ଜାହାଜକୁ ନିୟୋଜିତ କରିଥିଲେ । ଏହାରି ମଧ୍ୟରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ବିକାଶ, ସୁରକ୍ଷା ଏବଂ ସମୃଦ୍ଧି ସମୁଦ୍ର ସହିତ ଜଡିତ । ଏକ ଦେଶର ଆର୍ଥିକ ଏବଂ ରଣନୈତିକ ପ୍ରଭାବ ପାଇଁ ଦୃଢ଼ ସାମୁଦ୍ରିକ କ୍ଷମତା ଏକ ନିର୍ଣ୍ଣାୟକ କାରଣ। ଭାରତ ଏହାକୁ ଭଲ ଭାବରେ ବୁଝେ ଏବଂ ଏଥିପାଇଁ ପ୍ରସ୍ତୁତି କରୁଛି । ସେ ଆହୁରି କହିଛନ୍ତି ଯେ ଭାରତ ପ୍ରତିରକ୍ଷା କ୍ଷେତ୍ରରେ କେବଳ କ୍ରେତା ହୋଇ ରହିବାକୁ ଚାହୁଁନାହିଁ। ଆମର ସଶସ୍ତ୍ର ବାହିନୀ ବିଶ୍ୱ ପାଇଁ କେବଳ ଏକ ବଜାର ହୋଇ ରହିପାରିବ ନାହିଁ । ତେଣୁ, କ୍ଷେପଣାସ୍ତ୍ର ଏବଂ ଯୁଦ୍ଧଜାହାଜ ନିରନ୍ତର ଘରୋଇ ଭାବରେ ନିର୍ମାଣ କରାଯାଉଛି । ଏଥିସହ ଭାରତ ଏକ ନିର୍ମାତା ହେବାକୁ ଚାହୁଁଛି, ଏବଂ ଯେଉଁଦିନ ଆମେ ନିର୍ମାତା ହେବୁ, ଆମେ ମଧ୍ୟ ଏକ ନିଷ୍ପତ୍ତି ନିର୍ମାତା ହୋଇଯିବୁ। ଆମେ ଏହି ଦିଗରେ ଦ୍ରୁତ ଗତିରେ ଆଗକୁ ବଢୁଛୁ। ସାମ୍ପ୍ରତିକ ବର୍ଷଗୁଡ଼ିକରେ, ୪୦ ରୁ ଅଧିକ ନିର୍ମିତ ଭାରତ ଯୁଦ୍ଧଜାହାଜ ଏବଂ ବୁଡ଼ାଜାହାଜ ନୌସେନାରେ ସାମିଲ ହୋଇଛି। ଏହାର ଅର୍ଥ ହେଉଛି ଭାରତୀୟ ନୌସେନା ପ୍ରାୟ ପ୍ରତି କିଛି ସପ୍ତାହରେ ଏକ ନୂତନ ଶକ୍ତି ହାସଲ କରୁଛି ବୋଲି ମଧ୍ୟ ପ୍ରଧାନମନ୍ତ୍ରୀ କହିଛନ୍ତି । ବର୍ତ୍ତମାନ, ୪୫ ଟି ପ୍ରମୁଖ ନୌସେନା ପ୍ଲାଟଫର୍ମ ନିର୍ମାଣ କରାଯାଉଛି। ଏହା କେବଳ ଏକ ସଂଖ୍ୟା ନୁହେଁ। ଏହା ଭାରତର ଶିଳ୍ପ କ୍ଷମତାର ପ୍ରମାଣ। ଏହା ଭାରତର ଭବିଷ୍ୟତର ଏକ ସଙ୍କେତ ।ଅନ୍ୟପଟେ ଏହି ୩ ଟି ଜାହାଜର କ୍ଷମତା ସମ୍ପର୍କରେ ଚିହ୍ନଟ କରାଯାଇଛି । ଆଇଏନଏସ ଅଗ୍ରୟ ହେଉଛି ଏକ ସବମେରିନ୍-ବିରୋଧୀ ଯୁଦ୍ଧ ଅଗଭୀର ଜଳଯାନ ଯାହା ଉପକୂଳ ଏବଂ ଅଗଭୀର ଜଳରେ କାର୍ଯ୍ୟରତ ଶତ୍ରୁ ସବମେରିନ୍‌କୁ ଚିହ୍ନଟ କରିବ । ଟ୍ରାକ୍ ଏବଂ ଧ୍ୱଂସ କରିବା ପାଇଁ ଡିଜାଇନ୍ କରାଯାଇଛି। ଏହି ଜାହାଜଟି ଉନ୍ନତ ସୋନାର୍ ସିଷ୍ଟମ୍, ସବମେରିନ୍-ବିରୋଧୀ ରକେଟ୍, ଟର୍ପେଡୋ ଏବଂ ଏକ ୩୦-ମିମି ନୌସେନା ବନ୍ଧୁକ ସହିତ ସଜ୍ଜିତ ହୋଇଛି । ଏଥିରେ ଥିବା ମାଇନ୍ ଡିଜାଇନ୍ ଭାରତର ଉପକୂଳ ପ୍ରତିରକ୍ଷା କ୍ଷମତାକୁ ଯଥେଷ୍ଟ ବୃଦ୍ଧି କରିଥାଏ ।

## ରୁଷିଆରୁ ଭାରତର ଅଶୋଧିତ ତୈଳ ଆମଦାନିରେ ରେକର୍ଡ ବୃଦ୍ଧି

## ଜୁନ୍‌ରେ ଦୈନିକ ୨୬.୬ ଲକ୍ଷ ବ୍ୟାରେଲ୍ ତେଲ କିଣିଲେ ଭାରତୀୟ ରିଫାଇନର୍ସ

ନୂଆଦିଲ୍ଲୀ,୨୧।୬: ମଧ୍ୟପ୍ରାଚ୍ୟରୁ ତୈଳ ଯୋଗାଣ ସମ୍ପୂର୍ଣ୍ଣ ସ୍ୱାଭାବିକ ହେବା ପୂର୍ବରୁ ଭାରତୀୟ ରିଫାଇନିଂ କମ୍ପାନୀଗୁଡ଼ିକ ରୁଷିଆରୁ ଅଶୋଧିତ ତୈଳ ଆମଦାନୀକୁ ବେଶ୍ ବୃଦ୍ଧି କରିଛନ୍ତି। ସାମୁଦ୍ରିକ ଗୋଇନ୍ଦା ସଂସ୍ଥା ''କେପ୍ଲର'' ରୁ ମିଳିଥିବା ସୂଚନା ଅନୁଯାୟୀ, ଚଳିତ ଜୁନ୍ ୧ ରୁ ୧୯ ତାରିଖ ମଧ୍ୟରେ ଭାରତ ରୁଷିଆରୁ ଦୈନିକ ହାରାହାରି ୨୬.୬ ଲକ୍ଷ ବ୍ୟାରେଲ୍ ଅଶୋଧିତ ତୈଳ ଆମଦାନୀ କରିଛି, ଯାହା ମେ' ମାସର ଦୈନିକ ୧୯.୧ ଲକ୍ଷ ବ୍ୟାରେଲ୍ ତୁଳନାରେ ଯଥେଷ୍ଟ ଅଧିକ। ଏହି ବୃଦ୍ଧି ସହ ଭାରତର ସବୁଠାରୁ ବଡ଼ ତୈଳ ଯୋଗାଣକାରୀ ଦେଶ ଭାବେ ରୁଷିଆ ନିଜର ସ୍ଥିତିକୁ ଆହୁରି ମଜବୁତ କରିଛି। ଅନ୍ୟପଟେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ରୁ ମଧ୍ୟ ଆମଦାନୀ ଅପେକ୍ଷାକୃତ ଅଧିକ ରହିଥିବା ବେଳେ ଜୁନ୍ ମାସରେ ଦୈନିକ ୬.୩୬ ଲକ୍ଷ ବ୍ୟାରେଲ୍ ତେଲ ଆମଦାନୀ ହୋଇଛି। ଏହା ପଛକୁ ସାଉଦି ଆରବ ଦୈନିକ ୩.୮୪ ଲକ୍ଷ ବ୍ୟାରେଲ୍ ସହ ତୃତୀୟ ଏବଂ ଭେନେଜୁଏଲା ଦୈନିକ ୨.୦୯ ଲକ୍ଷ ବ୍ୟାରେଲ୍ ସହ ଚତୁର୍ଥ ବୃହତ୍ତମ ଯୋଗାଣକାରୀ ଦେଶ ଭାବେ ଉଭା ହୋଇଛି, ଯଦିଓ ଆମେରିକାରୁ ଆମଦାନୀ ହ୍ରାସ ପାଇ ଦୈନିକ ୯୧,୦୦୦ ବ୍ୟାରେଲ୍ରେ ପହଞ୍ଚିଛି। ଆମେରିକା ଓ ଇସ୍ରାଏଲର ଆକ୍ରମଣ ପରେ ଇରାନ ଦ୍ୱାରା ରଣନୀତିକ ଭାବେ ଗୁରୁତ୍ୱପୂର୍ଣ୍ଣ ''ଷ୍ଟ୍ରେଟ୍ ଅଫ୍ ହରମୁଜ୍'' ସାମୁଦ୍ରିକ ମାର୍ଗ ବନ୍ଦ ହେବା ଯୋଗୁଁ ବିଶ୍ୱ ଓ ଭାରତୀୟ ଶକ୍ତି ବଜାର ଗଭୀର ଭାବେ ପ୍ରଭାବିତ ହୋଇଥିଲା। ବିଶ୍ୱର ମୋଟ ତୈଳ ବ୍ୟବହାରର ପ୍ରାୟ ୨୦ ପ୍ରତିଶତ ଏହି ମାର୍ଗ ଦେଇ ପରିବହନ ହେଉଥିବାରୁ ଏହା ଗଲ୍ଫ ଦେଶଗୁଡ଼ିକ ପାଇଁ ମୁଖ୍ୟ ରପ୍ତାନି ପଥ ଅଟେ। ଆମେରିକା ଓ ଇରାନ ମଧ୍ୟରେ ସାମୟିକ ଯୁଦ୍ଧବିରତି ଚୁକ୍ତି ପରେ ଗତ ସପ୍ତାହରୁ ଏହି ସାମୁଦ୍ରିକ ପଥ ଦେଇ ଯୋଗାଣ ପ୍ରକ୍ରିୟା ଧୀରେ ଧୀରେ ଆରମ୍ଭ ହୋଇଛି, ଯେଉଁଥିରେ ଭାରତୀୟ ପତାକାଧାରୀ ୩ଟି ତୈଳ ଟ୍ୟାଙ୍କର ଓ ଗୋଟିଏ ଏଲଏନଜି କ୍ୟାରିଅର୍ ପ୍ରାୟ ୮.୬ ଲକ୍ଷ ଟନ୍ ସାମଗ୍ରୀ ସହ ଯାତ୍ରା ପୁନଃ ଆରମ୍ଭ କରିଛନ୍ତି। କେପ୍ଲର ସଂସ୍ଥାର ବରିଷ୍ଠ ପରିଚାଳକ ସୁମିତ ରିତୋଲିଆଙ୍କ ଅନୁଯାୟୀ, ହରମୁଜ୍ ଜଳପଥ ଖୋଲିବା ଦ୍ୱାରା ଭାରତକୁ ସବୁଠାରୁ ଶୀଘ୍ର ଏଲପିଜି ଯୋଗାଣରେ ଆଶ୍ୱସ୍ତି ମିଳିବ, କାରଣ ଭାରତ ନିଜର ମୋଟ ଏଲପିଜି ଆବଶ୍ୟକତାର ପ୍ରାୟ ୬୫ ପ୍ରତିଶତ ଆମଦାନୀ କରିଥାଏ, ଯାହାର ୯୦ ପ୍ରତିଶତ ଗଲ୍ଫ ଦେଶଗୁଡ଼ିକରୁ ଆସିଥାଏ। ରୁଷିଆରୁ ମିଳୁଥିବା ଆକର୍ଷଣୀୟ ରିହାତି ଓ ଭାରତୀୟ ବଜାରରେ ଥିବା ସ୍ଥିର ଚାହିଦା ଯୋଗୁଁ ହରମୁଜ୍ ସ୍ଥିତି ସମ୍ପୂର୍ଣ୍ଣ ସ୍ୱାଭାବିକ ହେବା ପରେ ମଧ୍ୟ ରୁଷିଆର ଅଶୋଧିତ ତେଲ ଭାରତର ଆମଦାନୀ ରଣନୀତିର ଏକ ପ୍ରମୁଖ ଅଂଶ ହୋଇ ରହିବ।

## ଟ୍ରମ୍ପଙ୍କ କଡ଼ା ଚେତାବନୀ

## ଇରାନ ପ୍ରକ୍ସି ସଂଗଠନକୁ ନିୟନ୍ତ୍ରଣ ନ କଲେ ଭୟାବହ ଆକ୍ରମଣ



ୱାସିଂଟନ/ଜେନେଭା,୨୧।୬: ଆମେରିକା ଓ ଇରାନ ମଧ୍ୟରେ ସ୍ୱିଜରଲ୍ୟାଣ୍ଡରେ ଗୁରୁତ୍ୱପୂର୍ଣ୍ଣ ଶାନ୍ତି ଆଲୋଚନା ଆରମ୍ଭ ହୋଇଥିବା ବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତେହେରାନକୁ ଏକ କଠୋର ଚେତାବନୀ ଦେଇଛନ୍ତି। ଆମେରିକା ପକ୍ଷରୁ କରାଯାଇଥିବା ସାମରିକ ଆକ୍ରମଣ କଥା ମନେ ପକାଇ ଦେଇ ଟ୍ରମ୍ପ କହିଛନ୍ତି ଯେ, ଯଦି ଇରାନ ଲେବାନନରେ ସକ୍ରିୟ ଥିବା ନିଜର ପ୍ରକ୍ସି ସଙ୍ଗଠନ, ବିଶେଷ କରି 'ହେଜବୁଲ୍ଲା'କୁ ନିୟନ୍ତ୍ରଣ ନକରେ, ତେବେ ପୁଣି ଥରେ ଆକ୍ରମଣର ସାମ୍ନା କରିବାକୁ ପଡ଼ିବ ଏବଂ ଏହି ଆକ୍ରମଣ ପୂର୍ବ ଅପେକ୍ଷା ଅଧିକ ଭୟାବହ ହେବ। ନିଜର ସୋସିଆଲ ମିଡିଆ ଆକାଉଣ୍ଟ 'ଟ୍ରୁଥ୍ ସୋସିଆଲ୍'ରେ ଏକ ପୋଷ୍ଟ କରି ଟ୍ରମ୍ପ ଲେଖିଛନ୍ତି, 'ଇରାନ ତୁରନ୍ତ ଲେବାନନରେ ଉତ୍ପାତ ସୃଷ୍ଟି କରୁଥିବା ନିଜର ପ୍ରକ୍ସିମାନଙ୍କୁ ଅଟକାଉ। ଯଦି ସେମାନେ ଏପରି ନକରନ୍ତି, ତେବେ ଆମେ ପୁଣି ଥରେ ଇରାନ ଉପରେ ପ୍ରହାର କରିବୁ, କିନ୍ତୁ ଏଥର ଆକ୍ରମଣ ଆହୁରି ଜୋରଦାର ହେ ।' ଟ୍ରମ୍ପଙ୍କ ଏହି ବୟାନନ ସ୍ପଷ୍ଟ କରୁଛି ଯେ ସେ ଏକ ଦ୍ୱିମୁଖୀ ରଣନୀତି ଆପଣାଉଛନ୍ତି। ଗୋଟିଏ ପଟେ ସେ ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କୁ କୂଟନୈତିକ ଆଲୋଚନାର ନେତୃତ୍ୱ ନେବାକୁ ଅନୁମତି ଦେଇଛନ୍ତି ଏବଂ ଅନ୍ୟପଟେ ନିଜେ ସାମରିକ ଶକ୍ତିର ପ୍ରଦର୍ଶନ ଜାରି ରଖିଛନ୍ତି । ଟ୍ରମ୍ପଙ୍କର ଏହି ବୟାନ ଏଭଳି ସମୟରେ ଆସିଛି ଯେତେବେଳେ ତାଙ୍କ ପ୍ରଶାସନ ଇରାନ ସହ ସମ୍ପର୍କର ଏକ ନୂତନ ଅଧ୍ୟାୟ ଆରମ୍ଭ କରିବାକୁ ଚେଷ୍ଟା କରୁଛି। ଉପରାଷ୍ଟ୍ରପତି ଜେଡି ଭାନ୍ସ ଏହି ଆଲୋଚନାକୁ ''ଐତିହାସିକ'' ବୋଲି ଅଭିହିତ କରିଛନ୍ତି ଏବଂ କୂଟନୀତି ମାଧ୍ୟମରେ ଆମେରିକା-ଇରାନ ସମ୍ପର୍କ ବଦଳିବାର ସମ୍ଭାବନା ଉପରେ ଗୁରୁତ୍ୱ ଦେଇଛନ୍ତି।

## ବିନା ଟିକେଟରେ ଯାତ୍ରା କଲେ ଦୁଇଗୁଣା ଜରିମାନା ସହ ଜେଲ ଦଣ୍ଡ

ନୂଆଦିଲ୍ଲୀ,୨୧।୬: ପ୍ରତିଦିନ ଲକ୍ଷ ଲକ୍ଷ ଲୋକଙ୍କୁ ସେମାନଙ୍କ ଗନ୍ତବ୍ୟ ସ୍ଥଳରେ ପହଞ୍ଚାଉଥିବା ଟ୍ରେନ, ଲୋକଙ୍କ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଅଟେ। କମ ଭଡ଼ା ହେବା ସତ୍ତ୍ୱେ ମଧ୍ୟ କିଛି ଯାତ୍ରୀ ବିନା ଟିକେଟରେ ଟ୍ରେନରେ ଯାତ୍ରା କରିବାକୁ ଲାଗନ୍ତି, କିନ୍ତୁ ଏବେ ଏଭଳି ଯାତ୍ରୀମାନଙ୍କର ନିସ୍ତାର ନାହିଁ। ଭାରତୀୟ ରେଳବାଇ ଯାତ୍ରୀମାନଙ୍କ ପାଇଁ ନିୟମକୁ ପୂର୍ବ ଅପେକ୍ଷା ଅଧିକ କଡ଼ାକଡ଼ି କରିଦେଇଛି। ଏବେ ଯଦି କୌଣସି ଯାତ୍ରୀ ବୈଧ ଟିକେଟ ବିନା ଧରାପଡ଼ନ୍ତି, ତେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଏଥିସହିତ ଜରିମାନା ମଧ୍ୟ ପୂର୍ବ ଅପେକ୍ଷା ଦୁଇଗୁଣା ଆଦାୟ କରାଯିବ। ଏହି ପରିବର୍ତ୍ତନ ପଛରେ ରେଳବାଇର ଏକମାତ୍ର ଉଦ୍ଦେଶ୍ୟ ହେଉଛି ଯେ, ଏହାଦ୍ୱାରା ଯାତ୍ରୀମାନେ ଶୃଙ୍ଖଳା ରକ୍ଷା କରିବେ ଏବଂ ବିନା ଟିକେଟ ଯାତ୍ରା ଉପରେ ମଧ୍ୟ ରୋକ ଲାଗିପାରିବ। ରେଳବାଇର ନୂଆ ନିୟମ ଅନୁଯାୟୀ, ଜନ ବିଶ୍ୱାସ ଆକ୍ଟ ୨୦୨୬ ଅଧୀନରେ ରେଳବାଇ ଆକ୍ଟ ୧୯୮୯ ର ଧାରା ୧୩୭ ଏବଂ ୧୩୮ରେ ପରିବର୍ତ୍ତନ କରାଯାଇଛି। ଏହା ଅଧୀନରେ ଏବେ ବିନା ଟିକେଟରେ କିମ୍ବା ପୂର୍ବରୁ ବ୍ୟବହାର ହୋଇସାରିଥିବା ଟିକେଟ ସହ ଯାତ୍ରା କରିବା ଅପରାଧ ବୋଲି ବିବେଚନା କରାଯିବ। ଧରାପଡ଼ିଲେ ଯାତ୍ରୀଙ୍କୁ କେବଳ ସମ୍ପୂର୍ଣ୍ଣ ଭଡ଼ା ଦେବାକୁ ପଡ଼ିବ ନାହିଁ, ବରଂ ଅଲଗା ଭାବେ ଜରିମାନା ମଧ୍ୟ ଦେବାକୁ ହେବ। ଧ୍ୟାନ ଦିଅନ୍ତୁ ଯେ, ପୂର୍ବରୁ ଜରିମାନା ୨୫୦ ଟଙ୍କା ଥିଲା, ଯାହାକୁ ଏବେ ନୂଆ ସର୍ବନିମ୍ନ ଜରିମାନା ୫୦୦ ଟଙ୍କାକୁ ବୃଦ୍ଧି କରାଯାଇଛି।

## ଯନ୍ତର ମନ୍ତରଠାରେ ଦ୍ୱିତୀୟ ଦିନ ପାଇଁ ଦୀପକେଙ୍କ ଆନ୍ଦୋଳନ ଜାରି



ନୂଆଦିଲ୍ଲୀ,୨୧।୬: ନିଟ୍ ପ୍ରଶ୍ନପତ୍ର ଲିକକୁ ନେଇ କକ୍ରୋଚ ଜନତା ପାର୍ଟି (ସିଜେପି) ପ୍ରତିଷ୍ଠାତା ଅଭିଜିତ ଦୀପକେ ଓ ତାଙ୍କ ସମର୍ଥକଙ୍କ ଧାରଣା ରବିବାର ଦ୍ୱିତୀୟ ଦିନ ପାଇଁ ଜାରି ରହିଛି । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିରେ ଦୀପକେ ଓ ତାଙ୍କ ସମର୍ଥକ ରାତି ସାରା ଧାରଣାରେ ବସି ରହିଥିଲେ । ଦୀପକେ ଲୋକମାନଙ୍କୁ ଧାରଣାରେ ଯୋଗଦେବାକୁ ଅନୁରୋଧ କରିବା ସହିତ ନିଟ୍ ପୁନଃପରୀକ୍ଷା ଦେଇଥିବା ଛାତ୍ରଛାତ୍ରୀଙ୍କୁ ପରୀକ୍ଷା ଶେଷ ହେବା ପରେ ଆନ୍ଦୋଳନରେ ଯୋଗ ଦେବାକୁ ଆହ୍ୱାନ କରିଥିଲେ। ଦୀପକେ କହିଛନ୍ତି, ଆମେ ଆନ୍ଦୋଳନ ଜାରି ରଖିଛୁ, କିନ୍ତୁ ଆପଣମାନଙ୍କ ବିନା ଯୋଗଦାନରେ ଏହା ସଫଳ ହେବନାହିଁ ବୋଲି ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଯନ୍ତରମନ୍ତରଠାରେ ରବିବାର କହିଛନ୍ତି । ଦିଲ୍ଲୀ ପୁଲିସ ଆୟୋଜକଙ୍କୁ ଶନିବାର ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଧାରଣା ପାଇଁ ଅନୁମତି ଥିବା କହି ଧାରଣାସ୍ଥଳ ଛାଡ଼ି ଦେବାକୁ କହିଥିଲା। କିନ୍ତୁ ରବିବାର ମଧ୍ୟ ଆନ୍ଦୋଳନ ଜାରି ରହିଛି। ଦୀପକେ ପୁଲିସକୁ ଆନ୍ଦୋଳନ ପାଇଁ ଅନ୍ୟ ଏକ ସ୍ଥାନ ଯୋଗାଇ ଦେବାକୁ କହିବା ସହିତ ସେ ପର୍ଯ୍ୟନ୍ତ ସେମାନେ ଯନ୍ତରମନ୍ତରଠାରେ ଆନ୍ଦୋଳନ ଜାରି ରଖିବେ ବୋଲି କହିଛନ୍ତି। ଆନ୍ଦୋଳନକାରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିରେ ସ୍ଲୋଗାନ ଦେଇଥିଲେ ଓ ପ୍ଲାକାର୍ଡ଼ ପ୍ରଦର୍ଶନ କରିଥିଲେ। ଶନିବାର ଅପରାହ୍ଣରେ ପ୍ରବଳ ପୁଲିସ ମୁତୟନ, ସିସିଟିଭି, ବ୍ୟାରିକେଡ୍ ଓ ବଡି କ୍ୟାମେରା ପିନ୍ଧିଥିବା ସୁରକ୍ଷାକର୍ମୀଙ୍କ ଉପସ୍ଥିତିରେ ପ୍ରଦର୍ଶନ ଆରମ୍ଭ ହୋଇଥିଲା। ପରିବେଶବିତ୍ ସୋନମ୍ ୱାଙ୍ଗଚୁକ କହିଛନ୍ତି, ଯଦି ଜୁନ୍ ୨୭ ତାରିଖ ସୁଦ୍ଧା ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ନ ଦିଅନ୍ତି ସେ ଅନଶନରେ ବସିବେ।

## ଲେବାନନରେ ଡ୍ରୋନ ଓ ଗୋଳା ମାଡ଼ କଲା ଆଇଡିଏଫ, ୩୨ ମୃତ

ନୂଆଦିଲ୍ଲୀ,୨୧/୬; ଆମେରିକା ଓ ଇରାନ ମଧ୍ୟରେ ଶାନ୍ତି ବୁଝାମଣା ସ୍ୱାକ୍ଷର ହେବା ପରେ ମଧ୍ୟପ୍ରାଚ୍ୟ ଶାନ୍ତ ପଡ଼ିଥିଲା। ଏହାପରେ ଇସ୍ରାଏଲ୍ ଓ ହିଜବୁଲ୍ଲା ମଧ୍ୟରେ ବି ଯୁଦ୍ଧବିରତି ହୋଇଥିଲା । ଫଳରେ ସମଗ୍ର ବିଶ୍ୱ ଆଶ୍ୱସ୍ତ ହୋଇଥିଲା। କିନ୍ତୁ ଏବେ ଲେବାନନ ଉପରେ ପ୍ରଚଣ୍ଡ ଆକ୍ରମଣ ଆରମ୍ଭ କରିଦେଇଛି ଇସ୍ରାଏଲ୍ । ଇସ୍ରାଏଲ୍ ପକ୍ଷରୁ ଦକ୍ଷିଣ ଲେବାନନରେ ଭୀଷଣ ଡ୍ରୋନ ଏବଂ ତୋପ ମାଡ଼ କରାଯିବା ଯୋଗୁ ୩୨ ଜଣଙ୍କ ମୃତ୍ୟୁ ଘଟିଛି । ଇସ୍ରାଏଲୀ ସେନା (ଆଇଡିଏଫ୍) ନବାତିୟେହ ଅଞ୍ଚଳରେ ଏହି ହମଲା କରିଛି । ହିଜବୁଲ୍ଲାକୁ ଟାର୍ଗେଟ ଆଳରେ ଏହା ଜନବସତି ଉପରେ ଜୋରଦାର ଆକ୍ରମଣ କରିଛି । ଏହାକୁ ନେଇ ପୁଣି ଚିନ୍ତା ଘାରିଛି । ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ କହିଛନ୍ତି, ଆମେ ନିଜ ସୁରକ୍ଷା ସହିତ କୌଣସି ସାଲିସ କରିବୁ ନାହିଁ । ବରଂ ଏହାକୁ ଆମେ ସର୍ବାଧିକ ପ୍ରାଥମିକତା ଦେବୁ । ଇସ୍ରାଏଲୀ ସେନା ଗାଜା ଓ ଲେବାନନ ଉପରେ ସାମରିକ ଅଭିଯାନ ଜାରି ରଖିବ ।

# ଭ୍ୟାନିଟ୍ ବ୍ୟାଗ ଛିନତାଇ ଗ୍ୟାଙ୍ଗର ୨ ସଦସ୍ୟ ଗିରଫ

## ୨୨ ମୋବାଇଲ, ୩ ବାଇକ ଜବତ

ଭୁବନେଶ୍ୱର, (ନି.ପ୍ର): ରାଜଧାନୀର ବିଭିନ୍ନ ଜନଗହଳି ପୂର୍ଣ୍ଣ ସ୍ଥାନକୁ ବାଇକରେ ବୁଲି ମହିଳାଙ୍କୁ ଟାର୍ଗେଟ କରି ସେମାନଙ୍କ ଭ୍ୟାନିଟ୍ ବ୍ୟାଗ୍ ଛିନତାଇ କରୁଥିବା ଏକ ଦୁଇଜଣିଆ ଗ୍ୟାଙ୍ଗ ସଦସ୍ୟଙ୍କୁ ଗିରଫ କରିବାରେ ସଫଳ ହୋଇଛି ନୟାପଲ୍ଲୀ ଥାନା ପୋଲିସ। ଗିରଫ ଦୁଇ ଲୁଟେରା ହେଉଛନ୍ତି, ଇମ୍‌ଫୋଭ୍ୟାଲି ତଳସାହିର ଦେବାଶିଷ ପୂଜାପଣ୍ଡା (୨୫) ଓ ଖଣ୍ଡଗିରିବାରି ଅଞ୍ଚଳର ରୁଦ୍ର ପ୍ରଧାନ (୨୬)। ଗିରଫ ଅଭିଯୁକ୍ତମାନଙ୍କ ପାଖରୁ ପୋଲିସ ୨୨ଟି ମୋବାଇଲ ଓ ୩ଟି ବାଇକକୁ ଜବତ କରିଛି। ସୂଚନାଯୋଗ୍ୟ ଯେ, ଶନିବାର ରିଖ ପୂର୍ବାହ୍ନ ପ୍ରାୟ ୧୧ଟା୩୦ ରୁ ୧୨ଟା ମଧ୍ୟରେ ଅଭିଯୋଗକାରିଣୀ ନିଜ ସ୍କୁଟିରେ ଡେଲ୍ଟା ଛକରୁ ଷ୍ଟୁଆର୍ଟ ଛକ ଅଭିମୁଖେ ଯାଉଥିବା ବେଳେ ଏକ ମୋଟରସାଇକେଲରେ ଆସିଥିବା ଦୁଇ ଜଣ ଅଜଣା ବ୍ୟକ୍ତି ତାଙ୍କ ଭ୍ୟାନିଟି ବ୍ୟାଗ୍ ଛଡ଼ାଇ ନେଇ ପଳାଇ ଯାଇଥିଲେ। ଉକ୍ତ ବ୍ୟାଗରେ ଦୁଇଟି ମୋବାଇଲ ଫୋନ, ନଗଦ ୧୭ ହଜାର ୮ଶହ ଟଙ୍କା ଏବଂ ଅନ୍ୟାନ୍ୟ ବ୍ୟକ୍ତିଗତ ସାମଗ୍ରୀ ଥିଲା। ଅଭିଯୋଗକାରିଣୀ ସେମାନଙ୍କୁ ପିଛା କରିଥିଲେ ମଧ୍ୟ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ତଦନ୍ତ ସମୟରେ ସିସିଟିଭି ଫୁଟେଜ୍ ଯାଞ୍ଚ ଏବଂ ବିଭିନ୍ନ ସୂଚନା ସଂଗ୍ରହରୁ ଜଣାପଡ଼ିଥିଲା ଯେ, ଭୁବନେଶ୍ୱର ସହରର ବିଭିନ୍ନ ସ୍ଥାନରେ ଭ୍ୟାନିଟି ବ୍ୟାଗ୍ ଛଡ଼ାଇବା ଘଟଣାରେ ସମ୍ପୃକ୍ତ ଏକ ସଂଗଠିତ ଗ୍ୟାଙ୍ଗ କାର୍ଯ୍ୟ କରୁଛି। ଆଜି ନିର୍ଭରଯୋଗ୍ୟ ସୂଚନା ଆଧାରରେ ଷ୍ଟୁଆର୍ଟ ଛକ ନିକଟରୁ ହୋଣ୍ଡା ୟୁନିକର୍ଣ୍ଣ ମୋଟରସାଇକେଲ ଯୋଗେ ଯାଉଥିବା ବେଳେ ଅଭିଯୁକ୍ତ ଦେବାଶିଷ ପୂଜାପଣ୍ଡା ଏବଂ ରୁଦ୍ର ପ୍ରଧାନଙ୍କୁ କାବୁ କରାଯାଇଥିଲା। ପଚରାଉଚରା ବେଳେ ସେମାନେ ଉକ୍ତ ଘଟଣା ସହିତ ସହରର ଅନ୍ୟାନ୍ୟ ଭ୍ୟାନିଟି ଛଡ଼ାଇ ଘଟଣାରେ ସେମାନଙ୍କ ସମ୍ପୃକ୍ତି ସ୍ୱୀକାର କରିଥିଲେ। ସେମାନେ ସାଗର ନାୟକ ଉର୍ଫ ନେପୁ ଏବଂ ଶୁଭ ନାମକ ଅନ୍ୟ ସହଯୋଗୀମାନଙ୍କ ସହ ମିଶି ଚୋରି ମୋଟରସାଇକେଲ ଏବଂ ନକଲି ନମ୍ବର ପ୍ଲେଟ ବ୍ୟବହାର କରି ଏପରି ଅପରାଧ କରୁଥିବା ଜଣାପଡ଼ିଥିଲା। ଅଭିଯୁକ୍ତମାନଙ୍କ ସୂଚନା ଆଧାରରେ ଅଭିଯୋଗକାରିଣୀଙ୍କ ଚୋରି ହୋଇଥିବା ମୋବାଇଲ ଫୋନ ସହ ଅନ୍ୟାନ୍ୟ ଚୋରି ସାମଗ୍ରୀ ଉଦ୍ଧାର କରାଯାଇଥିଲା। ଘଟଣାରେ ବ୍ୟବହୃତ ଏକ ସ୍କୁଟି ସମେତ ତିନୋଟି ଗାଡ଼ି ମଧ୍ୟ ଜବତ କରାଯାଇଥିଲା। ତଦନ୍ତରୁ ଅଧିକ ଜଣାପଡ଼ିଥିଲା ଯେ, ଉଭୟ ଅଭିଯୁକ୍ତ ଅଭ୍ୟାସଗତ ଅପରାଧୀ ଏବଂ କମିଶନରେଟ ପୁଲିସ ଅଞ୍ଚଳର ବିଭିନ୍ନ ଛଡ଼ାଇ ମାମଲାରେ ସମ୍ପୃକ୍ତ ଏକ ସଂଗଠିତ ଅପରାଧୀ ଗୋଷ୍ଠୀର ସଦସ୍ୟ। ଅଭିଯୁକ୍ତ ରୁଦ୍ର ପ୍ରଧାନଙ୍କ ନାମରେ ଲୁଟ୍, ଚୋରି, ଅସ୍ତ୍ର ଆଇନ ଏବଂ ଛଡ଼ାଇ ସମ୍ବନ୍ଧୀୟ ୧୨ଟି ପୂର୍ବ ମାମଲା ଥିବା ବେଳେ, ଅଭିଯୁକ୍ତ ଦେବାଶିଷ ପୂଜାପଣ୍ଡାଙ୍କ ନାମରେ ଲୁଟ୍, ଚୋରି, ଚୋରି ସମ୍ପତ୍ତି ଗ୍ରହଣ, ଜାଲିଆତି ଏବଂ ଛଡ଼ାଇ ସମ୍ବନ୍ଧୀୟ ୧୩ଟି ପୂର୍ବ ମାମଲା ଥିବା ଜଣାପଡ଼ିଛି।

# କଲୋନୀ ପୂର୍ବତନ ସଭାପତିଙ୍କୁ ହତ୍ୟା, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ନି.ପ୍ର): ମଞ୍ଚେଶ୍ୱର ଥାନା ଅଧୀନ ଗଡକଣ ଅଞ୍ଚଳର ଓମ୍ ସାଇ ବିହାର କଲୋନୀରେ ଘଟିଥିବା ଚାଞ୍ଚଲ୍ୟକର ହତ୍ୟାକାଣ୍ଡର ରହସ୍ୟ ଉଦଘାଟନ କରିଛି ପୋଲିସ। ଏହି ଘଟଣାରେ କଲୋନୀର ପୂର୍ବତନ ସଭାପତି ସୁଶିଲ କୁମାର ସିଂହ (୫୪)ଙ୍କୁ ହତ୍ୟା କରାଯାଇଥିବା ବେଳେ ଅଭିଯୁକ୍ତ ନୀଳକଣ୍ଠ ମହାନ୍ତି ଓରଫ ମୁନ୍ନାଙ୍କୁ ପୋଲିସ ଗିରଫ କରି ଆଜି ଅଦାଲତକୁ ଚାଲାଣ କରିଛି। ମୃତକଙ୍କ ପତ୍ନୀଙ୍କ ଅଭିଯୋଗ ଅନୁସାରେ, ଗତ ୨୦ ଜୁନ ସକାଳ ପ୍ରାୟ ୧୧ଟା ସମୟରେ ସୁଶିଲ କୁମାର ସିଂହ ନିଜ ହିରୋ ସୁପର ସ୍ପ୍ଲେଣ୍ଡର ମୋଟର ସାଇକେଲରେ ବଜାରରୁ ଘରକୁ ଫେରୁଥିଲେ। କମ୍ୟୁନିଟି ହଲ ଛକ ନିକଟରେ ନୀଳକଣ୍ଠ ମହାନ୍ତି ତାଙ୍କ ଉପରେ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଏଥିରେ ସୁଶିଲଙ୍କ ଛାତି, ପେଟ ଓ ବେକରେ ଗୁରୁତର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ତୁରନ୍ତ କିମ୍ସ ହସ୍ପିଟାଲକୁ ନେଇଥିଲେ ମଧ୍ୟ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ତଦନ୍ତରୁ ଜଣାପଡ଼ିଛି ଯେ, ମୃତକ ସୁଶିଲ କୁମାର ସିଂହ ଅଭିଯୁକ୍ତ ନୀଳକଣ୍ଠ ମହାନ୍ତି ଓ ତାଙ୍କ ପତ୍ନୀ ରଶ୍ମିତା ମହାନ୍ତିଙ୍କ ବୈବାହିକ ଜୀବନରେ ବାରମ୍ବାର ହସ୍ତକ୍ଷେପ କରୁଥିଲେ। ତଦନ୍ତ ବେଳେ ଏହା ମଧ୍ୟ ସାମ୍ନାକୁ ଆସିଛି ଯେ ସୁଶିଲ ଓ ରଶ୍ମିତାଙ୍କ ମଧ୍ୟରେ ଅନୈତିକ ସମ୍ପର୍କ ଥିବା ନେଇ ଅଭିଯୁକ୍ତଙ୍କ ସନ୍ଦେହ ଥିଲା, ଯାହା ଉଭୟଙ୍କ ମଧ୍ୟରେ ବିବାଦର ମୁଖ୍ୟ କାରଣ ହୋଇଥିଲା। ପୂର୍ବରୁ ରଶ୍ମିତା ମହାନ୍ତିଙ୍କ ଅଭିଯୋଗ ଆଧାରରେ ରୁଜୁ ହୋଇଥିବା ଏକ ହତ୍ୟା ଉଦ୍ୟମ ମାମଲାରେ ନୀଳକଣ୍ଠ ଗିରଫ ହୋଇ ଜେଲ ଯାଇଥିଲେ। ଅଭିଯୁକ୍ତଙ୍କ ବିଶ୍ୱାସ ଥିଲା ଯେ ସେହି ମାମଲା ପଛରେ ସୁଶିଲ କୁମାର ସିଂହଙ୍କ ପ୍ରଭାବ ରହିଥିଲା। ଏହାକୁ ନେଇ ସେ ସୁଶିଲଙ୍କ ପ୍ରତି ଗଭୀର ଆକ୍ରୋଶ ଓ ପ୍ରତିଶୋଧ ଭାବନା ପୋଷଣ କରୁଥିଲେ। ତଦନ୍ତରୁ ଆହୁରି ଜଣାପଡ଼ିଛି ଯେ, ବିଭିନ୍ନ ବ୍ୟକ୍ତିଗତ କାରଣକୁ ନେଇ ଉଭୟଙ୍କ ମଧ୍ୟରେ ଦୀର୍ଘ ଦିନ ଧରି ବିବାଦ ଲାଗି ରହିଥିଲା। ଏହି ଶତ୍ରୁତାରୁ ପ୍ରେରିତ ହୋଇ ନୀଳକଣ୍ଠ ସୁଶିଲଙ୍କୁ ହତ୍ୟା କରିବାକୁ ଯୋଜନା ପ୍ରସ୍ତୁତ କରିଥିଲେ ଏବଂ ସେଥିପାଇଁ ଏକ ଛୁରୀ ସଂଗ୍ରହ କରିଥିଲେ।

# ଦଦା ଉପରକୁ ଗରମ ତେଲ ଢାଳିବା ଘଟଣା: ଅଭିଯୁକ୍ତ ପୁତୁରା ଗିରଫ

କାକଟପୁର(ନିପ୍ର): କୁଣ୍ଢେଇ ହାଟରେ ଥିବା ଏକ ଟିଫିନ ଦୋକାନ ଭିତରେ ଦାଦା ଉପରକୁ ଗରମ ତେଲ ଢାଳିବା ଭଳି ଏକ ଅମାନୁଷିକ ଘଟଣାର ମୁଖ୍ୟ ଅଭିଯୁକ୍ତ ପୁତୁରାକୁ କାକଟପୁର ପୋଲିସ ଗିରଫ କରିବାରେ ସଫଳ ହୋଇଛି। ଗିରଫ ଅଭିଯୁକ୍ତ ଜଣକ ହେଲେ କାକଟପୁର ଥାନା ଅଁଳାପାଟଣା (କୁଣ୍ଢେଇ) ଗ୍ରାମର ସର୍ବେଶ୍ୱର ସାହୁଙ୍କ ପୁଅ ସୂର୍ଯ୍ୟକାନ୍ତ ସାହୁ (୩୮)। ପୁଲିସ ଆଜି ସକାଳ ଭୋର ସମୟରେ ନୟାହାଟ ଅଞ୍ଚଳରୁ ତାକୁ କାବୁ କରିବା ପରେ କୋର୍ଟ ଚାଲାଣ କରିଛି ଏବଂ ଜାମିନ ନାମଞ୍ଜୁର ହେବାରୁ ତାକୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଘଟଣାରୁ ପ୍ରକାଶ ଯେ, ଗତ ୧୯.୦୬.୨୦୨୬ ତାରିଖ ସନ୍ଧ୍ୟା ପ୍ରାୟ ୭ଟା ସମୟରେ ଅଁଳାପାଟଣା ଗ୍ରାମର କୀର୍ତ୍ତିଚନ୍ଦ୍ର ସାହୁ ଓରଫ ବୁଲା (୫୬) ନିଜ ଟିଫିନ ଦୋକାନରେ ଥିଲେ। ଏହି ସମୟରେ ଗ୍ରାମର ସୂର୍ଯ୍ୟକାନ୍ତ ସାହୁ, ସନାତନ ସାହୁ ଏବଂ ରାଜକିଶୋର ସାହୁ ମିଶି ଦୋକାନକୁ ଆସି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏତିକିରେ ରାଗ ଶାନ୍ତ ନହେବାରୁ ମୁଖ୍ୟ ଅଭିଯୁକ୍ତ ସୂର୍ଯ୍ୟକାନ୍ତ ସେଠାରେ ଥିବା ଗରମ ତେଲକୁ ଦାଦା କୀର୍ତ୍ତିଚନ୍ଦ୍ରଙ୍କ ଉପରକୁ ଫିଙ୍ଗି ଦେଇଥିଲା। ଗରମ ତେଲ ପଡ଼ିବାରୁ କୀର୍ତ୍ତିଚନ୍ଦ୍ର ଗୁରୁତର ଭାବେ ପୋଡ଼ି ହୋଇଯାଇଥିଲେ। ବର୍ତ୍ତମାନ ସେ ଭୁବନେଶ୍ୱର ସ୍ଥିତ ହାଇଟେକ୍ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଏହି ସମ୍ପର୍କରେ କୀର୍ତ୍ତିଚନ୍ଦ୍ରଙ୍କ ୨୧ ବର୍ଷୀୟ ପୁଅ ସୌମେନ୍ଦ୍ର ସାହୁ କାକଟପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୁଲିସ କାକଟପୁର ଥାନା କେସ୍ ନମ୍ବର ୨୨୫/୨୦୨୬, ଭାରତୀୟ ନ୍ୟାୟ ସଂହିତାର ଧାରା ୨୯, ୩୫୧(୩), ୧୧୫(୨), ୧୦୯ ଏବଂ ୩(୫) ଅନୁଯାୟୀ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଆଜି ମୁଖ୍ୟ ଅଭିଯୁକ୍ତକୁ ଗିରଫ କରାଯାଇ ବିଚାର ବିଭାଗୀୟ ହାଜତକୁ ପଠାଯାଇଥିବା ବେଳେ ଘଟଣାରେ ସଂପୃକ୍ତ ଅନ୍ୟମାନଙ୍କ ସମ୍ପର୍କରେ ପୁଲିସ ଅଧିକ ତଦନ୍ତ କରୁଛି।

# ବିରୁପାରେ ଯୁବକ ନିଖୋଜ

କଟକ,(ନିପ୍ର) : ଜଗତପୁର ବ୍ୟାରେଜ ନିକଟ ବିରୂପା ନଦୀରେ ବୁଡି ଜଣେ ଯୁବକ ନିଖୋଜ ହୋଇଛନ୍ତି। ନିଖୋଜ ଯୁବକ ଜଣକ କୋରାପୁଟର ଜ୍ୟୋତିଷ କେରକେଟା (୨୯)। ମିଳିଥିବା ସୂଚନା ଅନୁଯାୟୀ କୋରାପୁଟର ଜ୍ୟୋତିଷ କେରକେଟା ସ୍ଥାନୀୟ ଏଲ ଆଣ୍ଡ ଟି କମ୍ପାନୀରେ କାର୍ଯ୍ୟରତ ଓ ତା'ର ସହଯୋଗୀମାନଙ୍କ ସହ ଅନ୍ଦାରୀରେ ରହୁଥିଲେ । ଆଜି ରବିବାର ଛୁଟି ଥିବାରୁ ସେ ତାଙ୍କ ସହଯୋଗୀ ୪ ଜଣଙ୍କ ସହ ଅପରାହ୍ନ ୫ଟା ବେଳେ ବିରୁପାକୁ ଗାଧୋଇବାକୁ ଆସିଥିଲେ । ଗାଧୋଇବା ସମୟରେ ଗୋଡ଼ ଖସିଯିବାରୁ ସ୍ରୋତରେ ଭାସି ଯାଇଥିଲେ । ସହଯୋଗୀମାନେ ଉଦ୍ଧାର କରିବାକୁ ଚେଷ୍ଟା କରି ମଧ୍ୟ ବିଫଳ ହୋଇଥିଲେ । ଖବର ପାଇ ଚୌଦ୍ୱାର ଅଗ୍ନିଶମ ବାହିନୀ ଉଦ୍ଧାର କାର୍ଯ୍ୟରେ ଲାଗିଥିଲେ ।ମାତ୍ର ସନ୍ଧ୍ୟା ହୋଇଯିବାରୁ ଉଦ୍ଧାର କାର୍ଯ୍ୟ ବନ୍ଦ ରହିଛି । ଆସନ୍ତା କାଲି ସକାଳେ ପୁନର୍ବାର ଉଦ୍ଧାର କାର୍ଯ୍ୟ ଚାଲିବ ବୋଲି ଜଣାପଡିଛି ।

## ଯୁବକଙ୍କ କ୍ଷତାକ୍ତ ମୃତଦେହ ଉଦ୍ଧାର ମାମଲା

# ଗିରଫଦାରି ସଂଖ୍ୟା ୩କୁ ବୃଦ୍ଧି

ଭୁବନେଶ୍ୱର,(ନି.ପ୍ର): ପାହଲ ଥାନା ଅନ୍ତର୍ଗତ ସିନର୍ଜି କଲେଜ କଲଭର୍ଟ ନିକଟରୁ ଜଣେ ଯୁବକଙ୍କ କ୍ଷତାକ୍ତ ମୃତଦେହକୁ ଗତ ୧୭ ତାରିଖ ସକାଳେ ପୋଲିସ ଜବତ କରିଥିଲା। ମୃତ ଯୁବକ ଜଣଙ୍କ ହେଉଛନ୍ତି, ସ୍ଥାନୀୟ ଅନନ୍ତପୁର ଗାଁର ପ୍ରଭାତ କୁମାର ବେହେରା ଓରଫ ଜଗା ବୋଲି ଜଣାପଡିଥିଲା। ୧୬ ତାରିଖ ରାତିରେ କେହି ଜଣେ ଦୁର୍ବୃତ୍ତ ଜଗାକୁ ଘରୁ ଡାକି ନେଇ ବିଭତ୍ସ ଭାବେ ହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଥିଲା। ଏହି ମାମଲାର ତଦନ୍ତ କରି ପୋଲିସ ଘଟଣାର ୩ ଦିନ ପରେ ହତ୍ୟାକାଣ୍ଡରେ ସମ୍ପୃକ୍ତ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା। ଏନେଇ ଭୁବନେଶ୍ୱର ଡିସିପି ଜଗମୋହନ ମୀନା ଶନିବାର ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଏହି ଘଟଣାରେ ରବିବାର ପୋଲିସ ଫେରାର ଥିବା ଅନ୍ୟତମ ଅଭିଯୁକ୍ତ ଫୁଲନଖରା ଅଞ୍ଚଳର ବିଶ୍ୱରଞ୍ଜନ ସାହୁ ଓରଫ ରାଜା (୨୧)ଙ୍କୁ ଗିରଫ କରିବାରେ ସଫଳ ହୋଇଛି। ତେବେ ଏବେ ବି ଏହି ମାମଲାରେ ଆହୁରି ୨ ଜଣ ଫେରାର ଥିବା ଜଣାପଡିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ହତ୍ୟା କରାଯାଇଥିବା ଜଣାପଡିଛି।

# ପିପିଲିରୁ ଯୁବତୀ ଉଦ୍ଧାର: ଅପହରଣ ଅଭିଯୋଗକୁ ଖଣ୍ଡନ




କାକଟପୁର, (ନିପ୍ର): କାକଟପୁର ଥାନା ଅନ୍ତର୍ଗତ କଣିହା ଗ୍ରାମରୁ ଜଣେ ୨୨ ବର୍ଷୀୟା ଯୁବତୀଙ୍କୁ ବନ୍ଧୁକ ଓ ଛୁରୀ ଦେଖାଇ ଜବରଦସ୍ତ ଅପହରଣ କରାଯାଇଥିବା ନେଇ ହୋଇଥିବା ଅଭିଯୋଗ ଉପରୁ ପରଦା ହଟିଛି । ଏ ସଂକ୍ରାନ୍ତରେ କାକଟପୁର ପୋଲିସ ତତ୍ପରତା ପ୍ରକାଶ କରି ଯୁବତୀଙ୍କୁ ଉଦ୍ଧାର କରିବା ସହ ଘଟଣାର ସତ୍ୟାସତ୍ୟ ସାମ୍ନାକୁ ଆଣିଛି । ତେବେ ଏହା କୌଣସି ଅପହରଣ ନୁହେଁ, ବରଂ ଯୁବତୀଜଣକ ନିଜ ଇଚ୍ଛାରେ ବିବାହ କରି ରହୁଥିବା ପୋଲିସ ଆଗରେ ବୟାନ ଦେଇଛନ୍ତି । ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, କାକଟପୁର ଥାନା ଅଧିନସ୍ଥ କଣିହାଁ ଗ୍ରାମର କପିଳ ନାୟକଙ୍କ ଝିଅ ରଶ୍ମିତା ନାୟକ (୨୨) ପିପିଲି ସ୍ଥିତ ଏକ ମଲ୍‌ରେ କାମ କରୁଥିଲେ । ଗତ ଜାନୁଆରୀ ୬ ତାରିଖରେ ସେ ପିପିଲି ଥାନା ନରସିଂହପୁର ଗ୍ରାମର କୋହିନୁର ଖାନ୍ ଓରଫ ନୁରସତ ଶାହ (୨୬)ଙ୍କ ସହ ଘରୁ ଚାଲିଯାଇ ଏକତ୍ର ରହୁଥିଲେ । ଗତ ୧୬ ମାର୍ଚ୍ଚରେ ଭୁବନେଶ୍ୱରଠାରେ ରଶ୍ମିତାଙ୍କ ଭାଇଙ୍କ ସହ ତାଙ୍କର ଦେଖା ହେବା ପରେ, ସେ ଭାଇଙ୍କ ସହ ନିଜ ଗାଁ କଣିହାଁକୁ ଆସିଥିଲେ । ଗତ ୧୮ ତାରିଖରେ ଯୁବତୀଙ୍କ ମା' ସ୍ୱର୍ଣ୍ଣ ନାୟକ କାକଟପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ ଯେ, ୧୭ ତାରିଖ ମଧ୍ୟରାତ୍ରିରେ କୋହିନୁର ଖାନ୍ ଅନ୍ୟ ୧୦ ଜଣ ଯୁବକଙ୍କ ସହ ମାରଣାସ୍ତ୍ର (ଛୁରୀ ଓ ବନ୍ଧୁକ) ଧରି ତାଙ୍କ ଘରେ ପଶିଥିଲେ । ସେମାନେ ଜୀବନରୁ ମାରିଦେବାର ଧମକ ଦେଇ ରଶ୍ମିତାଙ୍କୁ ଜବରଦସ୍ତ ଅପହରଣ କରି ନେଇଯାଇଛନ୍ତି । ଏହି ଅଭିଯୋଗକୁ ଆଧାର କରି କାକଟପୁର ପୋଲିସ କେସ୍ ନଂ-୨୨୦/୨୦୨୬, ବିଏନଏସର ବିଭିନ୍ନ ସଂଗୀନ ଦଫା ଏବଂ ଆର୍ମସ ଆକ୍ଟ ବଳରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା ମାମଲାର ଗୁରୁତ୍ୱକୁ ଦୃଷ୍ଟିରେ ରଖି କାକଟପୁର ଥାନା ଆଇଆଇସି ବସନ୍ତ କୁମାର ସାହୁଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା । ଗତ ୨୦.୦୬.୨୦୨୬ ରିଖରେ ପୋଲିସ ପିପିଲି ଅଞ୍ଚଳରୁ ସମ୍ପୃକ୍ତ ଯୁବତୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲା । ଉଦ୍ଧାର ପରେ ଯୁବତୀଙ୍କର ଅଡିଓ-ଭିଡିଓଗ୍ରାଫି ମାଧ୍ୟମରେ ବୟାନ ରେକର୍ଡ କରାଯାଇଛି । ସେଥିରେ ସେ ସ୍ପଷ୍ଟ କରିଛନ୍ତି ଯେ, ତାଙ୍କୁ କେହି ଅପହରଣ କରିନାହାନ୍ତି।

# କୋରୋ ଶ୍ମଶାନ ନିକଟରୁ ବେଧଡକ ମାଟି ଚାଲାଣ

କେନ୍ଦ୍ରାପଡ଼ା,(ନିପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କୋର ପଞ୍ଚାୟତର କୋର ମିର୍ଜାପୁର ଶ୍ମଶାନ ନିକଟରୁ ବେଧଡକ ଭାବରେ ମାଟି ଉଠାଇ ଚାଲାଣ କରାଯାଉଛି। ଏ ବିଷୟରେ ସ୍ଥାନୀୟ ଲୋକ କୋର ଆର୍.ଆଇ, କେନ୍ଦ୍ରାପଡା ତହସିଲ୍‌ଦାର ଓ ଜିଲ୍ଲା ଖଣି ଅଧିକାରୀଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନହେବାରୁ ସ୍ଥାନୀୟ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଗତ କିଛି ଦିନ ହେଲା ଏହି ଅଞ୍ଚଳରୁ ସ୍ଥାନୀୟ କେତେକ ବ୍ୟକ୍ତି ଟ୍ରାକ୍ଟର ଯୋଗେ ମାଟି ଉଠାଇ ବିକ୍ରି କରୁଥିବା ସହିତ ନିଜ ଜାଗାରେ ମାଟି ପକାଉଛନ୍ତି। ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଲୋକ ଦାବି କରିଛନ୍ତି।

# ସାମାନ୍ୟ କଥାରୁ ଦମ୍ପତିଙ୍କୁ ହାଣିଦେଲେ ଦୁର୍ବୃତ୍ତ, ଡାକ୍ତରଖାନାରେ ସ୍ୱାମୀଙ୍କ ମୃତ୍ୟୁ

ବୈଶିଙ୍ଗା,(ନିପ୍ର): ସକାଳୁ ସକାଳୁ ମୟୂରଭଞ୍ଜ-ବାଲେଶ୍ୱର ସୀମାବର୍ତ୍ତୀ ଅଞ୍ଚଳରେ ଘଟିଯାଇଛି ଅଘଟଣ । ଭାଇ ଭାଇ ଝଗଡ଼ାର କରୁଣ ପରିଣତି । ସାମାନ୍ୟ ବଚସାରୁ ବଡ଼ଭାଇ ଗୁଣ୍ଡା ଡକେଇ ସାନଭାଇର ପରିବାରକୁ ମରଣାନ୍ତକ ଆକ୍ରମଣ କଲେ ଦୁର୍ବୃତ୍ତ । ଦୁର୍ବୃତ୍ତଙ୍କ କଟୁରୀ ଚୋଟରେ ବାଲେଶ୍ୱର ସଦର ଥାନା ଅଧୀନ ଶଙ୍କରପୁର ଗ୍ରାମର ହରିମୋହନ ମହାନ୍ତି ଗୁରୁତର ହୋଇଥିବାବେଳେ ହରିମୋହନଙ୍କ ସ୍ତ୍ରୀ ଓ ପୁଅ ଆହତ ହୋଇ ଅଳ୍ପକେ ବର୍ତ୍ତି ଯାଇଛନ୍ତି ।

# ଜାତୀୟ ରାଜପଥ ୫୫ରେ ଓଲଟିଲା ବାଇଗଣ ବୋଝେଇ ପିକ୍‌ଅପ ଭ୍ୟାନ



ଚୌଦ୍ୱାର:,(ନିପ୍ର): ଆଜି ସକାଳୁ ଜାତୀୟ ରାଜପଥ ୫୫ ର ଡିହ ସାହି ଗଡାରେ ଭାରସ୍ୟାମ ହରାଇ ଓଲଟିଲା ପିକ୍‌ଅପଭ୍ୟାନ। ଢେଙ୍କାନାଳ ପଟୁ ଚୌଦ୍ୱାର ଅଭିମୁଖେ ଆସୁଥିବା ଏକ ବାଇଗଣ ବୋଝେଇ ପିକ୍‌ଅପଭ୍ୟାନ ଡିହ ସାହି ଗଡାରେ ନିକଟରେ ବହୁଦିନ ଧରି ଜାତୀୟ ରାଜପଥ ପକ୍ଷରୁ ଖୋଳା ଯାଇଥିବା ଗାଡ଼ ନିକଟରେ ଭାରସ୍ୟାମ ହରାଇ ରାସ୍ତା କଡ଼କୁ ଓଲଟି ପଡ଼ିଥିଲା । ଖବର ପାଇ ଚୌଦ୍ୱାର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଥିଲା । ଏହି ଦୁର୍ଘଟଣା ରେ କେହି ମୃତାହତ ହୋଇ ନଥିବାର ସୂଚନା ମିଳିଛି । ଜାତୀୟ ରାଜପଥ ପକ୍ଷରୁ ବହୁଦିନ ହେବ ଏହି ଗାଡ଼ ଖୋଲାଯାଇ ଏହାର କାର୍ଯ୍ୟ ସାରିବାରେ ବିଳମ୍ବ ଯୋଗୁଁ ଏହି ଭଳି ଦୁର୍ଘଟଣା ନିର୍ଦ୍ଧିଷ୍ଟ ଏହି ସ୍ଥାନରେ ଘଟୁଛି । ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏହା ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଅଞ୍ଚଳରେ ଦାବି ହେଉଛି।

## ଆର୍ଥିକ କାରବାରକୁ ନେଇ ମରଣାନ୍ତକ ଆକ୍ରମଣ

# ଦୁଇ ଆକ୍ରମଣକାରୀ ବନ୍ଧାହେଲେ

ଭୁବନେଶ୍ୱର,(ନି.ପ୍ର): ଆର୍ଥିକ କାରବାରକୁ ନେଇ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଏୟାରପୋର୍ଟ ଥାନା ପୋଲିସ ରବିବାର ଦୁଇଜଣ ଆକ୍ରମଣକାରୀ ଯୁବକଙ୍କୁ ଗିରଫ କରିଛି। ଗିରଫ ଦୁଇ ଯୁବକ ହେଉଛନ୍ତି, ଖଣ୍ଡଗିରି ପାତ୍ରପଡାର ଅଭିଜିତ ସାମନ୍ତରାୟ (୨୩) ଓ କଟକ ନିଆଳିର ଅଜୟ ବାରିକ (୨୦)। ଏନେଇ ଦୀପକ ସାହୁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ,ଶନିବାର ସନ୍ଧ୍ୟା ପ୍ରାୟ ୮ଟା୨୦ ସମୟରେ ଅଭିଯୋଗକାରୀ ପୋଖରୀପୁଟ ସ୍ଥିତ ଆକ୍ସିସ୍ ବ୍ୟାଙ୍କ ସମ୍ମୁଖରେ ଥିବା ଏକ ଫୁଡ୍ କୋର୍ଟରେ ଜଳଖିଆ ଖାଉଥିବା ବେଳେ ଏକ କଳା ରଙ୍ଗର କାରରେ ପାଞ୍ଚ ଜଣ ବ୍ୟକ୍ତି ସେଠାରେ ପହଞ୍ଚିଥିଲେ। ସେମାନେ ଅଭିଯୋଗକାରୀଙ୍କୁ ମାଡ଼ ମାରିବା ସହ ଜବରଦସ୍ତି କାର ଭିତରକୁ ଉଠାଇ ନେଇଥିଲେ। ପରେ ତାଙ୍କୁ ହତ୍ୟା କରିବାକୁ ଧମକ ଦେଇ ଭୟଭୀତ କରିଥିଲେ ଏବଂ ଘଟଣା ସମ୍ପର୍କରେ ପୋଲିସକୁ ନ ଜଣାଇବାକୁ ଚେତାବନୀ ଦେଇ ଛାଡ଼ି ଦେଇଥିଲେ। ଏହି ସମୟରେ ତାଙ୍କର ସୁନା ଚେନ୍ ମଧ୍ୟ ଛଡ଼ାଇ ନେଇଥିବା ଅଭିଯୋଗ ହୋଇଥିଲା। ତଦନ୍ତରୁ ଜଣାପଡ଼ିଥିଲା ଯେ, ଏହି ଘଟଣାଟି ଅଭିଯୋଗକାରୀ ଏବଂ କନ୍‌ହା ନାମକ ଜଣେ ବ୍ୟକ୍ତିଙ୍କ ମଧ୍ୟରେ ଥିବା ପୂର୍ବ ଆର୍ଥିକ ବିବାଦକୁ କେନ୍ଦ୍ର କରି ଘଟିଥିଲା। ଆଜି ନିର୍ଭରଯୋଗ୍ୟ ସୂଚନା ଆଧାରରେ ଜାଗମରା ଛକ ଅଞ୍ଚଳରୁ ଅଭିଯୁକ୍ତ ଅଭିଜିତ ସାମନ୍ତରାୟ ଏବଂ ଅଜୟ ବାରିକଙ୍କୁ କାବୁ କରାଯାଇଥିଲା। ତଲାସି ବେଳେ ଅଭିଯୁକ୍ତ ଅଜୟ ବାରିକଙ୍କ ହେପାଜତରୁ ଏକ ଖଣ୍ଡା ଏବଂ ଅଭିଯୁକ୍ତ ଅଭିଜିତ ସାମନ୍ତରାୟଙ୍କ ହେପାଜତରୁ ଏକ ଗୁଳି ଜବତ କରାଯାଇଥିଲା। ଅଭିଯୁକ୍ତମାନଙ୍କ ବିରୋଧରେ ଅପରାଧ ସ୍ପଷ୍ଟ ହେବାରୁ ସେମାନଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

# ନକଲି ସାର୍ଟିଫିକେଟ ଦେଇ ଚାକିରି, ଜଣେ ଗିରଫ

ଭୁବନେଶ୍ୱର, (ନି.ପ୍ର): ନକଲି ସାର୍ଟିଫିକେଟ ଦେଇ ଗୃହ ବିଭାଗରେ ଚାକିରୀ କରିବା ଜଣେ ଜୁନିୟର ଏକଜିକ୍ୟୁଟିଭ ଆସିଷ୍ଟାଣ୍ଟଙ୍କୁ ମହଙ୍ଗା ପଡିଛି। ଏହା ଜଣାପଡିବା ପରେ ବିଭାଗ ପକ୍ଷରୁ ଥାନାରେ ଏତଲା ଦିଆଯାଇଥିଲା। ପରେ ପୋଲିସ ତାକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ପୁରୀର ଶିବପ୍ରସାଦ ରଥ। କ୍ୟାପିଟାଲ ଥାନା ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ଏନେଇ ଗୃହ ବିଭାଗର ଉପସଚିବ ପ୍ରଦୀପ କୁମାର ବେହେରା କ୍ୟାପିଟାଲ ଥାନାରେ ଏତଲା ଦେଇଥିଲେ। ସୂଚନାଯୋଗ୍ୟ ଯେ, ଅଭିଯୁକ୍ତ ଶିବ ପ୍ରସାଦ ରଥ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନଙ୍କ ସୁପାରିଶ କ୍ରମେ ଗୃହ ବିଭାଗରେ ଜୁନିୟର ଏକ୍ଜିକ୍ୟୁଟିଭ ଆସିଷ୍ଟାଣ୍ଟ ପଦବୀ ପାଇଁ ଅସ୍ଥାୟୀ ଭାବେ ଚୟନ ହୋଇଥିଲେ। ଦଲିଲପତ୍ର ଯାଞ୍ଚ ସମୟରେ ସେ ଉତ୍ତର ପ୍ରଦେଶସ୍ଥିତ ମୋନାଡ୍ ୟୁନିଭର୍ସିଟି ଦ୍ୱାରା ପ୍ରଦତ୍ତ ବୋଲି ଦର୍ଶାଯାଇଥିବା ଶିକ୍ଷାଗତ ପ୍ରମାଣପତ୍ର ଦାଖଲ କରିଥିଲେ। ପରବର୍ତ୍ତୀ ଯାଞ୍ଚରେ ଉତ୍ତର ପ୍ରଦେଶର ହାପୁର ପୁଲିସ ଏବଂ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ଜଣାପଡ଼ିଥିଲା ଯେ, ଅଭିଯୁକ୍ତ କେବେ ମଧ୍ୟ ଉକ୍ତ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରିନଥିଲେ ଏବଂ ସେ ଦାଖଲ କରିଥିବା ପ୍ରମାଣପତ୍ରଗୁଡ଼ିକ ଜାଲିଆତି ଓ ଠକେଇ ଉଦ୍ଦେଶ୍ୟରେ ପ୍ରସ୍ତୁତ କରାଯାଇଥିଲା। ତଦନ୍ତ ସମୟରେ ଗୃହ ବିଭାଗର ବିଭିନ୍ନ ଚିଠିପତ୍ର, ଯାଞ୍ଚ ରିପୋର୍ଟ ଓ ଶିକ୍ଷାଗତ ଦଲିଲପତ୍ର ଜବତ କରାଯାଇଥିଲା। ଆଜି ନିର୍ଭରଯୋଗ୍ୟ ସୂଚନା ଆଧାରରେ ପୁରୀ ଜିଲ୍ଲାର ଗୋପ ତହସିଲ ଅନ୍ତର୍ଗତ ନାଗପୁର ଆର.ଆଇ. ସର୍କଲ ଅଞ୍ଚଳରୁ ଅଭିଯୁକ୍ତଙ୍କୁ କାବୁ କରାଯାଇଥିଲା। ପଚରାଉଚରା ବେଳେ ସେ ଘଟଣାରେ ନିଜର ସମ୍ପୃକ୍ତି ସ୍ୱୀକାର କରିଥିଲେ ଏବଂ ତାଙ୍କ ନିକଟରୁ ମୋନାଡ୍ ୟୁନିଭର୍ସିଟି ନାମରେ ପ୍ରସ୍ତୁତ ଲାମିନେଟେଡ୍ ବିସିଏ ସାର୍ଟିଫିକେଟ, ମାଇଗ୍ରେସନ ସାର୍ଟିଫିକେଟ ଏବଂ ପ୍ରୋଭିଜନାଲ ସାର୍ଟିଫିକେଟ ଜବତ କରାଯାଇଥିଲା। ତଦନ୍ତରୁ ସ୍ପଷ୍ଟ ହୋଇଥିଲା ଯେ, ଅଭିଯୁକ୍ତ ଜାଣିଶୁଣି ଜାଲିଆତି ଶିକ୍ଷାଗତ ପ୍ରମାଣପତ୍ର ପ୍ରସ୍ତୁତ କରି ତାହାକୁ ଅସଲି ବୋଲି ବ୍ୟବହାର କରି ସରକାରୀ ଚାକିରି ହାସଲ କରିବାକୁ ଉଦ୍ୟମ କରିଥିଲେ।

# ଗୋ-ମାଫିଆକୁ ଆଜୀବନ କାରାଦଣ୍ଡ ସହ ୫ ଲକ୍ଷ ଟଙ୍କାର ଜରିମାନା

କଟକ,(ନିପ୍ର): ଗୋ-ମାଫିଆଙ୍କୁ ଦଣ୍ଡ । ଗୋ-ମାଫିଆ ସେକ ଅର୍ମାନଙ୍କୁ ଆଜୀବନ କାରାଦଣ୍ଡ ସହ ୫ ଲକ୍ଷ ଟଙ୍କାର ଜରିମାନା ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ । ଆଠଗଡ଼ ଅତିରିକ୍ତ ଜିଲ୍ଲା ବିଚାରପତି ରାଜ କୁମାର ଦାସ ଏହି ଐତିହାସିକ ରାୟ ପ୍ରଦାନ କରିଛନ୍ତି। ଗତ ଫେବୃଆରୀ ମାସରେ ଖୁଣ୍ଟୁଣୀ ଥାନା ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ଗୋ-ଚାଲାଣ ସଂପର୍କରେ ଖବର ଚଢାଉ କରିଥିଲେ । ପରବର୍ତ୍ତୀ ସମୟରେ ଚୌଦ୍ୱାର ଥାନା ସୁଲତାନପୁର ଅଞ୍ଚଳର ସେକ ଅର୍ମନଙ୍କୁ ଗିରଫ କରିଥିଲା । ତାଙ୍କ ବିରୋଧରେ ପୋଲିସ ଅଭିଯୋଗ ପତ୍ର ମଧ୍ୟ ଦାୟର କରିଥିଲେ । ଜିଲ୍ଲା ଜଜ ଅଭିଯୋଗ ପତ୍ର ଓ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଏହି ଦଣ୍ଡାଦେଶ ଦେଇଛନ୍ତି । ସରକାରଙ୍କ ପକ୍ଷରୁ ଅତିରିକ୍ତ ସରକାରୀ ଓକିଲ ଦେବାଶିଷ ସିତ୍ ଏବଂ ସୁଶାନ୍ତ ମିଶ୍ର ଏହି ମୋକଦ୍ଦମାର ପରିଚାଳନା କରିଥିଲେ । ଭାରତୀୟ ନ୍ୟାୟ ସଂହିତା ୧୧୧(୨) ସଂଗଠିତ ଅପରାଧରେ ଦୋଷୀ ସାବ୍ୟସ୍ତ କରିଛନ୍ତି କୋର୍ଟ। ଏଥିରେ ଆଜୀବନ କାରାଦଣ୍ଡ ସହ ୫ ଲକ୍ଷ ଟଙ୍କାର ଜୋରିମାନା ଆଦେଶ ଦେଇଛନ୍ତି କୋର୍ଟ।

# ବରାଳଦେବୀ ବସ୍ ଦୁର୍ଘଟଣା: ବୃଦ୍ଧ ମୃତ




ଆସିକା (ନିପ୍ର): ଆଜି ସକାଳ ପ୍ରାୟ ୫ଟା ସମୟରେ ଗୁଣ୍ଠପଡା ଏନଏଚ ୧୫୭ ନିକଟରେ ଏକ ଘରୋଇ ବସ ଦୁର୍ଘଟଣାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ପ୍ରକାଶ ଥାଉକି ଆଜି ସକାଳ ୫ଟା ସମୟରେ ଭବାନୀପାଟଣାରୁ ବ୍ରହ୍ମପୁର ଯାଉଥିବା ଓଡ଼ି ୦୭ ଡ଼ି ୧୧୧୨ ନମ୍ବର ବିଶିଷ୍ଟ ବରାଳଦେବୀ ନାମକ ଏକ ଘରୋଇ ବସ ଗୁଣ୍ଠପଡା ନିକଟରେ ସୂର୍ଯ୍ୟ ନାରାୟଣ ମହାନ୍ତି (୬୫) କୁ ଧକ୍କା ଦେଇଥିଲା ସୂର୍ଯ୍ୟଙ୍କୁ ଆସିକା ଉପଖଣ୍ଡ ଚିକିତ୍ସାଳୟ କୁ ଅଣା ଯାଇଥିଲା ଏଠାରେ କାର୍ଯ୍ୟରତ ଡାକ୍ତର ତାଙ୍କ ମୃତ୍ୟୁ ଘୋଷଣା କରିଥିଲେ। ଖବର ପାଇ ଆସିକା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଥାନା କେସ ନମ୍ବର ୩୨୭ରେ ମାମଲା ରୁଜୁ କରି ବସ କୁ ଜବତ କରି ବସ୍ ଡ୍ରାଇଭର ଗୟାଧର ମଲ୍ଲିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଚଳନ୍ତା ଟ୍ରେନରେ ପ୍ରସବ; ଆରପିଏଫଙ୍କୁ ପ୍ରଶଂସାର ସୁଅ

## ଡାକ୍ତରଙ୍କ ନାଁରେ ସାଂଘାତିକ ଅଭିଯୋଗ

କଟକ,(ନିପ୍ର) : ଚଳନ୍ତା ଟ୍ରେନରେ ମହିଳାଙ୍କ ପ୍ରସବ। କଟକ ଆସିବା ବାଟରେ ଚଳନ୍ତା ଟ୍ରେନରେ ମହିଳା ଯାତ୍ରୀ ଜଣଙ୍କ ଏକ ଶିଶୁକନ୍ୟାକୁ ଜନ୍ମ ଦେଇଥିଲେ। ପରେ ପରେ ମେଡିକାଲରେ ଆଉ ଏକ ଶିଶୁକନ୍ୟା ଜନ୍ମ ଦେଇଥିବା ବେଳେ ତାର ମୃତ୍ୟୁ ଘଟିଛି। ତେବେ ରେଲୱେ ପୁଲିସ୍‌ର ରେଳ ମଦଦ ଆପ୍ ଫଳରେ ମହିଳାଙ୍କୁ ଉଦ୍ଧାର କରାଯାଇ ମେଡିକାଲ ପଠାଯାଇଥିଲା ଓ ତାଙ୍କ ଜୀବନ ବଞ୍ଚି ଯାଇଥିଲା। ଏଥିପାଇଁ ରେଲୱେ ପୁଲିସକୁ ସମସ୍ତେ ପ୍ରଶଂସା କରୁଛନ୍ତି। ରାଉରକେଲା-ଗୁଣୁପୁର ରାଜାରାଣୀ ଏକ୍ସପ୍ରେସର ଜେନେରାଲ୍ କୋଚରେ ଯାତ୍ରା କରୁଥିଲେ ମଲ୍ଲିକ ଦମ୍ପତି। ଭଦ୍ରକ ଅଞ୍ଚଳର ସୁଜିତ ମଲ୍ଲିକ ଗତକାଲି ତାଙ୍କ ଗର୍ଭବତୀ ସ୍ତ୍ରୀଙ୍କୁ ରାଉରକେଲାର ଏକ ହସ୍ପିଟାଲକୁ ନେଇଥିଲେ ମାସିକିଆ ଚେକ୍ ଅପ୍ ପାଇଁ। ସେଠାରୁ ସେମାନେ ଟ୍ରେନ୍‌ରେ କଟକ ଫେରୁଥିଲେ। ହଠାତ୍ ରାତି ପାଖାପାଖି ୨ଟା ସମୟରେ ତାଙ୍କ ସ୍ତ୍ରୀଙ୍କର ପ୍ରସବ ବେଦନା ଆରମ୍ଭ ହୋଇଥିଲା। ମେଡିକାଲ ସହ ଯୋଗାଯୋଗ କରାଯାଇ ମେଡିସିନ୍ ଦିଆଯାଇଥିଲେ ମଧ୍ୟ ଯନ୍ତ୍ରଣା କମିବା ବଦଳରେ ବଢ଼ିବାକୁ ଲାଗିଥିଲା। ଏନେଇ ରେଲ୍ ମଦଦ ଆପ୍‌ରେ ଅଭିଯୋଗ ପରେ କଟକ ରେଳ ଷ୍ଟେସନରେ ଆରପିଏଫ୍‌ର ଏକ ଟିମ୍ ତୁରନ୍ତ ପହଞ୍ଚିଥିଲା। ହେଲେ ସେତେବେଳକୁ ମହିଳା ଜଣଙ୍କ ଟ୍ରେନ୍ ଭିତରେ ଏକ ଶିଶୁକନ୍ୟାକୁ ଜନ୍ମ ଦେଇ ସାରିଥିଲେ। ଆରପିଏଫ୍ କର୍ମଚାରୀମାନେ ପ୍ଲାଟଫର୍ମର ଏକ ଅଂଶକୁ ଘେରାଉ କରି ଉକ୍ତ ମହିଳାଙ୍କ ପାଇଁ ଜରୁରୀ ଚିକିତ୍ସା ସହାୟତାର ବ୍ୟବସ୍ଥା କରିଥିଲେ। ଜଣେ ଫାର୍ମାସିଷ୍ଟ ମଧ୍ୟ ସ୍ୱଇଚ୍ଛାରେ ଆଗକୁ ଆସି ମା' ଓ ନବଜାତ ଶିଶୁଙ୍କୁ ପ୍ରାଥମିକ ସହାୟତା ପ୍ରଦାନ କରିଥିଲେ। ତେବେ ମହିଳା ଜଣଙ୍କ ଦ୍ୱିତୀୟ ଶିଶୁ ଜନ୍ମ ପାଇଁ ତୀବ୍ର ପ୍ରସବ ବେଦନା ଅନୁଭବ କରୁଥିଲେ। ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଏସସିବି ମେଡିକାଲକୁ ପଠାଯାଇଥିଲା। ହସ୍ପିଟାଲକୁ ନେବା ପରେ ଦ୍ୱିତୀୟ ଶିଶୁ ଜନ୍ମ ହୋଇଥିଲା। ହେଲେ ତାର ମୃତ୍ୟୁ ହୋଇଯାଇଥିଲା। ଏହି ମହିଳାଙ୍କୁ ମାସିକ ଚେକ୍ ଅପ୍ କରୁଥିବା ରାଉରକେଲାର ଜଣେ ଡାକ୍ତରଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣିଛନ୍ତି ତାଙ୍କ ସ୍ୱାମୀ ସୁଜିତ ମଲ୍ଲିକ। ସମ୍ଭାବ୍ୟ ଜନ୍ମ ସମୟର ଅଢ଼େଇ ମାସ ପୂର୍ବରୁ କିପରି ସନ୍ତାନ ଜନ୍ମ ହେଲା ଓ ଡାକ୍ତର ଜାଣିପାରିଲେ ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ଡାକ୍ତରଙ୍କ ଅବହେଳାରୁ ଏଭଳି ଘଟଣା ଘଟିଲା ବୋଲି ସେ କହିଛନ୍ତି। ଦୁଇ ଯମଜ କନ୍ୟା ମଧ୍ୟରୁ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଆଉ ଜଣେ ଶିଶୁକନ୍ୟା ମୃତ୍ୟୁ ସହିତ ସଂଗ୍ରାମ କରୁଛି। ସମୟ ପୂର୍ବରୁ ପ୍ରସବ ନେଇ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡାକ୍ତର ସରୋଜିନୀ ଷଡ଼ଙ୍ଗୀ କହିଛନ୍ତି ଯେ ଏହାର ଅନେକ କାରଣ ରହିଛି। ଉଚ୍ଚ ରକ୍ତଚାପ, ମଧୁମେହ, ଯମଜ ସନ୍ତାନ ଗର୍ଭଧାରଣ ଓ ଯାତ୍ରା କରିବା- ଏପରି ଅନେକ କାରଣ ଯୋଗୁଁ ଧାର୍ଯ୍ୟ ସମୟ ପୂର୍ବରୁ ପ୍ରସବ ହୋଇଥାଏ।

